R.N.I. REGN. No. 65000/96 POSTAL REGN. No. OR/BN-32/12-14

09 October 2025, Thursday

ତ୍ରିଂଶତ୍ତମ ବର୍ଷ

ସଂଖ୍ୟା : ୦୫

ତିଥି : ଦ୍ୱିତୀୟା

୦୯ ଅକ୍ଟୋବର ୨୦୨୫, ଗୁରୁବାର

ଭୁବନେଶ୍ୱର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

29th ANNIVERSARY

Bhubaneswar | Balasore | Angul | Berhampur | Sambalpur

### ମୁଖ୍ୟମନ୍ତ୍ରୀଙ୍କ ଆଇନ ଶୃଙ୍ଖଳା ସମୀକ୍ଷା

## ବିଶୃଙ୍ଖଳାକାରୀଙ୍କ ଉପରେ କଡା ନଜର ରଖ



ଭୁବନେଶ୍ୱର, ୮ ।୧୦ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ସମୀକ୍ଷା କରିବା ସହିତ ରାଜ୍ୟର ସମସ୍ତ ଅଞ୍ଚଳରେ ଅସାମାଜିକ ବ୍ୟକ୍ତି, ବିଶୃଙ୍ଖଳାକାରୀ ତଥା ଅନ୍ୟାନ୍ୟ ସଂଦିଗ୍ଧ ବ୍ୟକ୍ତିମାନଙ୍କ ଉପରେ କଡା ନଜର ରଖିବାକୁ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ।

ବୈଠକରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏକ ଶାନ୍ତିପୂର୍ଣ୍ଣ ରାଜ୍ୟଭାବେ ପରିଚିତ ଓଡିଶାର ଛବିକୁ ମଳିନ କରିବା ପାଇଁ କିଛି ଉଦ୍ଦେଶ୍ୟ ପ୍ରଣୋଦିତ ଗୋଷ୍ଠୀ ଉଦ୍ୟମ କରୁଛନ୍ତି । ସେମାନଙ୍କୁ ଦୃଢହସ୍ତରେ ଦମନ କରିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରି ଏପରି ବ୍ୟକ୍ତିମାନଙ୍କ ଉପରେ ସତର୍କ ଦୃଷ୍ଟି ରଖିବାକୁ ସେ ପୋଲିସ ଉଚ୍ଚ ପଦାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

କଟକ ଘଟଣାରେ ପରିସ୍ଥିତି ସ୍ୱାଭାବିକ ହେଉଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା । କର୍ଫ୍ୟୁ ଉଠିବା ସହିତ ଇଣ୍ଟରନେଟ ସେବା ପୁନଃସ୍ଥାପିତ ହୋଇଛି ବୋଲି ଜଣାଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପରିସ୍ଥିତି ସାମାନ୍ୟ ହେଲେ ମଧ୍ୟ ପୋଲିସକୁ ସତର୍କ ରହିବାକୁ ପଡିବ ଏବଂ କୌଣସି ପରିସ୍ଥିତିରେ କୋହଳ ମନୋଭାବ ପୋଷଣ କରିବା ଉଚିତ୍ ନୁହେଁ । ବର୍ତ୍ତମାନ ପରିସ୍ଥିତିରେ ସବୁ ସମ୍ବେଦନଶୀଳ ଅଞ୍ଚଳରେ ପୋଲିସ ଫୋର୍ସ ମୁତୟନ ସହିତ ପାଟ୍ରୋଲିଙ୍ଗ୍ ଜାରି ରଖାଯାଉ ।

ଭାଇଚାରାର ସହରରେ ଯେପରି ସାମାଜିକ ସଦ୍‌ଭାବ ଫେରି ଆସିବ ସେଥିପାଇଁ ବିଭିନ୍ନ ଗୋଷ୍ଠୀର ନେତୃବୃନ୍ଦଙ୍କ ସହିତ ପୋଲିସ ଉଚ୍ଚ ପଦାଧିକାରୀମାନେ ଆଲୋଚନା ଜାରି ରଖିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସୂଚନାଯୋଗ୍ୟ ଯେ, ପୂର୍ବରୁ ମୁଖ୍ୟମନ୍ତ୍ରୀ ଭାଇଚାରାର ସହର କଟକର ଅଧିବାସୀଙ୍କୁ ଶାନ୍ତି ଶୃଙ୍ଖଳା ଫେରାଇ ଆଣିବା ପାଇଁ ନିବେଦନ କରିଥିଲେ ।

ବ୍ରହ୍ମପୁରର ଆଇନଜୀବୀ ତଥା ସମାଜସେବୀ ସ୍ୱର୍ଗତ ପିତବାସ ପଣ୍ଡାଙ୍କ ହତ୍ୟାକାଣ୍ଡ ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ହତ୍ୟାକାରୀମାନଙ୍କୁ ତୁରନ୍ତ ଖୋଜି ବାହାର କରିବାକୁ ନିର୍ଦ୍ଦେଶ ଦେବା ସହିତ ଅପରାଧୀମାନେ ଯେପରି ଆଇନର ସମ୍ମୁଖୀନ (୯ ପୃଷ୍ଠାରେ)

### ପୀତବାସ ପଣ୍ଡାଙ୍କ ହତ୍ୟା ମାମଲା

## ରାଜ୍ୟବ୍ୟାପୀ ଆଇନ୍‌ଜୀବୀଙ୍କ କଲମ ଛାଡ ଆନ୍ଦୋଳନ




**ବ୍ରହ୍ମପୁରରେ କ୍ୟାଣ୍ଡେଲ ଶୋଭାଯାତ୍ରା**

**ଆନ୍ଦୋଳନ ଚାଲୁ ରଖିବାକୁ ବାର୍ କାଉନ୍‌ସିଲ୍‌କୁ ଅନୁରୋଧ**

କଟକ/ବ୍ରହ୍ମପୁର, ୮ ।୧୦ (ସବ୍ୟୁ): ଆଇନଜୀବୀ ପୀତବାସ ପଣ୍ଡାଙ୍କ ନିର୍ମମ ହତ୍ୟା ଘଟଣାରେ ରାଜ୍ୟବ୍ୟାପୀ ଆଇନ୍‌ଜୀବୀମାନେ କଲମ ଛାଡ ଆନ୍ଦୋଳନ କରିଛନ୍ତି । ବ୍ରହ୍ମପୁରରେ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି । ଏହି ଘଟଣାର ଦୋଷୀମାନେ ଗିରଫ ନ ହେବା ପର୍ଯ୍ୟନ୍ତ କଲମଛାଡ ଆନ୍ଦୋଳନ ଜାରି ରଖିବା ପାଇଁ ବହୁ ଯୁବ ଆଇନ୍‌ଜୀବୀ ରାଜ୍ୟ ଆଇନ୍‌ଜୀବୀ ପରିଷଦ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି । ଓକିଲଙ୍କ ଆନ୍ଦୋଳନର ପ୍ରଭାବ ସାରା ରାଜ୍ୟରେ ଦେଖିବାକୁ ମିଳିଛି ।

ପୀତବାସ ପଣ୍ଡାଙ୍କ ହତ୍ୟାକୁ ଯେତେ ନିନ୍ଦା କଲେ ବି କମ୍ ହେବ । ଏହା କେବଳ ଜଣେ ଆଇନଜୀବୀଙ୍କ ହତ୍ୟା ନୁହେଁ ସମଗ୍ର ଆଇନ ସମାଜକୁ ଏହା ଅପରାଧୀଙ୍କ ଏକ ଖୋଲା ଚାଲେଞ୍ଜ । ନିର୍ଭୟରେ ଆଇନଜୀବୀମାନେ ସେମାନଙ୍କ ଦାୟିତ୍ୱ ଯେପରି ନିର୍ବାହ କରି ନପାରିବେ ସେମାନଙ୍କ କଣ୍ଠରୋଧ କରିବାକୁ ଏହା ଏକ ଉଦ୍ୟମ । ଏଭଳି ଏକ ଘଟଣା ଆଇନଜୀବୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି ବୋଲି ଯୁବ ଆଇନଜୀବୀମାନେ ଉଲ୍ଲେଖ କରିଛନ୍ତି । ଯେଉଁ କଲମ ଛାଡ଼୍ ଆନ୍ଦୋଳନର ଡାକରା ଦିଆଯାଇଥିଲା ଏଥିରେ ଯୁବ ଆଇନଜୀବୀମାନେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ । 'ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ ଯେଉଁ ଆପ୍ତବାକ୍ୟ ରହିଛି ଏଥିରେ ସେମାନେ ବିଶ୍ୱାସ କରନ୍ତି । ଯଦି ପୀତବାସ ପଣ୍ଡାଙ୍କ ହତ୍ୟାକାରୀଙ୍କୁ ଗିରଫ କରିବାରେ ବିଳମ୍ବ ହୁଏ ତାହେଲେ ଏହାକୁ ବିଳମ୍ବିତ ନ୍ୟାୟ ବୋଲି ଧରାଯିବ । (୯ ପୃଷ୍ଠାରେ)

## ରସାୟନ ବିଜ୍ଞାନରେ ୩ ବୈଜ୍ଞାନିକଙ୍କୁ ନୋବେଲ



ନୂଆଦିଲ୍ଲୀ, ୮ ।୧୦ : ରସାୟନ ବିଜ୍ଞାନ କ୍ଷେତ୍ରରେ ଗବେଷଣା ଲାଗି ୩ ବୈଜ୍ଞାନିକଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯିବ । ମେଟାଲ ଅର୍ଗାନିକ୍ ଫ୍ରେମ୍ ୱାର୍କ (ଏମ୍ଓଏଫ୍) ଉପରେ କାର୍ଯ୍ୟ କରି ଜାପାନର କ୍ୟୋଟୋ ବିଶ୍ୱବିଦ୍ୟାଳୟର ସୁସୁମୁ କିଟାଗାୱା, ଅଷ୍ଟ୍ରେଲିଆ ମେଲବର୍ଣ୍ଣ ବିଶ୍ୱବିଦ୍ୟାଳୟର ରିଚାର୍ଡ ରବସନ, ଆମେରିକା ବରକିଲ୍‌ର କାର୍ଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଓମାର ଏମ୍ ୟାଘିଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ । ରୟାଲ୍ସ ସ୍ୱିଡିସ ଏକାଡେମୀ ଅଫ୍ ସାଇନ୍ସ ଏହି ଘୋଷଣା କରିଛି । ୩ ବୈଜ୍ଞାନିକଙ୍କୁ ୧୧ ନିୟୁତ ସ୍ୱିଡିସ କ୍ରାଉନ୍ ଅର୍ଥ ରାଶି ପ୍ରଦାନ କରାଯିବ ।

ଏହି ୩ ବୈଜ୍ଞାନିକ ଏକାଠି ମିଶି ବିଭିନ୍ନ ଅଣୁଗୁଡ଼ିକୁ ନିର୍ଦ୍ଦିଷ୍ଟ ଉପାୟରେ ମିଶ୍ରଣ କରି କିଭଳି ଏକ ସଂରଚନା ସୃଷ୍ଟି କରାଯାଇପାରିବ ତାହା ଉପରେ ଗବେଷଣା କରୁଥିଲେ । ଅଣୁମାନଙ୍କ ମଧ୍ୟରେ ବଡ ସ୍ଥାନ ଓ ଛିଦ୍ର ସ୍ଥାନ ରହିଥାଏ । ଏହି ଛିଦ୍ରଗୁଡ଼ିକ ଗ୍ୟାସ୍ କିମ୍ବା ଅନ୍ୟାନ୍ୟ ରସାୟନ ପଦାର୍ଥଗୁଡ଼ିକୁ ସହଜରେ ଯିବାକୁ ଅନୁମତି ଦିଅନ୍ତି । ଏହି ସଂରଚନାକୁ ପରବର୍ତ୍ତୀ ସମୟରେ ମେଟାଲ ଅର୍ଗାନିକ୍ (୯ ପୃଷ୍ଠାରେ)

## ରାଜଧାନୀରେ ବର୍ଷିଲା, ବୁଡ଼େଇଲା

**ଘଣ୍ଟାଏରେ ୪୦ ମିମି ବର୍ଷା**

**ରାଜ୍ୟରେ ଆଉ ୪ ଦିନ ବର୍ଷା**



ଭୁବନେଶ୍ୱର, ୮ ।୧୦ (ସବ୍ୟୁ): ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଥିବା ବେଳେ ଆଜି ଭୁବନେଶ୍ୱରକୁ ଘାଇଲା କରିଛି ଘଣ୍ଟାଏ କାଳର ବର୍ଷା । ପ୍ରବଳ ବର୍ଷା ପରେ ବେହାଲ ହୋଇଛି ରାଜଧାନୀ । ରାସ୍ତାରେ ପାଣି, ଘରେ ପାଣି ପଶି ଜୀବନ ଅସ୍ତବ୍ୟସ୍ତ ହୋଇଛି । ବର୍ଷା ପାଇଁ ଗାଡ଼ି ଫସିଲା, ଟ୍ରାଫିକ ଜାମ ହୋଇଛି । ଏମିତି ନାନା ସମସ୍ୟାରେ ଭୁବନେଶ୍ୱର ଆଜି ଘଣ୍ଟାଏ ବର୍ଷା ପରେ ସମ୍ମୁଖୀନ ହୋଇଥିଲା । ଆଗାମୀ ତିନିଦିନ ଯାଏଁ ଭୁବନେଶ୍ୱରରେ ପୁଣି ବର୍ଷା ହେବା ସହ ସ୍ଥିତି ସାଙ୍ଘାତିକ ହେବା ନେଇ ଆଶଙ୍କା କରାଯାଉଛି ।

ଦ୍ୱିପ୍ରହରରେ ଅନ୍ଧାର ହୋଇଗଲା ରାଜଧାନୀ । ଘଣ୍ଟାଏରେ ୪୦ ମିମି ପ୍ରବଳ ବର୍ଷିଲା, ଭସେଇଲା...ଜାମ୍ ହୋଇଗଲା ସହର । ଯିଏ ଯେଉଁଠି, ସେଇଠି ଅଟକିଲା । ସରକାରୀ କ୍ୱାର୍ଟରରେ ପଶିଲା ପାଣି । ରାଜରାସ୍ତାରେ ସୃଷ୍ଟି ହୋଇଛି ନଦୀର ଭ୍ରମ । ଏହାସହ ପ୍ରଚଣ୍ଡ ବିଜୁଳି ଘଡଘଡି ସହ ପ୍ରବଳ ବର୍ଷାରେ ଉବୁଟୁବୁ ହୋଇଛି । ରାସ୍ତାରେ ଆଣ୍ଠୁଏ ଉଚ୍ଚରେ ପାଣି ଚାଲିଲା । ସେପଟେ ପୁଣି ଆସୁଛି ବଡ ବର୍ଷା ।

ଆଉ ଏକ ଘୂର୍ଣ୍ଣିବଳୟ ଆସନ୍ତା ୧୦ ତାରିଖ ବେଳକୁ ଉତ୍ତର-ବଙ୍ଗୋପସାଗର ଅଞ୍ଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଯାହାର ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ହେବ । ଗୋଟିଏ ଲଘୁଚାପ ପ୍ରଭାବ ସରି ଆସୁଥିବା ବେଳେ ପୁଣି ଏକ ଘୂର୍ଣ୍ଣିବଳୟ (୯ ପୃଷ୍ଠାରେ)

## କଫ୍ ସିରପ ନେଲାଣି ୨୦ ଜୀବନ

ନୂଆଦିଲ୍ଲୀ, ୮ ।୧୦ : ବିଷାକ୍ତ କଫ୍ ସିରଫରେ ଶିଶୁ ମୃତ୍ୟୁ ମାମଲା ୨୦ରେ ପହଞ୍ଚିଲାଣି । ତେବେ ଏହି ମାମଲାରେ ଏବେସୁଦ୍ଧା ମାତ୍ର ଜଣଙ୍କୁ ଗିରଫ କରାଯାଇଛି । ଡାକ୍ତରଙ୍କ ଗ୍ରୁପ୍ ପକ୍ଷରୁ କୁହାଯାଇଛି ଯେ କୋଲଡ୍ରିପ୍ କଫ୍ ସିରଫକୁ ଏବେ କିଲର ସିରଫ ଭାବେ ବର୍ଣ୍ଣନା କରାଯାଇଛି । ଯେଉଁଥିରେ ପ୍ରାୟ ବିଷାକ୍ତ ପଦାର୍ଥ ୪୮.୬% ରହିଛି । ତେଣୁ ଅଧିକାଂଶ ଔଷଧ କମ୍ପାନୀକୁ ନିଷିଦ୍ଧ କରିବାର ଆବଶ୍ୟକତା ରହିଛି ।

ବିଷାକ୍ତ କଫସିରଫର ସଙ୍କଟ ଏବେ ବୃଦ୍ଧି ପାଇବାରେ ଲାଗିଛି । ମଧ୍ୟପ୍ରଦେଶରୁ ଏହା ଆରମ୍ଭ ହୋଇ ଅନ୍ୟାନ୍ୟ ରାଜ୍ୟରେ ଦେଖିବାକୁ ମିଳିଛି । ସର୍ବଭାରତୀୟ ସ୍ତରୀୟ ଡାକ୍ତରମାନଙ୍କ ସଂଗଠନ ଦାବି କରିଛନ୍ତି ଯେ ଶିଶୁ ମୃତ୍ୟୁ ପାଇଁ କେବଳ ଡାକ୍ତରଙ୍କୁ ଦାୟୀ କରିବା ଠିକ୍ ନୁହେଁ । ଏହା ଦୁର୍ଭାଗ୍ୟଜନକ । ମୃତ୍ୟୁବରଣ କରିଥିବା ଶିଶୁଙ୍କ ପରିବାରବର୍ଗଙ୍କ ପ୍ରତି ଆମେ ସମବେଦନା ଗଣାଉଛି । ଅଧିକାଂଶ ଔଷଧ କମ୍ପାନୀକୁ ନିଷିଦ୍ଧ କରିବାର ଆବଶ୍ୟକତା ରହିଛି । ମଧ୍ୟପ୍ରଦେଶରେ ଏଭଳି (୯ ପୃଷ୍ଠାରେ)

### ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

## ୧୧୯ ଜଣଙ୍କ ଜାମିନ ଖାରଜ

ବ୍ରହ୍ମପୁର, ୮ ।୧୦ (ସବ୍ୟୁ): ବହୁଚର୍ଚ୍ଚିତ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ୧୧୪ ପରୀକ୍ଷାର୍ଥୀ ଓ ୫ ଦଲାଲଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି । ଏହି ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ ପାଇଁ ବିଭିନ୍ନ ଓକିଲ ପୂର୍ବରୁ ବ୍ରହ୍ମପୁର ଜେଏମଏଫସି(ଗ୍ରାମୀଣ) ଅଦାଲତରେ ଆବେଦନ କରିଥିଲେ । ଆଜି ସେହି ଆବେଦନଗୁଡ଼ିକର ଶୁଣାଣି ହୋଇଥିଲା । ସରକାରୀ ଓକିଲ ଜାମିନ ଆବେଦନର ବିରୋଧ କରିଥିଲେ । ସେହିକ୍ରମରେ ଅଦାଲତର ମାଜିଷ୍ଟ୍ରେଟ ସମସ୍ତ ୧୧୯ ଅଭିଯୁକ୍ତର ଜାମିନ ଆବେଦନକୁ ଖାରଜ କରିଦେଇଥିଲେ ବୋଲି ପିପି ବିଶ୍ୱଜିତ ବରାଳଙ୍କ ଠାରୁ ସୂଚନା ମିଳିଛି ।

ଅନ୍ୟପକ୍ଷରେ ଏହି ୧୧୪ ଜଣ ପରୀକ୍ଷାର୍ଥୀ ଓ ୩ ଜଣ ଦଲାଲଙ୍କୁ ୩ଟି ବସରେ ଧରି ବିଜୟନଗରମ ଯାଉଥିବା ୬ ଜଣ ବସ କର୍ମଚାରୀଙ୍କ ବୟାନ ରେକର୍ଡ ହୋଇଥିବା ଜଣାପଡିଛି । ଏହି କର୍ମଚାରୀମାନେ ବସ ଭଡା ବାବଦକୁ କାହାଠାରୁ ନିର୍ଦ୍ଦେଶ ପାଇଥିଲେ । ସେମାନେ କେଉଁ ସ୍ଥାନରୁ ପରୀକ୍ଷାର୍ଥୀ ଓ ଦଲାଲଙ୍କୁ ବସରେ ଉଠାଇଥିଲେ। ସେହିପରି ପରୀକ୍ଷାର୍ଥୀଙ୍କୁ (୯ ପୃଷ୍ଠାରେ)

## ଚିରଞ୍ଜୀବ ବିଶ୍ୱାଳ ବିଜେଡି ଉପସଭାପତି



ଭୁବନେଶ୍ୱର, ୮ ।୧୦ (ସବ୍ୟୁ) : ପୂର୍ବତନ ବିଧାୟକ ତଥା ବରିଷ୍ଠ ନେତା ଚିରଞ୍ଜୀବ ବିଶ୍ୱାଳ ବିଜେଡିର ଉପସଭାପତି ହୋଇଛନ୍ତି । ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ସ୍ୱାକ୍ଷରରେ ଜାରି ହୋଇଥିବା ପ୍ରେସ୍ ବିଜ୍ଞପ୍ତିରେ ଏହା ଉଲ୍ଲେଖ କରାଯାଇଛି । ଶ୍ରୀ ବିଶ୍ୱାଳଙ୍କର ରାଜନୈତିକ କ୍ଷେତ୍ରରେ ଅନେକ ଅଭିଜ୍ଞତା ରହିଛି । ସେ ପ୍ରଥମେ ତିର୍ତ୍ତୋଲ ଓ ପରେ ଜଗତସିଂହପୁରରୁ ବିଧାୟକ ଭାବେ ନିର୍ବାଚିତ ହୋଇସାରିଛନ୍ତି । ଏହାଛଡା ଦଳ ପକ୍ଷରୁ ପୁଷ୍ପେନ୍ଦ୍ର ସିଂହଦେଓ ଓ ଗଣେଶ୍ୱର ବେହେରାଙ୍କୁ ବରିଷ୍ଠ (୯ ପୃଷ୍ଠାରେ)

## ନୂଆପଡା ଉପନିର୍ବାଚନ ଲାଗି ରାଜନୈତିକ ବାତାବରଣ ଉଷ୍ମ

**▲ ପ୍ରାର୍ଥୀ ଘୋଷଣାରେ କଂଗ୍ରେସ ଆଗରେ**

**▲ ବିଜେଡି ଗଠନ କଲା କମିଟି**

**▲ ବିଜେପିରେ ଚାଲିଛି ଅଙ୍କକଷା**

ଭୁବନେଶ୍ୱର, ୮ ।୧୦ (ସବ୍ୟୁ) : ନୂଆପଡା ଉପନିର୍ବାଚନ ଲାଗି ରାଜନୈତିକ ବାତାବରଣ ବେଶ୍ ଉଷ୍ମ ହେବାରେ ଲାଗିଛି । ଉପନିର୍ବାଚନରେ ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ବିଜେପି ମଧ୍ୟରେ ଲଢ଼େଇ ହେବା ପ୍ରାୟତଃ ସ୍ପଷ୍ଟ ହୋଇଛି । ଏହି ୩ ରାଜନୈତିକ ଦଳ ଏବେ ନିର୍ବାଚନ ଜିତିବା ଲାଗି ରଣନୀତି ପ୍ରସ୍ତୁତ କରିବାରେ ଲାଗି ପଡ଼ିଛନ୍ତି । ତେବେ କେବଳ କଂଗ୍ରେସକୁ ଛାଡିଦେଲେ ଏ ପର୍ଯ୍ୟନ୍ତ ବିଜେଡି ଓ ବିଜେପି ସେମାନଙ୍କ ପ୍ରାର୍ଥୀ ବିଧିବଦ୍ଧ ଭାବେ ଘୋଷଣା କରିନାହାନ୍ତି ।

ପ୍ରାର୍ଥୀ ଘୋଷଣାରେ କଂଗ୍ରେସ ଆଗରେ ରହିଛି । ୨୦୨୪ ନିର୍ବାଚନରେ ସ୍ୱାଧୀନ ଲଢୁଥିବା ଘାସିରାମ ମାଝୀଙ୍କୁ ଦଳ ପ୍ରାର୍ଥୀ କରିଛି । ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ସେ ୫୧ ହଜାରରୁ ଉର୍ଦ୍ଧ୍ୱ ଭୋଟ୍ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ । କଂଗ୍ରେସର ପ୍ରାର୍ଥୀ ହୋଇଥିବା ତତ୍‌କାଳୀନ ପିସିସି ସଭାପତି ଶରତ ପଟ୍ଟନାୟକ ମାତ୍ର ୧୫ ହଜାର ଭୋଟ୍ ପାଇଥିଲେ । ଭୋଟ୍ ସଂଖ୍ୟାକୁ ହିସାବ କରି ଯଦି ରାଜନୈତିକ ଗଣିତକୁ ବିଶ୍ଳେଷଣ କରାଯାଏ ତେବେ କଂଗ୍ରେସ ପ୍ରାର୍ଥୀ ସୁବିଧାଜନକ ସ୍ଥିତିରେ ଅଛି ବୋଲି ଯେ କେହି କହିପାରିବ । ପିସିସି ସଭାପତି ଭକ୍ତ ଚରଣ ଦାସ ନୂଆପଡାରେ ରହି ଲୋକଙ୍କୁ ଭେଟିବା ସହ ରଣନୀତି ପ୍ରସ୍ତୁତ କରୁଛନ୍ତି । ଅପରପକ୍ଷରେ ବିଜେଡି ପୂର୍ବତନ ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢ଼ୋଲକିଆଙ୍କ ପୁତ୍ର ଜୟ ଢ଼ୋଲକିଆଙ୍କୁ ପ୍ରାର୍ଥୀ କରିପାରେ ବୋଲି ଆପାତତଃ ଜଣାପଡୁଛି । ତେବେ ନୂଆପଡା ଉପନିର୍ବାଚନ ପାଇଁ ବିଜେଡି ଆଜି ତିନୋଟି କମିଟି ଗଠନ କରିଛି । ଷ୍ଟିଅରିଂ କମିଟିରେ ପ୍ରସନ୍ନ ଆଚାର୍ଯ୍ୟ, ନିରଞ୍ଜନ ପୁଜାରୀ, ସ୍ନେହାଙ୍ଗିନୀ ଛୁରୀଆ, ଟୁକୁନି ସାହୁ, ନିରଞ୍ଜନ ବିସି ଓ ଆୟୁବ ଖାନ୍ ଥିବାବେଳେ ଜୋନାଲ କମିଟିରେ କଳିକେଶ ନାରାୟଣ ସିଂହଦେଓ, ଶାରଦା ନାୟକ, ସୁଦାମ ମାରାଣ୍ଡି, ଦେବଶ ଆଚାର୍ଯ୍ୟ, ସରୋଜ ମେହେର, ମନୋହର ରାନ୍ଧାରୀ, ରୋହିତ ପୂଜାରୀ, ପ୍ରଦୀପ ମାଝୀ, ଯୋଗେଶ ସିଂହ, ବିକ୍ରମ ପଣ୍ଡା ଅଛନ୍ତି । ସ୍ଥାନୀୟ କମିଟିରେ ଅଧିରାଜ ପାଣିଗ୍ରାହୀ, ଅବନୀ ଯୋଶୀ ଓ ମନୋଜ ମିଶ୍ର ରହିଛନ୍ତି । ସମ୍ଭବତଃ ଏମାନଙ୍କ କାନ୍ଧରେ ନୂଆପଡା ଉପନିର୍ବାଚନ ଦାୟିତ୍ୱ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ନ୍ୟସ୍ତ କରିବାକୁ ଯାଉଛନ୍ତି । ଅପରପକ୍ଷରେ (୯ ପୃଷ୍ଠାରେ)

### ନାବାଳିକାଙ୍କୁ ଅସଦାଚରଣ ନେଇ ତୁମୁଳକାଣ୍ଡ


## ପୋଲିସକୁ ଆକ୍ରମଣ, ପିସିଆର ଭଙ୍ଗାରୁଜା

ଭୁବନେଶ୍ୱର, ୮ ।୧୦ (ସବ୍ୟୁ) : ଘରେ କେହି ନଥିବାବେଳେ ଘର ମାଲିକ ଘରେ ପଶି ନାବାଳିକାଙ୍କୁ ଅସଦାଚରଣ କରିଥିବା ଅଭିଯୋଗକୁ ନେଇ ତମାଣ୍ଡୋ ଥାନା ଅଞ୍ଚଳରେ ତୁମୁଳ କାଣ୍ଡ ଘଟିଛି । ଉତ୍ୟକ୍ତ ଲୋକମାନେ ପୋଲିସକୁ ଆକ୍ରମଣ କରିବା ସହ ଗାଡ଼ି ଭଙ୍ଗାରୁଜା କରିଛନ୍ତି । ପୋଲିସ ୩ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ଦୁଇଟି ମାମଲାରେ ୪ ଜଣଙ୍କୁ ଗିରଫ କରିଛି ।

ଘଟଣାରୁ ପ୍ରକାଶ ଯେ କଳିଙ୍ଗନଗର କେ-୪ରେ ରୁହନ୍ତି ଅରବିନ୍ଦ ମଲ୍ଲିକ (୬୪) । ସେ ଘରର ଉପର ମହଲାରେ ରହୁଥିବା ବେଳେ ତଳ ମହଲାକୁ ଭଡା ଦେଇଛନ୍ତି । ଭଡା ରହୁଥିବା ପରିବାରର ସଦସ୍ୟମାନେ ଲକ୍ଷ୍ମୀପୂଜା ଦେଖିବା ପାଇଁ ଯାଇଥିବା ବେଳେ ଘରେ ଏକୁଟିଆ ନାବାଳିକା ଅଭିଯୋଗକାରିଣୀ ଥିଲେ । ଏହି ସମୟରେ ଘର ମାଲିକ ଅଭିଯୁକ୍ତ ଅରବିନ୍ଦ ତାଙ୍କ ଘରେ ପଶି ନାବାଳିକାଙ୍କୁ ଅସଦାଚରଣ କରିବା ସମୟରେ ସେ ଚିତ୍କାର କରି ବାହାରକୁ ପଳାଇ ଆସିଥିଲେ । ତାଙ୍କ ଚିତ୍କାର ଶୁଣି ସାହି ପଡ଼ିଶା ଲୋକମାନେ ପହଞ୍ଚି ଅରବିନ୍ଦଙ୍କୁ ମାଡ ମାରିବା ସହ ଅଟକାଇ ରଖି ପିସିଆର୍‌କୁ ଫୋନ୍ କରିଥିଲେ । ପିସିଆର୍ ପହଞ୍ଚିବାରେ ବିଳମ୍ବ ହେବାରୁ ପୋଲିସକୁ ଆକ୍ରମଣ କରି ଗାଡିକୁ ଭଙ୍ଗାରୁଜା କରିଥିଲେ । ନାବାଳିକା ଅଭିଯୋଗକାରିଣୀଙ୍କ ଅଭିଯୋଗ ଆଧାରରେ ପୋଲିସ ଘର ମାଲିକ ଅରବିନ୍ଦ ମଲ୍ଲିକ (୬୪)କୁ ପୋକ୍‌ସୋ ଦଫାରେ ଗିରଫ କରିଛି ।

ପୋଲିସକୁ ଆକ୍ରମଣ କରିବା ଅଭିଯୋଗରେ ୩ଜଣଙ୍କୁ ଗିରଫ କରାଯାଇଛି । ଅଭିଯୋଗକାରୀ ଆଶିଷ କୁମାର ସାହୁଙ୍କ ଅଭିଯୋଗ ଆଧାରରେ ପ୍ରିୟରଞ୍ଜନ ପାତ୍ର (୨୫), ସୁମିତ କୁମାର ସାହୁ (୨୨), ଭାରତ ଭୂଷଣ ସାହୁ (୨୧)କୁ ଗିରଫ କରାଯାଇଥିବା ବେଳେ ତଦନ୍ତ ଜାରି ରହିଛି । ବିନୋଦ କୁମାର ପାତ୍ରଙ୍କ ପୁଅ ପ୍ରିୟରଞ୍ଜନ ପାତ୍ର, ସ୍ତ୍ରୀ ମଞ୍ଜୁଲତା ପାତ୍ର, ଦୁଇଝିଅ ପ୍ରଜ୍ଞାପାରମିତା ପାତ୍ର ଏବଂ ବର୍ଷା ବିଦୂସ୍ମିତା ପାତ୍ର ଗତ ଦୁଇମାସ ପୂର୍ବରୁ ଅରବିନ୍ଦ ମଲ୍ଲିକଙ୍କ (୯ ପୃଷ୍ଠାରେ)

# ଅନନ୍ୟ ସେବାର ପ୍ରତୀକ : ଉତ୍କଳମଣି ଗୋପବନ୍ଧୁ






ଭଗବାନଙ୍କ ସୃଷ୍ଟିରେ ଯେଉଁ ମହାନ ପୁରୁଷ ମାନେ ଜନ୍ମ ନିଅନ୍ତି ସେମାନଙ୍କ ସମଗ୍ର ଜୀବନ ସମାଜ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ । ସେଥିମଧ୍ୟରୁ ଉତ୍କଳମଣି ଗୋପବନ୍ଧୁ ଦାସ ଥିଲେ ଜଣେ ଅନନ୍ୟ ନିଃସ୍ୱାର୍ଥପର ଦେଶପ୍ରେମୀ । ସେ ୧୮୭୭ ମସିହା ଅକ୍ଟୋବର ୯ ତାରିଖ ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ସେ ଜଣେ ଦେଶ ସେବକ, ରାଜନୀତିଜ୍ଞ, ସାମ୍ବାଦିକ, ବିଧାୟକ, ସମାଜ ସଂସ୍କାରକ ଏବଂ ସ୍ୱାଧୀନତା ସଂଗ୍ରାମୀ ଭାବେ ଅମର ହୋଇ ରହିଛନ୍ତି । ତାଙ୍କର ମହତ ଚିନ୍ତାଧାରା ଓ ଜୀବନ ଦର୍ଶନ ଆଜି ବି ସମଗ୍ର ବିଶ୍ୱକୁ ଦିଗଦର୍ଶନ ପ୍ରଦାନ କରୁଛି । ଉତ୍କଳବାସୀଙ୍କ ହୃଦୟରେ ଉତ୍କଳରମଣି ହୋଇ ସେ ରହିଛନ୍ତି । ଦୀନ, ଦୁଃଖୀ ଓ ବନ୍ୟା ମରୁଡିଗ୍ରସ୍ତ ଲୋକଙ୍କ ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିବା ସେହି ମହାନ ଆତ୍ମାଙ୍କୁ ଆଜି ବି ସମଗ୍ର ଦେଶ ମନେ ରଖିଛି । ସେ ଅଳ୍ପ ବୟସରେ ତାଙ୍କ ମାତାଙ୍କୁ ହରାଇ ଥିଲେ । ତାଙ୍କ ପିଉସୀ ତାଙ୍କର ଲାଳନ ପାଳନ କରିଥିଲେ । ସେ ପୁରୀରୁ ମାଟ୍ରିକ ପାସ କରି କଟକର ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟୟନ କରିଥିଲେ । ବହୁତ ଅଳ୍ପ ବୟସରେ ବିବାହ ହୋଇଥିଲେ ମଧ୍ୟ ପାଠ ପଢା ଜାରି ରଖିଥିଲେ । ସମାଜ ସେବାକୁ ସେ ତାଙ୍କ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ । ପୁରୀରେ ହଇଜା ରୋଗରେ ପୀଡ଼ିତ ଲୋକମାନଙ୍କର ସେବା ପାଇଁ ସେ 'ପୁରୀ ସେବା ସମିତି' ପ୍ରତିଷ୍ଠା କରିଥିଲେ । ଏହି ସଂଗଠନର ସାଥୀମାନଙ୍କ ସହ ସେ ରୋଗୀସେବା, ପରିବେଶର ପରିଚ୍ଛନ୍ନତା ଓ ଶବସଂସ୍କାର ଇତ୍ୟାଦି କାମ କରୁଥିଲେ । ତାଙ୍କ ନେତୃତ୍ୱରେ ସାକ୍ଷୀଗୋପାଳର ବକୁଳ ବନ ନିକଟରେ ୧୯୦୯ ମସିହାରେ ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ୧୯ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରଥମେ ଶିକ୍ଷା ଆରମ୍ଭ କରାଯାଇଥିଲା । ଗୋପବନ୍ଧୁଙ୍କ ସହ ପଞ୍ଚସଖା ନୀଳକଣ୍ଠ ଦାଶ, କୃପାସିନ୍ଧୁ ମିଶ୍ର, ଆଚାର୍ଯ୍ୟ ହରିହର ଦାସ, ଗୋଦାବରିଶ ମିଶ୍ର ମଣିଷ ତିଆରି କାରଖାନାର ଭିତ୍ତି ପକାଇଥିଲେ ।

ଗୋପବନ୍ଧୁ ସଦାସର୍ବଦା ମାତୃଭୂମି ପାଇଁ ସମର୍ପିତ ଥିଲେ । ସେ ଲେଖିଥିଲେ–

**'ମିଶୁ ମୋର ଦେହ ଏ ଦେଶ ମାଟିରେ**
**ଦେଶ ବାସୀ ଚାଲିଯାଆନ୍ତୁ ପିଠିରେ,**
**ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼,**
**ପୁରୁ ତହିଁ ପଡ଼ି ମୋର ମାଂସ ହାଡ' ।**

ସେ ସମଗ୍ର ଦେଶବାସୀଙ୍କୁ ନିଜ ପରିବାର ଭାବୁଥିଲେ । ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସେ କର୍ତ୍ତବ୍ୟ ବୋଧିନୀ ସମିତି ଗଠନ କରିଥିଲେ । ମାତୃଭୂମି ଏବଂ ମାତୃଭାଷାର ସୁରକ୍ଷା ପାଇଁ ସଦା ସର୍ବଦା ତତ୍ପର ଥିଲେ । ସେ ୧୯୦୪ ମସିହାରେ ରେଭେନ୍ସା ମହାବିଦ୍ୟାଳୟରୁ ବିଏ ପାସ କଲେ ଓ ପରେ କଲିକତାରେ ବିଏଲ ପଢ଼ିଲେ । ଓଡ଼ିଆ ଶ୍ରମିକମାନଙ୍କ ସହାୟତା ପାଇଁ 'ଓଡ଼ିଆ ଶ୍ରମିକ ସଂଘ' ଗଠନ କରିଥିଲେ । ଗୋପବନ୍ଧୁ ଦାସ ବାଲେଶ୍ୱର ଜିଲ୍ଲାର ନୀଳଗିରିଠାରେ ଶିକ୍ଷକ ରୂପେ କାର୍ଯ୍ୟ କରିଥିଲେ । ୧୯୧୯ ମସିହାରେ ସେ ସାପ୍ତାହିକ 'ସମାଜ' ଖବରକାଗଜ ପ୍ରକାଶ କରିଥିଲେ । ୧୯୩୦ରେ ଏହା ସାପ୍ତାହିକରୁ ଦୈନିକ ଖବରକାଗଜରେ ପରିଣତ ହୋଇଥିଲା ।

ଗୋପବନ୍ଧୁ ନିଜ ଜୀବନକୁ ଦେଶ ମାତୃକାର ସେବାରେ ସମର୍ପିତ କରି ଦେଇଥିଲେ । ଏହି ମହାନ ଜନନାୟକଙ୍କର ୧୯୨୮ ମସିହା ଜୁନ ୧୭ ତାରିଖରେ ଦେହାନ୍ତ ହୋଇଥିଲା । ଆଜି ସେଇ ଯୁଗଜନ୍ମା ବରପୁତ୍ର ସମଗ୍ର ଓଡ଼ିଆ ଜାତି ନିକଟରେ ଅମର ହୋଇ ରହି ଯାଇଛନ୍ତି ।

**ରାଜସ୍ମିତା ବାରିକ୍**
**ନୀଳଗିରି, ବାଲେଶ୍ୱର**

## ସାମ୍ବାଦିକାରୁ ଅଭିନେତ୍ରୀ



ନିକଟରେ ନେଟଫ୍ଲିକ୍ସରେ ରିଲିଜ୍ ହୋଇଛି ସିରିଜ ସାରେ ଜହାଁ ସେ ଅଚ୍ଛା, ଯେଉଁଥିରେ ନଜର ଆସୁଛନ୍ତି ଅଭିନେତ୍ରୀ ଦୀକ୍ଷା ଜୁନେଜା । ଏଥିରେ ସେ ଇଣ୍ଡଷ୍ଟ୍ରୀର ଅନେକ ବରିଷ୍ଠ ଅଭିନେତାଙ୍କ ସହିତ ଅଭିନୟ କରିଛନ୍ତି । ଦୀକ୍ଷାଙ୍କ କ୍ୟାରିୟର ଦିବଙ୍ଗତ ଅଭିନେତା ରିଷି କପୁରଙ୍କ ସହିତ ଆରମ୍ଭ ହୋଇଥିଲା । ତେବେ ଅଭିନୟ ପୂର୍ବରୁ ଏକାଧିକ ସେକ୍ଟରରେ ନିଜ କ୍ୟାରିୟର ଆରମ୍ଭ କରିଥିଲେ ଦୀକ୍ଷା । ଅଭିନୟ ଇଣ୍ଡଷ୍ଟ୍ରୀକୁ ଆସିବା ପୂର୍ବରୁ ସେ ସାମ୍ବାଦିକ ଭାବେ କାର୍ଯ୍ୟ କରିଥିଲେ । ଏହାପରେ ଇଣ୍ଡଷ୍ଟ୍ରୀରେ ପାଦ ଦେଇଥିଲେ କାଷ୍ଟିଂ ଆସିଷ୍ଟାଣ୍ଟ ଭାବେ । ସେହିଭଳି ଦୀକ୍ଷାଙ୍କୁ କମେଡି ଡ୍ରାମାରେ ଅଭିନୟ କରିବାକୁ ଖୁବ ମଜା ଲାଗିଥାଏ । ମଜା ଲାଗିଲେ ମଧ୍ୟ ଏହା କରିବା ଖୁବ କଷ୍ଟକର ବୋଲି ଦୀକ୍ଷା ନିଜ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ଫିଲ୍ମ ହେରାଫେରିର ସେ ଖୁବ ବଡ ଫ୍ୟାନ୍ । ଏହି ଫିଲ୍ମରୁ ସେ କମେଡି କରିବା ଶିଖିଥିବା ପ୍ରକାଶ କରିଛନ୍ତି । ଆଗକୁ ଆହୁରି ଭଲଭଲ ଚରିତ୍ରରେ କାମ କରିବାକୁ ଇଚ୍ଛା ରଖିଛନ୍ତି ଦୀକ୍ଷା ।

## ସୋସିଆଲ କୋଟ୍ସ



"ଅକ୍ଷୟ ମୋର ସବୁଠାରୁ ଭଲ ସାଙ୍ଗ । ସେହିଭଳି ସେ ହେଉଛନ୍ତି ଇଣ୍ଡଷ୍ଟ୍ରୀର ବେଶ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ । ତାଙ୍କ ସହ କାମ କରି ମୁଁ ଅନେକ କିଛି ଶିଖିଛି ।

**ରବିନା ଟଣ୍ଡନ, ଅଭିନେତ୍ରୀ**



"ଯେତେବେଳେ ମୁଁ ଶୋ' ଛାଡିଥିଲି, ସେତେବେଳେ ଭାବିଥିଲି ପଇସା ବି ମାଗିବି ନାହିଁ । ମୋର ୩ମାସର ଅର୍ଥ ସେମାନଙ୍କ ଉପରେ ବାକି ରହିଛି । ଏହି ବାକି ଅର୍ଥ ଖୁବ ଅଧିକ ମଧ୍ୟ ।

**ଜେନିଫର, ଅଭିନେତ୍ରୀ**



"ଗୋଟିଏ ଶୋ'ରେ ଆମିରଙ୍କ ହାତରୁ ଦାଣ୍ଡିଆ କାଠି ଖସି ଯାଇଥିଲା, ଯାହା ଜଣେ ମହିଳାଙ୍କୁ ଆଘାତ ଦେଇଥିଲା । ଯାହାଫଳରେ ତାଙ୍କ ମୁଣ୍ଡରୁ ରକ୍ତ ବାହାରିଥିଲା । ମୁଁ ଏହାକୁ କେବେ ଭୁଲିବିନି ।

**ସଲମାନ ଖାନ, ଅଭିନେତା**


## ଚନ୍ଦ୍ରରେ ପ୍ରସ୍ତୁତ ହେବ ଘର

ଆଜିକାଲି ରୋବଟକୁ ବ୍ୟବହାର କରି ଅନେକ କାର୍ଯ୍ୟ କରାଯାଉଛି । ଏହି କ୍ରମରେ ଏକ ନୂଆ ରୋବଟ ବାହାର କରାଯାଇଛି ଯାହା ଚନ୍ଦ୍ରରେ ଘର ନିର୍ମାଣ କରିବ । ଅଷ୍ଟ୍ରେଲିଆ ଏଭଳି ଏକ ରୋବଟ ପ୍ରସ୍ତୁତ କରିଛି ଯାହାକୁ ବ୍ୟବହାର କରି ଚନ୍ଦ୍ରରେ ଖୁବ ସହଜରେ ଘର ନିର୍ମାଣ ହୋଇପାରିବ । ରୋବଟଟିର ନାଁ ବୈଜ୍ଞାନିକମାନେ ରଖିଛନ୍ତି ଚାର୍ଲୋଟ । ଏହାକୁ କ୍ରେଷ୍ଟ ରୋବୋଟିକ୍ସ ଓ ଅର୍ଥ ବିଲ୍ଟ ଟେକ୍ନୋଲୋଜି କମ୍ପାନୀ ପକ୍ଷରୁ ନିର୍ମାଣ କରାଯାଇଛି । ଏହି ରୋବଟଟି ଅବିକଳ ଏକ ବୁଢିଆଣୀ ଭଳି ଦେଖିବାକୁ, ଯାହାର ୬ଟି ଗୋଡ ରହିଛି । ଏହାର ଓଜନ ମଧ୍ୟ କମ ରହିଛି ଯାହା ଏହାକୁ ଖୁବ ସହାୟକ ହେଉଛି । ବର୍ତ୍ତମାନ ଏହା ପୃଥିବୀରେ ୨୪ ଘଣ୍ଟାରେ ପାଖାପାଖି ୨୦୦ ବର୍ଗ ମିଟର ଘରର ଥ୍ରୀଡି ପ୍ରିଣ୍ଟ କରିପାରୁଛି । ଏହା ଘର ତିଆରି କରିବାକୁ ବାଲି, ମାଟି ଓ ପଙ୍କ ବ୍ୟବହାର କରୁଛି । ଚନ୍ଦ୍ରରେ ମଧ୍ୟ ଏହା ଥ୍ରୀଡି ପ୍ରିଣ୍ଟ ସହାୟତାରେ ଘର ପ୍ରସ୍ତୁତ କରିବ । ଏହି ଘରେ ମହାକାଶଚାରୀଙ୍କ ରହିବା ପାଇଁ ସମସ୍ତ ସୁବିଧା କରାଯିବ ବୋଲି ସୂଚନା ମିଳିଛି ।



## ବନ୍ଦ ହେଉନି ଗୋଟିଏ ଆଖି

ଦୁନିଆରେ ସାଧାରଣତଃ ସମସ୍ତେ ଚା ପିଇଥାଆନ୍ତି । କାରଣ ଚା ପିଇଲେ ସମସ୍ତଙ୍କୁ ଟିକେ ଫ୍ରେସ ଲାଗିଥାଏ । ହେଲେ ଏଭଳି ଜଣେ ମହିଳା ଅଛନ୍ତି, ଯିଏ ଚା ପିଇବା କଥା କେବେ ଭାବନ୍ତି ବି ନାହିଁ । କାରଣ ଚା ପିଇବା ସହିତ ତାଙ୍କର ଏକ ଭୟଙ୍କର ଅନୁଭୂତି ଯୋଡି ହୋଇଛି । ସୂଚନା ଅନୁସାରେ ସ୍କଟଲାଣ୍ଡର ୩୦ ବର୍ଷୀୟ କରୀନା ହ୍ୱାଇଟ ନାମକ ଜଣେ ମହିଳା ଏକ ବିରଳ ରୋଗରେ ପୀଡିତ ହୋଇଛନ୍ତି । ଏହି ବରିଳ ରୋଗର ନାଁ ହେଉଛି ବେଲ୍ସ ପାଲ୍ସି, ଯେଉଁ କାରଣରୁ ତାଙ୍କର ମୁହଁର ଗୋଟିଏ ଭାଗରେ ଦୁର୍ବଳତା ଆସୁଛି । ଯେଉଁ କାରଣରୁ ସେ କିଛି ଅଙ୍ଗ ପରିଚାଳନା କରିବାରେ ଅସମର୍ଥ ହେଉଛନ୍ତି । ତେବେ ଏହି ଘଟଣା ସମ୍ପର୍କରେ ସେ ଚା ପିଇବା ସମୟରେ ହିଁ ଜାଣିଥିଲେ ତେଣୁ ଚା ପିଇବାକୁ ସେ ସେବେଠାରୁ ଆଉ ସାହସ କରିପାରୁ ନାହାନ୍ତି । ବର୍ତ୍ତମାନ ଡାକ୍ତର ତାଙ୍କର ଚିକିତ୍ସା ଜାରି ରଖିଛନ୍ତି ।



## ବାଜରା ପଲଉ



**ସାମଗ୍ରୀ–** ବାଜରା, କଟା ପିଆଜ, ରସୁଣ କଟା, ଜିରା, ଧନିଆ ଗୁଣ୍ଡ, ହଳଦୀ, ଲଙ୍କା ଗୁଣ୍ଡ, ଇଚ୍ଛା ଅନୁସାରେ ପରିବା କଟା, ଧନିଆ ପତ୍ର ।

**ପ୍ରଣାଳୀ–** ପ୍ରଥମେ ବାଜରାକୁ ଧୋଇ ଅଳ୍ପ ସମୟ ପାଇଁ ବତୁରାଇ ନିଅନ୍ତୁ । ଏହାପରେ ପ୍ୟାନରେ ତେଲ ଜିରା ଫୁଟାନ୍ତୁ, ଏହାପରେ ଏଥିରା କଟା ପିଆଜ ଏବଂ ରସୁଣ ପକାଇ ଭାଜି ନିଅନ୍ତୁ । ଏଗୁଡିକ ଭାଜି ହେବାପରେ ଏଥିରେ ସମସ୍ତ ପରିବା ପକାଇ ଭାଜନ୍ତୁ । ପରେ ସମସ୍ତ ଗୁଣ୍ଡ ମସଲା ପକାଇ ଗୋଳାଇ ଦିଅନ୍ତୁ । ଅଳ୍ପ ସମୟ ଭାଜିଲା ପରେ ଏଥିରେ ଭିଜା ହୋଇ ରହିଥିବା ବାଜରା ପକାଇ ଘାଣ୍ଟନ୍ତୁ । ଆବଶ୍ୟକ ଅନୁସାରେ ପାଣି ଦିଅନ୍ତୁ । ପାଖପାଖି ୧୫ ମିନିଟ ପରେ ପ୍ରସ୍ତୁତ ହୋଇଯିବ ବାଜରା ପଲଉ । ଶେଷରେ ଧନିଆ ପତ୍ର ପକାଇ ଗ୍ୟାସ ବନ୍ଦ କରି ଦିଅନ୍ତୁ ।

## ଘଟଣାଚକ୍ର

୧୮୭୬– ପ୍ରଥମକରି ଟେଲିଫୋନ୍‌ରେ ଆଉଟ୍ ୱେୟାର୍ ଜରିଆରେ ଦୁଇତରଫା କଥାବାର୍ତ୍ତା କରାଗଲା ।

୧୮୭୭– ପ୍ରସିଦ୍ଧ ସ୍ୱତନ୍ତ୍ରତା ସେନାନୀ, ପତ୍ରକାର, କବି, ସାହିତ୍ୟିକ ତଥା ଓଡ଼ିଶାର ପ୍ରଖ୍ୟାତ୍ ସାମାଜିକ କାର୍ଯ୍ୟକର୍ତ୍ତା ଗୋପବନ୍ଧୁ ଦାସଙ୍କ ଜନ୍ମ ।

୧୯୯୭– ଇଟାଲୀର ଅଭିନେତା ତଥା ଲେଖକ ଡାରିଓ ଫୋ'ଙ୍କୁ ସାହିତ୍ୟରେ ନୋବେଲ ଶାନ୍ତି ପୁରସ୍କାର ।

୨୦୦୨– ଆମେରିକାର ରେମଣ୍ଡ ଡେଭିସ୍ ଏବଂ ଜାପାନର କୋଷିବାଙ୍କୁ ସଂଯୁକ୍ତ ଭାବେ ଭୌତିକ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ପାଇଁ ଘୋଷଣା ।

୨୦୦୬– ଗୁଗଲ ତରଫରୁ ୟୁଟ୍ୟୁବ୍‌ର ଅଧିଗ୍ରହଣ ସମ୍ବନ୍ଧରେ ଘୋଷଣା ।

୨୦୦୬– ଉତ୍ତର କୋରିଆରେ ଭୂମିଗତ ପରମାଣୁ ପରୀକ୍ଷଣ ।

୨୦୧୨– ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ପାକିସ୍ତାନୀ କର୍ମକର୍ତ୍ତା ମଲାଲା ୟୁସୁବ୍‌ରାୟଙ୍କୁ ସ୍କୁଲ ଯାଉଥିବା ସମୟରେ ତାଲିବାନଙ୍କ ଦ୍ୱାରା ଗୁଳି ।

୨୦୧୫– ଭାରତୀୟ ହିନ୍ଦୀ ସିନେ ଜଗତର ପ୍ରସିଦ୍ଧ ସଂଗୀତକାର ତଥା ଗାୟକ ରବୀନ୍ଦ୍ର ଜୈନଙ୍କ ପରଲୋକ ।

## ଦୀପାବଳିରେ କୁକୁରକୁ ପୂଜା



ଦୀପାବଳିରେ ବିଭିନ୍ନ ସ୍ଥାନରେ ଭିନ୍ନଭିନ୍ନ ପ୍ରକାରର ପୂଜା କରାଯାଇଥାଏ । ସେହିଭଳି ଏକ ଅଜବ ପୂଜା ନେପାଳରେ କରାଯାଇଥାଏ । ଯେଉଁଥିରେ କୁକୁରଙ୍କୁ ଦୀପାବଳି ଅବସରରେ ପୂଜା କରାଯିବାର ପରମ୍ପରା ରହିଛି । ଏହିଦିନ କୁକୁରଙ୍କୁ ଫୁଲମାଳ ପିନ୍ଧାଯିବା ସହିତ ଲାଲ ଟିକା ଲଗାଯାଇ ପୂଜା କରାଯାଇଥାଏ । ଏହାପରେ ତାଙ୍କୁ ବନ୍ଦାପନା କରାଯିବା ସହିତ ମାଂସ, କ୍ଷୀର ଓ ବିଭିନ୍ନ ପ୍ରକାରର ଖାଦ୍ୟ ଦିଆଯାଇଥାଏ । ଏହି ପୂଜାକୁ ସ୍ଥାନୀୟଭାଷାରେ କୁକୁର ତିହାର କୁହାଯାଇଥାଏ । ଏହି ସମୟରେ ପୋଷା କୁକୁରଙ୍କ ସହିତ ରାସ୍ତାରେ ବୁଲୁଥିବା କୁକୁରଙ୍କର ମଧ୍ୟ ପୂଜା କରାଯାଇଥାଏ । କୁକୁରଙ୍କୁ ଏଠାରେ ମୃତ୍ୟୁ ଦେବତାଙ୍କର ଦୂତ ବୋଲି ସମ୍ବୋଧନ କରାଯାଇଥାଏ । ତେଣୁ କୁକୁରର ପୂଜା କରାଯାଇଥାଏ ।

## ମା’ ସମଲେଶ୍ୱରୀ ପୀଠ ବିକାଶ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ବିକାଶ କାର୍ଯ୍ୟକୁ ବିଶ୍ୱସ୍ତରୀୟ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁର ମାଦ ସମଲେଶ୍ୱରୀ ପୀଠର ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସମୀକ୍ଷା ବୈଠକରୁ ଜଣାଯାଇଛି ଯେ ମାଦ ସମଲେଶ୍ୱରୀ ମନ୍ଦିର ବିକାଶ କାମ ୩୧୬ କୋଟି ଟଙ୍କା ବିନିଯୋଗରେ ୮୨ ଏକର ପରିମିତ ଅଞ୍ଚଳରେ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେଉଛି । ପ୍ରଥମ ପର୍ଯ୍ୟାୟରେ ମନ୍ଦିର ଚତୁର୍ପାର୍ଶ୍ୱର କରିଡର ନିର୍ମାଣ, ଗୋପାଳଜିଉ ମଠର ବିକାଶ, ଦୀପ ଘର, ପାର୍କିଂ



ସୁବିଧା, ରିଭର ଫ୍ରଣ୍ଟ ଡେଭଲପମେଣ୍ଟ ସହିତ ଅନ୍ୟାନ୍ୟ ଯାତ୍ରୀ ଓ ଦର୍ଶନାର୍ଥୀ ସୁବିଧା ଉପଲବ୍ଧ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ଭକ୍ତ ନିବାସ, ଲେକ୍ ଜୋନ୍, ଦୋକାନ ଗୃହ, ଫୁଡ ପାର୍କ, ପାର୍କିଂ ଏବଂ ପ୍ରବେଶ ପଥ ବିକଶିତ କରାଯିବ । ଓଡିଶାର ପ୍ରସିଦ୍ଧ ଶକ୍ତିପୀଠ ମାଦ ସମଲେଶ୍ୱରୀଙ୍କ ପୀଠରେ ବର୍ଷ ତମାମ ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ମାନଙ୍କ ଭିଡ ଲାଗିରହିଥାଏ । ଏଥିସହିତ ସମ୍ବଲପୁର ଜିଲ୍ଲାର ମଧ ଓଡିଶା ପର୍ଯ୍ୟଟନ ମାନଚିତ୍ରରେ ପ୍ରସିଦ୍ଧି ରହିଛି । ସେଥିପାଇଁ ଦେଶବିଦେଶରୁ ପର୍ଯ୍ୟଟକମାନେ ବହୁ ସଂଖ୍ୟାରେ ଆସିଥାନ୍ତି। ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ସମସ୍ତ କାର୍ଯ୍ୟକୁ ବିଶ୍ୱସ୍ତରୀୟ କରିବା ପାଇଁ ପରାମର୍ଶ ଦେଇଥିଲେ । ଏଥିସହିତ ନିର୍ମାଣ ହେବାକୁ ଥିବା ଭକ୍ତ ନିବାସରେ ଅଧିକ ସଂଖ୍ୟକ ଭକ୍ତଙ୍କ ରହଣି ସୁବିଧା ପାଇଁ, ଆବଶ୍ୟକସ୍ଥଳେ ବହୁତଳ ବିଶିଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ମନ୍ଦିର ବିକାଶ କାର୍ଯ୍ୟ ପାଇଁ ବିସ୍ଥାପିତ ହେଉଥିବା ବାସିନ୍ଦାଙ୍କ ଉପଯୁକ୍ତ ଥଇଥାନ ପ୍ରତି ଯତ୍ନବାନ ହେବାକୁ ମୁଖ୍ୟମନ୍ତ୍ରୀ କହିଥିଲେ। ବୈଠକରେ ପୂର୍ତ୍ତ ଓ ଆଇନମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର ଏବଂ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

# ହାଇକୋର୍ଟ ବାର୍ ଆସୋସିଏସନ୍ ମୁଖ୍ୟମନ୍ତ୍ରୀଙ୍କୁ ଦେଲା ଦାବିପତ୍ର

## ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟାକାରୀକୁ ଅବିଳମ୍ବେ ଧର

କଟକ, (ସବ୍ୟୁ): ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ତଥା ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳିକରି ହତ୍ୟା ଘଟଣାରେ ସମଗ୍ର ରାଜ୍ୟର ଆଇନଜୀବୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହାର ପ୍ରତିବାଦରେ ରାଜ୍ୟ ଆଇନଜୀବୀ ପରିଷଦର ଆହ୍ୱାନକ୍ରମେ ଆଜି ହାଇକୋର୍ଟ ବାର୍ ଆସୋସିଏସନ୍ ସମେତ ରାଜ୍ୟର ଅଧିକାଂଶ ବାର ଆଇନଜୀବୀମାନେ କଲମଛାଡ଼ ଆନ୍ଦୋଳନରେ ସାମିଲ୍ ହୋଇଥିଲେ। ଅଭିଯୁକ୍ତଙ୍କୁ ତୁରନ୍ତ ଚିହ୍ନଟ କରି ଗିରଫ କରିବା ଲାଗି ଆଇନଜୀବୀଙ୍କ ପକ୍ଷରୁ ଦାବି ହୋଇଛି। ଆଜି ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ମନୋଜ ମିଶ୍ରଙ୍କ ନେତୃତ୍ୱରେ ଏହି ବାରର ଶହଶହ ଆଇନଜୀବୀ, ନିମ୍ନ ଅଦାଲତର ଆଇନଜୀବୀ ହାଇକୋର୍ଟରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଏକ ଶୋଭାଯାତ୍ରାରେ ଯାଇଥିଲେ। ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସଭାପତି ଶ୍ରୀ ମିଶ୍ର ଆଇନଜୀବୀଙ୍କ ସୁରକ୍ଷା ପାଇଁ କେତେକ ଦାବି ଉପସ୍ଥାପନ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀ ଏବଂ ସେମାନଙ୍କ ପଛରେ ଥିବା ଷଡ଼ଯନ୍ତ୍ରକାରୀଙ୍କୁ ତୁରନ୍ତ ଗିରଫ କରାଯାଇ ଦଣ୍ଡିତ କରାଯାଉ । ଯେଉଁ ଅଧିବକ୍ତାମାନେ



ନିର୍ବାଚିତ ହୋଇଛନ୍ତି ବା ସାଧାରଣ ଜନ ସମ୍ପର୍କରେ ରହୁଥିବା ଅଧିବକ୍ତାଙ୍କୁ ସୁରକ୍ଷା ଯୋଗାଇ ଦିଆଯାଉ। ଓଡ଼ିଶା ଅଧିବକ୍ତା ସୁରକ୍ଷା ଆଇନ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଶ୍ରୀ ମିଶ୍ର ଦାବି ରଖିଥିଲେ ।ଏହି ଶୋଭାଯାତ୍ରାରେ ବାର୍ ଆସୋସିଏସନ୍‌ର ସମ୍ପାଦକ ଅଭିଜିତ୍ ପଟ୍ଟନାୟକ, ଉପସଭାପତି ସିଦ୍ଧାର୍ଥ ଦାସ, ବରିଷ୍ଠ ଆଇନଜୀବୀ ବିଭୂ ପ୍ରସାଦ ତ୍ରିପାଠୀ, କ୍ରିମିନାଲ କୋର୍ଟସ ବାର୍ ଆସୋସିଏସନ୍ ସଭାପତି ପ୍ରସନ୍ନ ସାହୁ, ଆଇନଜୀବୀ ସଞ୍ଜୟ ଦାସ, ବାରର ଅନ୍ୟାନ୍ୟ ସଦସ୍ୟ, ଆଇନଜୀବୀ ଅରୁଣ କୁମାର ବୁଢ଼ିଆ, ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ଅକ୍ଷୟ କୁମାର ପତି, ଆଇନଜୀବୀ ମହମ୍ମଦ ଆରିଫ୍ ଉଦ୍ଦିନ୍ ଖାନ୍, ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସାଧାରଣ ସମ୍ପାଦକ ପ୍ରସନ୍ନ ନନ୍ଦ, ପ୍ରତାପ କେଶରୀ ଦେଓ, ପଦ୍ମାଳୟା ମହାପାତ୍ର ପ୍ରମୁଖ ସାମିଲ୍ ହୋଇଥିଲେ ।

# ବ୍ୟାଟେରି ଫାଟି ବିସ୍ଫୋରଣ : ଜଳିଗଲା ୩୦ ବିଦ୍ୟୁତ ବାଇକ

## ଅଳ୍ପକେ ବର୍ତ୍ତିଲେ ମାଲିକ ସମେତ ୫ଜଣ, ୫୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ କ୍ଷତି

କୋଣାର୍କ , (ସବ୍ୟୁ): ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ କୋଣାର୍କ - ଗୋପ ରାସ୍ତାର ମାଧିପୁର ଛକ ଠାରେ ଥିବା ଏକ ବିଦ୍ୟୁତ ବ୍ୟାଟେରୀ ସୋ ରୁମରେ ଥିବା ଏକ ନୂଆ ବାଇକର ବ୍ୟାଟେରୀ ବିସ୍ଫୋରଣ ଘଟି ଅଗ୍ନିକାଣ୍ଡ ଘଟି ୨୫ ଗୋଟି ନୂଆ ବ୍ୟାଟେରୀ ବାଇକ ସହ ସର୍ଭିସିଂ ପାଇଁ ଆସିଥିବା ୫ଗୋଟି ବାଇକ ଜଳି ଭସ୍ମୀଭୂତ ହୋଇଥିଲା ବେଳେ ପ୍ରାୟ ୫୦ଲକ୍ଷ ଟଙ୍କାରୁ କ୍ଷୟକ୍ଷତି ହୋଇଛି । କାଣାର୍କ ଥାନା ଅଧିନସ୍ଥ ମାଧିପୁର ଛକ ଠାରେ ଥିବା ଏକ ବିଦ୍ୟୁତ ଚାଳିତ ବ୍ୟାଟେରୀ ବାଇକ ସୋ ରୁମରେ ଏଡିଏମଏସ କମ୍ପାନୀର ୨୫ ଗୋଟି ନୂଆ ବାଇକ ଓ ସର୍ଭିସିଂ ପାଇଁ ଆସିଥିବା ୫ଗୋଟି ବ୍ୟାଟେରୀ ବାଇକ ରହିଥିଲା । ବୁଧବାର ସନ୍ଧ୍ୟାରେ ଏକ ବ୍ୟାଟେରୀ ବାଇକର ବ୍ୟାଟେରୀ ଫାଟି ବିସ୍ଫୋରଣ ଘଟିଥିଲା । ଏହି କାରଣରୁ ଜଗନ୍ନାଥ ଇଭି ସୋ ରୁମ ରେ ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ୩୦ ମିନିଟ ବିଳମ୍ବରେ ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ରର ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସୋ



ରୁମର ୨୫ ଗୋଟି ନୂଆ ବାଇକ ସହ ସର୍ଭିସିଂ ପାଇଁ ସୋ ରୁମକୁ ଆସିଥିବା ୫ ଗୋଟି ବାଇକ ସଂପୂର୍ଣ୍ଣ ଭାବେ ଜଳି ପାଉଁଶ ହୋଇଯାଇଛି । ଏହି ଅଗ୍ନିକାଣ୍ଡ ସମୟରେ ସୋ ରୁମରେ ଥିବା ମାଲିକ ସୌମ୍ୟ ରଞ୍ଜନ ସ୍ୱାଇଁ, ସାନ ଭାଇ ଶିବପ୍ରସାଦ ସ୍ୱାଇଁ ସମେତ ଦୁଇଜଣ ଗ୍ରାହକ ଜଣେ କର୍ମଚାରୀ ସମେତ ୫ ଜଣ ବ୍ୟାଟେରୀ ବିସ୍ଫୋରଣ ସମୟରେ ପାଣି ଢ଼ାଳି ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ । ମାତ୍ର ଅଗ୍ନିର ପ୍ରକୋପ ଉଗ୍ର ରୂପ ଧାରଣ କରିବା ଯୋଗୁଁ ଜୀବନ ବଂଚାଇବା ମାଲିକ ସମେତ ୫ଜଣ ବାହାରକୁ ଆସିଥିଲେ ।ଅଗ୍ନିକାଣ୍ଡରେ ସୋ ରୁମର ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡି ନଷ୍ଟଭ୍ରଷ୍ଟ ହୋଇଛି । ସୋ ରୁମର ମାଲିକ ସୌମ୍ୟ ରଞ୍ଜନ ସାଇଁଙ୍କ ଅଭିଯୋଗ ଆଧାରରେ କୋଣାର୍କ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ବିଜେପିର ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ

ଦଶପଲ୍ଲା,(ସବ୍ୟ): ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଙ୍କ ଆହଓ୍ୱାନ କ୍ରମେ ଆତ୍ମ୍ନିର୍ଭର ଭାରତ ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦଶପଲ୍ଲା ବ୍ଲକ ଘୁଗୁଡ଼ିପଡ଼ା ଶିବମନ୍ଦିର ପ୍ରାଙ୍ଗଣରେ ଓ ନଛି ପୁର ଗ୍ରାମ ର ପଥୁରିଆ ପଡିଆ ରେ ଭାରତୀୟ ଜନତା ପାର୍ଟୀ ର କାର୍ଯ୍ୟକର୍ତ୍ତାଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକ ରେ ଡବଲ ଇଂଜିନ ସରକାର ଙ୍କ ବିକାଶ ମୂଳକ କାମ, ଯୋଜନା ଲୋକମାନଙ୍କୁ ଅବଗତ କରାଇବା, ଅନ୍ତୋଦ୍ୱୟ ଯୋଜନା ଗୃହ, ପ୍ରଧାନମନ୍ତ୍ରୀ ଆବାସ,ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଯୋଜନା, ଆଦିବାସୀ ଅଂଚଳର ବିକାଶ ପାଇଁ ପଦକ୍ଷେପ, ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ, ସଂସ୍କୃତି ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ପଦକ୍ଷେପ ଶିକ୍ଷା ପାଇଁ ପିଲାଙ୍କୁ ମାଗଣା ସୁବିଧା,ସବକା ସାଥ ସବକା ପ୍ରୟାସ ସବକା ବିକାଶ, ସମସ୍ତ ଜନସାଧାରଣ ଙ୍କ ସୁଖ ଦୁଃଖ ରେ ଭାଗିଦାରୀ ହେବା, ଦଳିତ ନିଷ୍ପେସିତ ଲୋକଙ୍କୁ ସହାୟ ହେବା, ମଠ ମନ୍ଦିର ପର୍ଯ୍ୟଟନ ସ୍ଥଳୀର ଉନ୍ନତି କରିବା ସୁରକ୍ଷା ଦେବା, ଶହୀଦ ଯବାନ ଙ୍କୁ ସମ୍ମାନ ଦେବା,ସ୍ୱଦେଶୀ ଜିନିଷ ବ୍ୟବହାର କରିବା, ଘର ଘର ସ୍ୱଦେଶୀ ପ୍ରତି ଘରେ ସ୍ୱଦେଶୀ ସଚେତନ କରିବା ଆୟୁଷ୍ମାନ କାର୍ଡ, ସୁଭଦ୍ରା ଯୋଜନା, ବିଷୟରେ କାର୍ଯ୍ୟକର୍ତ୍ତାଙ୍କୁ ଅବଗତ କରାଯାଇ ଥିଲା । ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ବ୍ଲକ ପ୍ରତିନିଧି କିଶୋର ଚନ୍ଦ୍ର ଦଳ ବେହେରା, ମଣ୍ଡଳ ସଭାପତି ଭାଗ୍ୟ ଲକ୍ଷ୍ମୀ ଦଶ, ଜ୍ଞାନ ରଞ୍ଜନ ସାହୁ, ବିଦେଶ ମଳିକ, ବିଜୟ କେତନ ଶତପଥୀ ପଞ୍ଚାୟତ ପ୍ରମୁଖ, ଅନିରୋଧ ସାହୁ, ଗୌରାଙ୍ଗ ଦେହୁରୀ, ଅଲେଖ ନାୟକ, ବନମ୍ବ ନାୟକ, ଗୋପୀନାଥ ସାହୁ, ବିଜୟ ବାଘ ପ୍ରମୁଖ ନାଛି ପୁର ଗ୍ରାପ, ପଦ୍ମ ପ୍ରଧାନ, ଶରତ ସାହୁ, ଫଗୁଆ ପ୍ରଧାନ, ସଂସାରୀ ସାହୁ ଆଦି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଏବଂ ଶିବମନ୍ଦିର ପ୍ରାଙ୍ଗଣରେ ଅଁଳା ଗଛ ରୋପଣ କରିବା ସହିତ ସ୍ୱଚ୍ଛ ଗଛ ସେବା ବିଷୟରେ ଆଲୋଚନା କରି ଶ୍ରୀ ଦଳବେହେରା ଧନ୍ୟବାଦ ଦେଇ ସଭା ସାଙ୍ଗ କରା ଯାଇଥିଲା ।

# ଆଇନଜୀବୀ ସୁରକ୍ଷା ଆଇନ ଆଣିବାକୁ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ଦାବି

କଟକ, (ସବ୍ୟୁ) : ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗଳିକରି ହତ୍ୟା ଘଟଣାରେ ଦୋଷୀଙ୍କୁ ତୁରନ୍ତ ଗିରଫ କରିବା ଲାଗି ଭାରତୀୟ ଆଇନଜୀବୀ ପରିଷଦ(ବିସିଆଇ)ର ଅଧ୍ୟକ୍ଷ ମନନ ମିଶ୍ର ଦାବି କରିଛନ୍ତି। ପୀତବାସ ପଣ୍ଡାଙ୍କ ଉପରେ ଆକ୍ରମଣ ପୂରା ଆଇନ ସମାଜ ଉପରେ ଆକ୍ରମଣ ବୋଲି ସେ କହିଛନ୍ତି। ଏହି ଘଟଣାରେ ରାଜ୍ୟ ସରକାର ତୁରନ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ କହିଛନ୍ତି। ଅପରପକ୍ଷରେ ଆଇନଜୀବୀଙ୍କ ସୁରକ୍ଷା ପାଇଁ ‘ଆଇନଜୀବୀ ସୁରକ୍ଷା ଆଇନଦ ଆଣିବା ଲାଗି ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ରାଜ୍ୟ ସଭାପତି ତଥା ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ ଦାବି ରଖିଛନ୍ତି। ଆଇନଜୀବୀଙ୍କ ସୁରକ୍ଷା ପାଇଁ ଏହି ଆଇନ ଆଣିବା ଲାଗି ଦୀର୍ଘବର୍ଷ ଧରି ଦାବି ହୋଇ ଆସୁଛି। କିନ୍ତୁ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଫଳରେ ଦିନକୁଦିନ ଆଇନଜୀବୀମାନେ ଅସୁରକ୍ଷିତ ହୋଇପଡୁଛନ୍ତି। ତେଣୁ ଏ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଶ୍ରୀ ତ୍ରିପାଠୀ କହିଛନ୍ତି।

# ମାମୁ-ଭଣଜାଙ୍କୁ ହାଣିଲେ ଫାଇନାନ୍ସ କର୍ମଚାରୀ

କଣାସ , (ସବ୍ୟୁ): ମାମୁ-ଭଣଜାଙ୍କୁ ଫାଇନାନ୍ସ କର୍ମଚାରୀଙ୍କ ଛୁରା ମା ବ୍ରହ୍ମଗିରି ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗୋଲରା ଅଂଚଳରେ ଏହି ଆକ୍ରମଣ ହୋଇଛି । ଅଜିବ ଜେନା ତାଙ୍କ ଭଣଜାଙ୍କ ସହିତ ଏକ ସ୍କୁଟିରେ ନିଜ ପୁଅକୁ ଡାକ୍ତରଖାନା ନେବା ବେଳେ ହାତିଆ ଛକ ନିକଟରେ ଫାଇନାନ୍ସ କର୍ମଚାରୀ ତାଙ୍କୁ ଅଟକାଇଥିଲେ । ଗାଡି କିସ୍ତି ଖିଲାପ ଥିବା କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା ।ଏହାପରେ ସେଠାରୁ ଅଜୀବ ଡାକ୍ତରଖାନା ପଳାଇଯାଇଥିଲେ । କିନ୍ତୁ ଫାଇନାନ୍ସ କର୍ମଚାରୀ ତାଙ୍କ ପିଛା ଛାଡି ନଥିଲେ । କେରାଣ୍ଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗେଟ ନିକଟରେ ପହଞ୍ଚି ପୁଣି ପାଟିତୁଣ୍ଡ କରିଥିଲେ । ଏହାପରେ ଫାଇନାନ୍ସ କର୍ମଚାରୀ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ । ଆକ୍ରମଣରେ ଅଜୀବ ଜେନା ଗୁରୁତର ଆହତ ହୋଇଛନ୍ତି ।ସେହିପରି ଭଣଜା ପୂର୍ଣ୍ଣ ଜେନାଙ୍କ ପେଟରେ ଗଭୀର ଆଘାତ ଲାଗିଛି । ଗୁରୁତର ଅବସ୍ଥାରେ ପ୍ରଥମେ କେରାଣ୍ଡିଆ ଡାକ୍ତରଖାନା ଓ ପରେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ପୋଲିସ ଘଟଣାସ୍ଥଳରେ ପହଂଚି ସ୍କୁଟି ଏବଂ ଫାଇନାନ୍ସ କର୍ମଚାରୀଙ୍କ ବାଇକକୁ ଜବତ କରିବା ସହ ଅଧିକ ତଦନ୍ତ ଆରମ୍ଭ କରିଛି । ଘଟଣା ସ୍ଥଳରୁ ଫାଇନାନ୍ସ କର୍ମଚାରୀ ଚମ୍ପଟ ମାରିଥିଲେ ।

## ପଲ୍ଲୀରେ ପ୍ରଶାସନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ବାଲିଅନ୍ତା , (ସବ୍ୟ) : ବାଲିଅନ୍ତା ଗ୍ରାମ ପଞ୍ଚାୟତ ସ୍ଥିତ ନିକୁଞ୍ଜ ବିହାରୀ କଲ୍ୟାଣ ମଣ୍ଡପ ପରିସରରେ ଅଭିଯୋଗ ଶୁଣାଣି ଜନିତ ପଲ୍ଲୀରେ ପ୍ରଶାସନ ‘ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ବାଲିଆନ୍ତା ବ୍ଲକ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ,ତହସିଲଦାର ଲୀଲନ ପ୍ରସାଦ ସାହୁ, ୧୬ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ମହେଶ୍ୱର ଦାସ, ବାଲିଅନ୍ତା ସରପଞ୍ଚ କୃଷ୍ଣ କେଶବ ଆପଟ, ସମିତିସଭ୍ୟା କୁନି ପ୍ରଧାନ ସମେତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।ଏହି ଅଭିଯୋଗ ଶୁଣାଣିରେ ସର୍ବମୋଟ ୪୯ ଟା ଲିଖିତ ଅଭିଯୋଗ ଗ୍ରହଣ କରାଯାଇଥି । ସେଥିମଧ୍ୟରୁ ଗ୍ରାମୀଣ ଗୃହ ଓ ବ୍ୟକ୍ତିଗତ ଶୌଚାଳୟ ସମ୍ବନ୍ଧୀୟ ୮ ଗୋଟି, ଭତ୍ତା ସମ୍ବନ୍ଧୀୟ ୮ ଗୋଟି, ଯୋଗାଣ ବିଭାଗ ସମ୍ବନ୍ଧୀୟ ୩ ଗୋଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୨୪ ଗୋଟି ଅଭିଯୋଗ ହୋଇଥିଲା ।

# ପଞ୍ଚୁଦୋଳ ପଡିଆରେ ଗଜଲକ୍ଷ୍ମୀ ପୂଜା

ରଣପୁର,(ସବ୍ୟୁ): ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିନସ୍ଥ ପଞ୍ଚୁଦୋଳ ପଡିଆ ଠାରେ ଦିଲଦାର କ୍ଲବ ତରଫରୁ ଗଜଲକ୍ଷ୍ମୀ ପାଳିତ ହେଉଛି । ଚଳିତ ବର୍ଷ ୫ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପ୍ରଥମ ଦିନରେ ମା ଙ୍କ ପୂଜାବିଧି ହେବା ସହିତ ଦ୍ୱିତୀୟ ଦିନରେ ଶତାଧିକ ଭକ୍ତଙ୍କୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ।ତୃତୀୟ ଦିନରେ ନୃତ୍ୟ ପ୍ରତିଯୋଗିତା ଚତୁର୍ଥ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପଞ୍ଚମ ଦିନରେ ପୌରାଣିକ ବିଷୟବସ୍ତୁ କାଳିଆ ଦଳନ ଅନୁଷ୍ଠିତ ହେବ ।ସେହି ଭଳି ରଣପୁର ଏନ. ଏସି ପୋଷ୍ଟ ଅଫିସ ଛକ ମଧ ଗଜଲକ୍ଷ୍ମୀ ବହୁ ବର୍ଷ ଧରି ଅନୁଷ୍ଠିତ ହେଉଛି ।

# ଦୁଇ ପୋଲିସ ଏସ୍ଆଇଙ୍କୁ ମାଡ଼ ମାରି ଜେଲ ଗଲେ ଦୁଇ ଯୁବକ

## ମଦ୍ୟପ ଯୁବକଙ୍କ ଉପରେ ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଗୋପ,(ସବ୍ୟୁ): ମଙ୍ଗଳବାର ଅତ୍ୟଧିକ ମଦ୍ୟପାନ କରି ଥାନା ଭିତରେ ଦୁଇ ଏସ ଆଇଙ୍କୁ ମାଡ଼ ମାରିଥିବା ଅଭିଯୋଗରେ ଦୁଇ ଯୁବକଙ୍କୁ ଜେଲ ଯିବାକୁ ପଡିଛି ବୋଲି ପୋଲିସ ପକ୍ଷରୁ ଜଣା ପଡ଼ିଛି । ନିଶାଗ୍ରସ୍ତ ଅବସ୍ଥାରେ ଥାନା ଭିତରେ ବାଇକ ଛାଡ଼ି ଦେବାକୁ ନେଇ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ବେଳେ ଏହି ଥାନା ଅନ୍ତର୍ଗତ ସୋରିସିଆପଦା ଗ୍ରାମର ପ୍ରଦିପ୍ତ କୁମାର ବେହେରା (୩୪) ଦୁଇ ଏସ ଆଇ ବୁଲୁ ସେଠୀ ଓ ବୃନ୍ଦ ରାୟ ମାଝୀ ମାଡ଼ ମାରିଥିବା ଅଭିଯୋଗରୁ ଜଣା ପଡ଼ିଛି । ପୋଲିସ ପକ୍ଷରୁ ହୋଇଥିବା ଅଭିଯୋଗକୁ ପୋଲିସ ଥାନା ମୋକଦ୍ଦମା ନମ୍ବର ୩୩୯/୨୫ ରେ ରୁଜୁ କରି ବୁଧବାର ଅପରାହ୍ନରେ ଦୁଇ ଅଭିଯୁକ୍ତ ଗଣେଶ୍ୱରପୁର ନାୟକ ସାହି ଗ୍ରାମର ସୁଶାନ୍ତ କୁମାର ନାୟକ (୩୫) ଓ ପ୍ରଦିପ୍ତ କୁମାର ବେହେରା ଙ୍କୁ କୋଣାର୍କ କୋର୍ଟ ଚାଲାଣ କରିଥିବା ବେଳେ ମାନ୍ୟବର କୋର୍ଟ ଅଭିଯୁକ୍ତ ଦ୍ୱୟ ଙ୍କୁ ନିମାପଡ଼ା ଜେଲ ପଠାଇ ଦେଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡିହାରି କହିଛନ୍ତି । ପ୍ରକାଶ ଯେ ମଙ୍ଗଳବାର ରାତ୍ର ସାଢ଼େ ଦଶଟା ସମୟରେ ଗୋପ ଥାନା




ଅନ୍ତର୍ଗତ ବାୟାକୂଦା ଗ୍ରାମ ନିକଟରେ ଭୋଜିଭାତ ସ୍ଥାନରେ ଗଣ୍ଡଗୋଳ ହୋଇଥିଲା । ଏପରି ଏକ ଗଣ୍ଡଗୋଳ ଖବର ପାଇ ଗୋପ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ କରିବା ସହିତ ବୁଝାସୁଝା କରିଥିଲା । ପୋଲିସ ଫେରିବା ବେଳେ ରାସ୍ତା କଡ଼ରେ ଏକ ନମ୍ବର ବିହୀନ ଗାଡି ଦେଖିବା ପରେ ଏ ଗାଡି କାହାର ବୋଲି ପଚାରିବାରେ କେହି କିଛି କହି ନ ଥିଲେ । ପୋଲିସ ଏହି ନମ୍ବର ବିହୀନ ବାଇକକୁ ଥାନାକୁ ଆଣିଥିଲା । ଅଳ୍ପ କିଛି ସମୟପରେ ସଂପୃକ୍ତ ଦୁଇ ଯୁବକ ପ୍ରଦିପ୍ତ ଓ ସୁଶାନ୍ତ ଥାନା ପହଞ୍ଚି ବାଇକ ଆମର ଦିଅ ବୋଲି ଏସ ଆଇ ବୃନ୍ଦ ରାୟ ମାଝୀଙ୍କୁ କହିବା ପରେ ଏସ ଆଇ ମାଝୀ ବାଇକ କାଗଜପତ୍ର ଆଣ ବୋଲି କହିବାରୁ ଉଭୟଙ୍କ ମଧ୍ୟରେ ବାଦାନୁବାଦ ହୋଇଥିଲା । ଏହି ପାଟିତୁଣ୍ଡ ଶୁଣି ଥାନା ଏସଆଇ ବୁଲୁ ସେଠୀ ସେଠାରେ ପହଞ୍ଚି ଥିଲେ । ଅତ୍ୟଧିକ ମଦ୍ୟପାନ କରି ଥିବା ଯୁବକ ପ୍ରଦିପ୍ତ କୁମାର ବେହେରା ହଠାତ୍ ଏସ ଆଇ ବୃନ୍ଦ ରାୟ ମାଝୀ ଙ୍କୁ ମାଡ଼ ମାରିବା ସହ ନିକଟରେ ଥିବା ଏସ ଆଇ ବୁଲୁ ସେଠୀ ଙ୍କୁ ମଧ ଆକ୍ରମଣ କରିଥିଲା । ଏହି ଘଟଣାରେ ପୋଲିସ ଦୁଇ ଯୁବକଙ୍କୁ ଅଟକ ରଖି ପରେ ପୋଲିସ ଅଭିଯୋଗକୁ ନେଇ ମୋକଦ୍ଦମା ରୁଜୁ କରି ଗିରଫ କରିଥିଲା । ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡିହାରି ଙ୍କୁ ପଚାରିବା ରେ ଗୋପ ଥାନା ଅଂଚଳରେ ବିଭିନ୍ନ ସ୍ଥାନରେ ମଦ୍ୟପାନ କରୁଥିବା ଯୁବକଙ୍କ ଉପରେ ଚଢ଼ାଉ କରାଯିବା ସହ ରାତ୍ର ୧୧ ଟା ସୁଦ୍ଧା ବିଭିନ୍ନ ବଜାର ରେ ଥିବା ଢାବା ସହିତ ଅନ୍ୟାନ୍ୟ ଦୋକାନ ବଜାର ବନ୍ଦ କରାଯିବ ବୋଲି କହିଥିଲେ ।


## ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।

ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

### ନିଜ ଟଙ୍କାକୁ ଦାବି କରିବାର ୩ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

### ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ (https://udgam.rbi.org.in) ଯାଞ୍ଚ କରନ୍ତୁ ।

ଅକ୍ଟୋବରରୁ ଡିସେମ୍ବର 2025 ମଧ୍ୟରେ ସାରାଦେଶରେ ସମସ୍ତ ଜିଲ୍ଲାରେ ଆୟୋଜିତ ହେଉଥିବା ସ୍ୱତନ୍ତ୍ର ଦାବିହୀନ ପରିସମ୍ପତ୍ତି ଶିବିର ପରିଦର୍ଶନ କରନ୍ତୁ




ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: https://rbikehtahai.rbi.org.in
ମତାମତ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
ଆନୁଷ୍ଠାନିକ ହ୍ୱାଟ୍‌ସଆପ୍ ନମ୍ବର 99990 41935

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in

### ନାଲକୋ ପାରିପାର୍ଶ୍ୱିକ ଯୁବପିଢ଼ିଙ୍କ ନିମନ୍ତେ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ

# ଶିଳ୍ପ- ଉପଯୋଗୀ ଦକ୍ଷତା ତାଲିମ ଦ୍ୱାରା ଯୁବପିଢ଼ିଙ୍କୁ ସଶକ୍ତ କରିବା

## ନାଲକୋ ଏବଂ ସିଟିଟିସି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର , (ସବ୍ୟୁ) : ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲକୋ) ଗ୍ରାମୀଣ ଯୁବବର୍ଗଙ୍କୁ ଦକ୍ଷତା ବିକାଶ ମାଧ୍ୟମରେ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି । ଏହି କ୍ରମରେ ଦାମନଯୋଡ଼ି ତଥା ଅନୁଗୋଳ ସ୍ଥିତ କମ୍ପାନୀର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ଯୁବକମାନଙ୍କ ପାଇଁ ଏକ ଦକ୍ଷତା ତାଲିମ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ନାଲକୋ ଫାଉଣ୍ଡେସନ ଏବଂ ଭାରତ ସରକାରଙ୍କ ଏମଏସଏମଇ ମନ୍ତ୍ରଣାଳୟ ଅଧୀନସ୍ଥ ସେଣ୍ଟ୍ରାଲ ଟୁଲ ରୁମ ଆଣ୍ଡ ଟ୍ରେନିଂ ସେଣ୍ଟର (ସିଟିଟିସି) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ପଦକ୍ଷେପର ଅଂଶ ସ୍ୱରୂପ, ନାଲକୋର ମାଇନ୍ସ ଓ ରିଫାଇନାରୀ କମ୍ପ୍ଲେକ୍ସ, ଦାମନଜୋଡ଼ି ଏବଂ ସ୍ମେଲଟର ଓ ପାୱାର କମ୍ପ୍ଲେକ୍ସ, ଅନୁଗୋଳର ପାର୍ଶ୍ୱବର୍ତ୍ତୀ ଗ୍ରାମରୁ ୨୦ ଜଣ ଲେଖାଏ ମୋଟ ୪୦ ଜଣ ଯୁବକ/ଯୁବତୀଙ୍କୁ ଭୁବନେଶ୍ୱର ସ୍ଥିତ ସିଟିଟିସି ଠାରେ ଏକ ପାଞ୍ଚ ମାସିଆ ଆବାସିକ ତାଲିମ ପ୍ରଦାନ କରାଯିବ। ଭୁବନେଶ୍ୱର ସ୍ଥିତ କର୍ପୋରେଟ କାର୍ଯ୍ୟାଳୟରେ ବ୍ରିଜେନ୍ଦ୍ର ପ୍ରତାପ ସିଂହ,ସିଏମଡି, ନାଲକୋ, ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ଉତ୍ପାଦନ), ଡକ୍ଟର ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବସମ୍ବଳ), ଅଭୟ କୁମାର ବେହୁରିଆ, ନିର୍ଦ୍ଦେଶକ (ଅର୍ଥ) ତଥା ନାଲକୋ ଏବଂ ନାଲକୋ ଫାଉଣ୍ଡେସନ ଓ ସିଟିଟିସି ଭୁବନେଶ୍ୱରର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ଗତ ଅକ୍ଟୋବର ୭ ରେ ସ୍ୱାକ୍ଷରିତ ହୋଇଯାଇଛି । ଏହି ପଦକ୍ଷେପ ଉପରେ ନିଜ ବକ୍ତବ୍ୟ ରଖି ସିଏମଡ଼ି ଶ୍ରୀ ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଯୁବପିଢ଼ିଙ୍କୁ ଶିଳ୍ପ-ଉପଯୋଗୀ ଦକ୍ଷତା ହାସଲ କରିବା ନିମନ୍ତେ ସାହାଯ୍ୟ କରିବା ସହିତ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି ପାଇଁ ବାଟ ଫିଟାଇବ । ସେ ଆହୁରି ମଧ୍ୟ କହିଥିଲେ ଯେ, ଏହିଭଳି ସିଏସଆର ପଦକ୍ଷେପ ସ୍ଥାନୀୟ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ସହ ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବ । ଉଲ୍ଲେଖଯୋଗ୍ୟ ଯେ, ଭାରତ ସରକାରଙ୍କ ଦକ୍ଷତା ବିକାଶ ପରିଷଦର ଜାତୀୟ ଦକ୍ଷତା ଯୋଗ୍ୟତା ଫ୍ରେମୱାର୍କ ସହିତ ସମନ୍ୱୟ ରଖି ଏହି ତାଲିମ ପ୍ରଦାନ କରାଯିବ। ଏହି ପଦକ୍ଷେପ ନାଲକୋର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ପ୍ରୟାସ ଅଧୀନରେ ସମ୍ପ୍ରଦାୟ ବିକାଶ ଏବଂ ସ୍ଥାୟୀ ଜୀବିକା ନିର୍ବାହ ପ୍ରତି ନିରନ୍ତର ପ୍ରତିବଦ୍ଧତାର ଏକ ଅଂଶବିଶେଷ।




### ବାଲିଯାତ୍ରା ନିମନ୍ତେ ପ୍ଲଟ ଆବଣ୍ଟନ ପଞ୍ଜୀକରଣ ଆସନ୍ତା ୧୨ତାରିଖ ପର୍ଯ୍ୟନ୍ତ ବୃଦ୍ଧି

କଟକ, (ସବ୍ୟୁ): ଐତିହାସିକ ବାଲିଯାତ୍ରା କଟକ ୨୦୨୫ରେ ଷ୍ଟଲ ଖୋଲିବା ନିମନ୍ତେ ପ୍ଲଟ ପଞ୍ଜୀକରଣ ତାରିଖ ଆସନ୍ତା ୧୨ତାରିଖ ପର୍ଯ୍ୟନ୍ତ ବୃଦ୍ଧି ପାଇଛି । କର୍ଫ୍ୟୁ ପରିସ୍ଥିତି ଏବଂ ଇଣ୍ଟରନେଟ ବନ୍ଦ ରହିଥିବା କାରଣରୁ ଏହି ସମୟ ବୃଦ୍ଧି କରାଯାଇଛି । ଉଭୟ ଅନଲାଇନ ଓ ଅଫଲାଇନ ଜରିଆରେ ପଞ୍ଜୀକରଣ କରାଯାଉଛି। ବାରବାଟି ପ୍ୟାଲେସଠାରେ ଦୈନିକ ପୂର୍ବାହ୍ନ ୧୦ଘଣ୍ଟିକାଠାରୁ ଅପରାହ୍ନ ୫ଘଣ୍ଟିକା ୩୦ ମିନିଟ ମଧ୍ୟରେ ଫର୍ମ ଦାଖଲ ଓ ପଞ୍ଜିକରଣ କାର୍ଯ୍ୟ ଚାଲୁ ରହିଛି । ଅନଲାଇନ ମାଧ୍ୟମରେ ପଞ୍ଜୀକରଣ ପାଇଁ ଇଚ୍ଛୁକ ବ୍ୟକ୍ତି www.baliyatra.net ୱେବ୍ସାଇଟରେ ପଞ୍ଜୀକରଣ କରିପାରିବେ। ପଞ୍ଜୀକରଣ ପାଇଁ ଆଉ ଅଳ୍ପ ଦିନ ବାକି ଥିବାରୁ ଶେଷ ସମୟରେ ଭିଡ଼ ଏଡାଇବା ନିମନ୍ତେ ଯଥାଶୀଘ୍ର ପଞ୍ଜୀକରଣ କରାଇନେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

### ଓପିଟିସିଏଲ୍ ପକ୍ଷରୁ ୧୩୨/୩୩ କୁଚିଣ୍ଡା, ରେଢ଼ାଖୋଲ ଗ୍ରୀଡ ସବ୍-ଷ୍ଟେସନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ବିଦ୍ୟୁତ୍ କଟକଣା

ବୁର୍ଲା, (ସବ୍ୟୁ) : ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ୍) ପକ୍ଷରୁ ୧୩୨/୩୩ କେ.ଭି. କୁଚିଣ୍ଡା ଏବଂ ରେଢାଖୋଲ ଗ୍ରୀଡ୍ ସବଷ୍ଟେସନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଏନ୍ଏସି, କୁଚିଣ୍ଡା ବ୍ଲକ, ଜମନକିରା ବ୍ଲକ ଅନ୍ତର୍ଗତ ଅଞ୍ଚଳ ଓ ଏହାର ଆଖାପାଖ ଅଞ୍ଚଳ ଏବଂ ରେଢ଼ାଖୋଲ ଏନ୍ଏସି, ରେଢ଼ାଖୋଲ ବ୍ଲକ, ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଅଞ୍ଚଳ ଓ ଏହାର ଆଖାପାଖ ଅଞ୍ଚଳରେ ଆସନ୍ତାକାଲି ଅର୍ଥାତ ତା. ୦୯.୧୦.୨୦୨୫ ରିଖ୍ (ଗୁରୁବାର) ଦିନ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ ।ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ଅତ୍ୟନ୍ତ ଜରୁରୀ ଅଟେ । ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ୍ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲୁଓଡିଏଲ୍ କର୍ତ୍ତୃପକ୍ଷ ଦୁଃଖପ୍ରକାଶ କରିବା ସହ ଉକ୍ତ ଅଞ୍ଚଳର ସମସ୍ତ ବିଦ୍ୟୁତ୍ ଉପଭୋକ୍ତା ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଅଛନ୍ତି ।

### ବାଲିଯାତ୍ରା ପାଇଁ ପ୍ରଶାସନର ସୁରକ୍ଷା ପଦକ୍ଷେପ

# ପଡ଼ିଆର ୫ କିଲୋମିଟର ଅବଧିକୁ "ଡ୍ରୋନ୍ ମୁକ୍ତ ଅଞ୍ଚଳ" ଘୋଷଣା

କଟକ, (ସବ୍ୟୁ): କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ନଭେମ୍ବର ୫ ତାରିଖଠାରୁ ୧୨ ତାରିଖ ପର୍ଯ୍ୟନ୍ତ ଐତିହାସିକ ବାଲିଯାତ୍ରା କଟକ ୨୦୨୫ ଆୟୋଜନ କରାଯାଉଛି । ଏହି ସମୟ ମଧ୍ୟରେ କଟକରେ ପ୍ରତିବର୍ଷ ୫୦ ଲକ୍ଷରୁ ଅଧିକ ଦର୍ଶକଙ୍କ ସମାଗମ ହୋଇଥାଏ। ଚଳିତବର୍ଷ ଐତିହାସିକ ବାଲିଯାତ୍ରା ମହୋତ୍ସବ ଉଭୟ ତଳ ଏବଂ ଉପର ବାଲିଯାତ୍ରା ପଡ଼ିଆରେ ୬୦ ଏକରରୁ ଅଧିକ ପରିବ୍ୟାପ୍ତ ସ୍ଥାନରେ ବିଶାଳ ଆକାରରେ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମ ସମୟରେ, ଅନେକ ଭିଭିଆଇପି ଏବଂ ଭିଆଇପି ଅତିଥି ଐତିହାସିକ ମହୋତ୍ସବ ଦେଖିବା ପାଇଁ ଯୋଗଦେବାର ଆଶା କରାଯାଉଛି ।ସୁରକ୍ଷା ଏବଂ ନିରାପତ୍ତା ଦୃଷ୍ଟିରୁ, ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ତଳ ଏବଂ ଉପର ବାଲିଯାତ୍ରା ପଡ଼ିଆ ଏବଂ ଆଖପାଖ ଅଞ୍ଚଳ ଉପରେ ପାରା ଗ୍ଲାଇଡର୍, ପାରା ମୋଟର୍ସ, ପାୱାର ହ୍ୟାଙ୍ଗ ଗ୍ଲାଇଡର୍, ମାଇକ୍ରୋ ଲାଇଟ୍ ଏୟାରକ୍ରାଫ୍ଟ, ହଟ୍ ଏୟାର ବେଲୁନ୍, ୟୁଏଭି କିମ୍ବା ଡ୍ରୋନ୍ ଉଡ଼ାଣକୁ ନିଷେଧ କରିବା ସହ ତଳ ଏବଂ ଉପର ବାଲିଯାତ୍ରା ପଡ଼ିଆ ଠାରୁ ୫ କିଲୋମିଟର ପରିଧି ମଧ୍ୟରେ ଥିବା ଅଞ୍ଚଳକୁ "ଡ୍ରୋନ୍ ମୁକ୍ତ ଅଞ୍ଚଳ" ଭାବରେ ଘୋଷଣା କରିଛନ୍ତି । ୨୦୨୫ ନଭେମ୍ବର ୧ ତାରିଖଠାରୁ ରୁ ୧୫ ତାରିଖ ପର୍ଯ୍ୟନ୍ତ ଏହି ଡ୍ରୋନ୍ ମୁକ୍ତ ଅଞ୍ଚଳ ଉପରେ ପାରା ଗ୍ଲାଇଡର୍, ପାରା ମୋଟର୍ସ, ପାୱାର ହ୍ୟାଙ୍ଗ ଗ୍ଲାଇଡର୍, ମାଇକ୍ରୋ ଲାଇଟ୍ ଏୟାରକ୍ରାଫ୍ଟ, ହଟ୍ ଏୟାର ବେଲୁନ୍, କିମ୍ବା ଡ୍ରୋନ୍ ଉଡ଼ାଣକୁ କଡ଼ାକଡ଼ି ନିଷିଦ୍ଧ କରାଯାଇଛି। ଏହି ଆଦେଶର ଉଲ୍ଲଂଘନ କଲେ ଏନଫୋର୍ସମେଣ୍ଟ ଦଳ ଦ୍ୱାରା ନିଷିଦ୍ଧ ସାମଗ୍ରୀ ଜବତ କରାଯିବ ଏବଂ ଆଇନର ବ୍ୟବସ୍ଥା ଅନୁଯାୟୀ ଦଣ୍ଡ ବିଧାନ କରାଯିବ। ତେଣୁ ନିର୍ଦ୍ଦିଷ୍ଟ ଅଞ୍ଚଳ ଏବଂ ଅବଧି ମଧ୍ୟରେ ଏପରି କୌଣସି ଉପକରଣ ପରିଚାଳନା କରିବା ପୂର୍ବରୁ କଟକର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନ୍ୟାୟିକ ବିଭାଗରୁ ଆବଶ୍ୟକ ଅନୁମତି ନେବାକୁ ଅନୁରୋଧ କରାଯାଇଛି।

### ଉନ୍ନତ ଛାତ୍ର ସହାୟତା ସେବା ନିମନ୍ତେ

# କିଟ୍‌କୁ ଫିକି ଉଚ୍ଚଶିକ୍ଷା ଉତ୍କର୍ଷ ପୁରସ୍କାର ୨୦୨୫

ଭୁବନେଶ୍ୱର, (ସବ୍ୟୁ) : ଉତ୍ତମ ଷ୍ଟୁଡେଣ୍ଟ ସପୋର୍ଟ ସର୍ଭିସ ତଥା ଆର୍ଥିକ ସ୍ଥିରତା ଏବଂ ଛାତ୍ର ପ୍ରବେଶାଧିକାର ଉତ୍କର୍ଷତା' ବର୍ଗରେ କିଟ୍ ବିଶ୍ୱବିଦ୍ୟାଳୟକୁ ପ୍ରତିଷ୍ଠିତ ଏଫ୍ଆଇସିସିଆଇ (ଫିକି) ଉଚ୍ଚ ଶିକ୍ଷା ଉତ୍କର୍ଷତା ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀଠାରେ ଫିକି ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ କିଟ୍‌କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ କିଟ୍ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ପୁରସ୍କାର କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ର ସମର୍ଥନ, ଆତ୍ମନିର୍ଭରଶୀଳ ଆର୍ଥିକ ମଡେଲ ପ୍ରତି ସେବା, ଉଚ୍ଚଶିକ୍ଷାରେ ଅନ୍ତର୍ଭୁକ୍ତି ଏବଂ ସୁଗମତା ପ୍ରତି ଏହାର ଗଭୀର ପ୍ରତିବଦ୍ଧତାକୁ ସ୍ୱୀକୃତି ଦିଏ। ସମସ୍ତ ସାମାଜିକ-ଆର୍ଥିକ ପୃଷ୍ଠଭୂମିର ଛାତ୍ରଛାତ୍ରୀମାନଙ୍କୁ ବ୍ୟାପକ ଛାତ୍ରବୃତ୍ତି ଏବଂ ଆର୍ଥିକ ସହାୟତା ପ୍ରଦାନ କରିବାରେ କିଟ୍ ବିଶ୍ୱବିଦ୍ୟାଳୟର ଅଗ୍ରଣୀ ପ୍ରୟାସ ରହିଆସିଛି। ଫଳରେ କିଟ୍‌ରେ ଗୁଣାତ୍ମକ ଶିକ୍ଷା ଦିଆଯାଉଥିବା କୁରି ଦ୍ୱାରା ପ୍ରଶଂସା କରାଯାଇଥିଲା। ଏହି ଅବସରରେ ପ୍ରଫେସର ସିଂହ କହିଲେ, କେନ୍ଦ୍ରମନ୍ତ୍ରୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିବା କିଟ୍ ପାଇଁ ଅତ୍ୟନ୍ତ ଗୌରବର ବିଷୟ। ଏହା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଭିତ୍ତିଭୂମି ଏବଂ କିଟ୍‌ର ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କ ସାମୂହିକ ଓ ଉତ୍ସର୍ଗୀକୃତ ପ୍ରୟାସର ସ୍ୱୀକୃତି ବୋଲି ସେ କହିଥିଲେ।



# ଡ. ନମ୍ରିତା ଚହଲ୍‌ଙ୍କ ଲିଖିତ "ୱିସ୍‌ପର୍ସ ଅଫ୍ ଦି ସୋଲ୍' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,(ସବ୍ୟୁ) : ଡ. ନମ୍ରିତା ଚହଲ୍‌ଙ୍କ ପ୍ରଥମ ପୁସ୍ତକ "ଓ୍ୱିସ୍ପର୍ସ ଅଫ୍ ଦି ସୋଲ୍'ଭୁବନେଶ୍ୱରରର ବିଶିଷ୍ଟ ଅତିଥିମାନଙ୍କ ଉପସ୍ଥିତିରେ ଉନ୍ମୋଚିତ ହୋଇଛି । ୧୦ ତାରିଖରେ ପାଳନ ହେବାକୁ ଯାଉଥିବା ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସକୁ ପ୍ରାଧାନ୍ୟ ଦେଇ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମ ଭାବପ୍ରବଣ ଏବଂ ମାନସିକ ସୁସ୍ଥତା ବିଷୟରେ ପୁସ୍ତକରେ ଥିବା ଗଭୀର ପ୍ରାସଙ୍ଗିକତାକୁ ଉଲ୍ଲେଖ କରିଛି । ଡ. ନମ୍ରିତା ଚହଲ୍ ମେଟାଫିଜିକ୍ସରେ ଡକ୍ଟରେଟ୍ ହାସଲ କରିଥିବା ସହ ଜଣେ କ୍ୱାଣ୍ଟମ ହିଲର୍, ଲାଇଫ୍ କୋଚ୍, ରେକି ଗ୍ରାଣ୍ଡମାଷ୍ଟର୍ । ସେ ଏପର୍ଯ୍ୟନ୍ତ ୯ହଜାରରୁ ଅଧିକ ଲୋକଙ୍କୁ ସାହାର୍ଯ୍ୟ କରିଛନ୍ତି ଏବଂ ସାମଗ୍ରିକ ଚିକିସା ଓ ଆତ୍ମ ବିକାଶ ପ୍ରତି ତାଙ୍କର ଉସାହ, ସହାନୁଭୂତି ଓ ନିଷ୍ଠା ପାଇଁ ବେଶ୍ ଜଣାଶୁଣା । ତାଙ୍କର ପୁସ୍ତକ "ୱିସ୍ପର୍ସ ଅଫ୍ ଦି ସୋଲ୍'ସୁସ୍ଥତା ପାଇଁ ଏକ ସରଳ କିନ୍ତୁ ଶକ୍ତିଶାଳୀ ମାଗଦର୍ଶିକା । ପୁସ୍ତକଟି ଡ. ଚହଲ୍‌ଙ୍କ ବ୍ୟକ୍ତିଗତ ଅଭିଜ୍ଞତାକୁ ସହ ଭାବପ୍ରବଣତାରେ ସନ୍ତୁଳନ, ଆତ୍ମ ସଚେତନତା ଏବଂ ବ୍ୟକ୍ତିଗତ ବିକାଶ ଉପରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଛି । ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଅନେକ ବିଶିଷ୍ଟ ଅତିଥି ଯୋଗ ଦେଇଥିଲେ ।



# ଭୋଟ ଚୋରି ଓ ଚାକିରି ବିକ୍ରି ପ୍ରତିବାଦରେ ଯୁବ କଂଗ୍ରେସର ପ୍ରତାରଣା ପ୍ରତିବାଦ ସମାବେଶ ଆଜି

ଭୁବନେଶ୍ୱର,(ସବ୍ୟୁ) : ଭୋଟ ଚୋରି ଓ ଚାକିରି ବିକ୍ରି ପ୍ରତିବାଦରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଭୁବନେଶ୍ୱରରେ ଆଜି (ଗୁରୁବାର) ପ୍ରତାରଣା ପ୍ରତିବାଦ ସମାବେଶ କରାଯିବ । ଏନେଇ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ପ୍ରକାଶ କରିଛନ୍ତି । ଯୁବ କଂଗ୍ରେସ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକ ଠାରେ ସମାବେଶ କରାଯିବ । ପରେ ଏକ ରାଲି ମାଷ୍ଟରକ୍ୟାଣ୍ଟିନରୁ ବାହାରି ଲୋୟର ପିଏଜି ଦେଇ ମୁଖ୍ୟ ନିର୍ବାଚନ ଅଧିକାର କାର୍ଯ୍ୟାଳୟ ଅଭିମୁଖେ ଯାତ୍ରା କରିବ । ଲୋୟର ପିଏମଜି ଠାରେ ମଧ୍ୟ ଚାକିରି ବିକ୍ରି ପ୍ରତିବାଦରେ ବିକ୍ଷୋଭ କରାଯିବ । ଏହି ସମଗ୍ର କାର୍ଯ୍ୟକ୍ରମରେ ଅଖିଳ ଭାରତ ଯୁବ କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ଉଦୟଭାନୁ ଚିବ୍, ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦ ଯୋଗ ଦେବେ । ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର କହିଛନ୍ତି ଯେ, ରାଜ୍ୟରେ ଏବଂ ଦେଶରେ ଲୋକଙ୍କ ଦ୍ୱାରା ନିର୍ବାଚିତ ସରକାର ଚାଲିନାହିଁ । ଦୁଇଟି କ୍ଷେତ୍ରରେ ଭୋଟ ଚୋରିରୁ ଗଠିତ ସରକାର ଚାଲିଛି । ପ୍ରଧାନମନ୍ତ୍ରୀ , ଅମିତ ଶାହା ଓ ମୁଖ୍ୟ ନିର୍ବାଚନ କମିଶନଙ୍କ ମଧୁଚନ୍ଦ୍ରିକାରେ ଏହି ସରକାର ସମ୍ଭବ ହୋଇପାରିଛି । ଲୋକସଭାର ବିରୋଧିଦଳର ନେତା ରାହୁଲ ଗାନ୍ଧୀ ଏହି ଭୋଟ ଚୋରିର ପର୍ଦ୍ଦାଫାଶ କରିବା ପରେ ସାରା ଦେଶର ଭୋଟର ମାନେ ଅନୁଭବ କରିଛନ୍ତି ଯେ, ସେମାନଙ୍କର ଗଣତାନ୍ତ୍ରିକ ଅଧିକାରକୁ ନିର୍ବାଚନ କମିଶନ ଏବଂ ପ୍ରଧାନମନ୍ତ୍ରୀ ଛଡାଇ ନେଇଛନ୍ତି । ଓଡ଼ିଶାରେ ଭୋଟ ଚୋରି ମଧ୍ୟ ବ୍ୟାପକ ହୋଇଛି । ସନ୍ଧ୍ୟା ୫ ଟା ଠାରୁ ରାତି ୯ ଭିତରେ ୪୨ ଲକ୍ଷ ଭୋଟ ଯୋଡି ହୋଇଯିବାରୁ ଓଡ଼ିଶାରେ ବିଜେପି ସରକାର ଗଠନ ହୋଇଛି । ସେହିଭଳି କର୍ଣ୍ଣାଟକର ମହାଦେବପୁରା ଠାରେ ଭୋଟ ଚୋରିର ଉଦାହରଣ ଦେଇ ରାହୁଲ ଗାନ୍ଧୀ ସାରା ଦେଶର ଭୋଟର ଭାଇ ଓ ଭଉଣୀମାନଙ୍କର ଆଖି ଖୋଲି ଦେଇଛନ୍ତି । ଗୋଟିଏ ଘରେ ଗୋଟିଏ ନମ୍ବରରେ ୫୦୦ରୁ ଉର୍ଦ୍ଧ୍ୱ ଭୋଟର ଏବଂ ଏହା ପୁଣି ବିଭିନ୍ନ ଧର୍ମର ଲୋକଙ୍କୁ ନେଇ କିପରି ସମ୍ଭବ ହୋଇପାରୁଛି । ସେହିଭଳି ବହୁ ଭୋଟରଙ୍କ ଘର ନମ୍ବର ଶୂନ୍ୟ ମଧ୍ୟ ରହିଛି । ସେହିଭଳି ଭୁଲ ଠିକଣା, ଫର୍ଜି ଭୋଟ, ଫର୍ଜି ଫଟୋ ଏବଂ ୬ ନମ୍ବର ଫର୍ମର ଦୁର୍ବ୍ୟବହାର କରାଯାଇ ମହାଦେବପୁରାରେ ବ୍ୟାପକ ଭୋଟ ଚୋରିର ପ୍ରମାଣ ରାହୁଲ ଗାନ୍ଧୀ ଦେଇଛନ୍ତି । ସେହଭଳି ମହାରାଷ୍ଟ୍ର ଏବଂ ଦେଶର ବିଭିନ୍ନ ରାଜ୍ୟରେ ଭୋଟ ଚୋରି ହୋଇଛି । ଓଡ଼ିଶାରେ ବ୍ୟାପକ ଭୋଟ ଚୋରି ହୋଇଥିଲେ ମଧ୍ୟ ବିଜେଡ଼ି ଦଳ ଠିକ୍ ଭାବରେ ମୁହଁ ଖୋଲୁନାହିଁ । ସାମ୍ବାଦିକ ସମ୍ମିଳନୀରେ ଜାତୀୟ ଯୁବ କଂଗ୍ରେସ ଗଣମାଧ୍ୟମ ସଂଯୋଜକ ସୁଦୀପ ସାମଲ, ରାଜ୍ୟ ସାଧାରଣ ସମ୍ପାଦକ ନିହାର ବେହେରା, ଅଭିଜିତ୍ ଜେନା, ଜାଭେଦ ଅକ୍ତର, ମହମ୍ମଦ ଗୁଲଫାମ୍, କେଦାର ଦଳେଇ, ସ୍ୱାଗତ କର ଓ ମହମ୍ମଦ ପରଭେଜ ପ୍ରମୁଖ ଉପସ୍ଥିତ ଥିଲେ ।



### ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଗୁରୁତ୍ୱପୂର୍ଣ୍ଣ ବୈଠକ

# ଓଡ଼ିଆ ଅସ୍ମିତା ଭବନ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କର

**ଢେଙ୍କାନାଳ ପରେ କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜା ଲାଗି ସହାୟତା**

**ବାଲିଯାତ୍ରାରେ ଅନ୍ୟ ରାଜ୍ୟ ସହିତ ଇଣ୍ଡୋନେସିଆକୁ ଆମନ୍ତ୍ରଣ**

ଭୁବନେଶ୍ୱର(ସବ୍ୟୁ): ଢେଙ୍କାନାଳର ଗଜଲକ୍ଷ୍ମୀ ପୂଜାକୁ ସହାୟତା ପ୍ରଦାନ ପରେ କେନ୍ଦ୍ରାପଡ଼ାର ମହାକାଳପଡ଼ାର ବିଧାୟକଙ୍କ ଅନୁରୋଧକ୍ରମେ କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜା ନିମନ୍ତେ ସଂସ୍କୃତି ବିଭାଗ ତରଫରୁ ଆର୍ଥିକ ସହାୟତା ରାଶି ଯୋଗାଇ ଦିଆଯିବ । ଭୁବନେଶ୍ୱରର ସୈନିକ ସ୍କୁଲ ନିକଟରେ ହେବାକୁଥିବା ଓଡ଼ିଆ ଅସ୍ମିତା ଭବନର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଓଡିଶା ସେତୁ ଓ ନିର୍ମାଣ ନିଗମକୁ ନିର୍ଦ୍ଦେଶ ଦିଆଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସମ୍ମିଳନୀ କକ୍ଷରେ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଏହି ନିଷ୍ପତ୍ତି ହୋଇଛି । ଏହି ବୈଠକରେ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ନଭେମ୍ବର ୫ ତାରିଖରୁ ଆରମ୍ଭ ହେଉଥିବା କଟକ ବାଲିଯାତ୍ରାରେ ଓଡ଼ିଆ ସାହିତ୍ୟର ଯୋଗଜନ୍ମା ଲେଖକ ଏବଂ ସେମାନଙ୍କ କୃତିକୁ ନେଇ ଏକ ବିଷୟବସ୍ତୁ ମଣ୍ଡପ ଥିମ ପାଭିଲିୟନ ନିର୍ମାଣ କରାଯିବ । ଇଣ୍ଡୋନେସିଆକୁ ଚଳିତ ବର୍ଷ ସହଭାଗୀ ଦେଶ ହିସାବରେ ଆମନ୍ତ୍ରିତ କରାଯିବ । "ଏକ ଭାରତ ଶ୍ରେଷ୍ଠ ଭାରତ' ଅଧୀନରେ ଦେଶର ଏକ ପ୍ରମୁଖ ରାଜ୍ୟକୁ ମଧ୍ୟ ସହଭାଗୀ ରାଜ୍ୟ ହିସାବରେ ଆମନ୍ତ୍ରିତ କରାଯିବ । ଦକ୍ଷିଣ ଏସିଆର କେତକ ରାଷ୍ଟ୍ରଙ୍କୁ ସେମାନଙ୍କର ସାଂସ୍କୃତିକ ଦଳ ପ୍ରେରଣ ନିମନ୍ତେ ମଧ୍ୟ ଅନୁରୋଧ କରାଯିବ । ସଂସ୍କୃତି ବିଭାଗ ଅଧିନସ୍ଥ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ବିଭୁତି କାନୁନଗୋ ଓ ଖଲ୍ଲିକୋଟ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଖାଲିଥିବା ସମସ୍ତ ପଦବୀ ଅତିଶୀଘ୍ର ପୂରଣ କରାଯିବ । କେନ୍ଦ୍ରାପଡ଼ା ଜିଲ୍ଲାର କାଳିଦାସ ମନ୍ଦିରର ପୁନରୁଦ୍ଧାର ଦାୟି ରାଜ୍ୟ ପ୍ରନିତତ୍ତ୍ୱ ଗ୍ରହଣ କରିବ । ପୁରୀସ୍ଥିତ ଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ବାସଗୃହ ପାଥେର ପୁରୀର ପୁନରୁଦ୍ଧାର କରାଯାଇ ଏହାକୁ ଗୁରୁଦେବଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସଂଗ୍ରହାଳୟରେ ପରିଣତ କରାଯିବ ।

# ବାଲକାଟି ଜିଓ ପେଟ୍ରୋଲ ଟାଙ୍କିରେ ହେଲ୍‌ମେଟ୍ ଉପହାର

ବାଲିଅନ୍ତା, (ସବ୍ୟୁ) : ସରଦେଇପୁର-ନିମାପଡା ରାସ୍ତା ବାଲକାଟିରେ ଜିଓର ନୂଆ ପେଟ୍ରୋଲ ଟାଙ୍କି ଉଦଘାଟନ ହୋଇଯାଇଛି । ଏନେଇ ଟାଙ୍କିର ମାଲିକ ସଞ୍ଜୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା ।ଏଥିରେ ଅତିଥିଭାବେ ଜିଓ କମ୍ପାନୀର ବରିଷ୍ଠ ଅଧିକାରୀ ସମେତ ସ୍ଥାନୀୟ ଅଞ୍ଚଳର ସମାଜସେବୀ ସୁବ୍ରତ ମହାନ୍ତି, ସଂଳାପକାର ଡ଼. ରଜନୀ ରଞ୍ଜନ ଦାଶ, ବେଣୁଧର ଭୋଇ,ଭାଗ୍ୟଧର ନନ୍ଦୀ, ଚକ୍ରଧର ନାୟକ, ପବିତ୍ର ବେହେରା, ଇଂ. ରୁଦ୍ରପ୍ରସାଦ ଭଞ୍ଜ ପ୍ରମୁଖ ଯୋଗଦେଇଥିଲେ । ସଞ୍ଜୟ ମହାନ୍ତିଙ୍କ ବାପା ପ୍ରହ୍ଲାଦ ମହାନ୍ତି ଓ ମାତା ସୁଧାଂଶୁବାଳା ମହାନ୍ତି ଶୁଭାରମ୍ଭ କରିଥିଲେ । ଉଦଘାଟନ ଦିନରେ ପ୍ରତ୍ୟେକ ବାଇକରେ ୭୦୦ ଟଙ୍କା ଓ ସ୍କୁଟିରେ ୩୫୦ ଟଙ୍କାର ପେଟ୍ରୋଲ ପକାଇଲେ ଗ୍ରାହକ ମାନଙ୍କୁ ହେଲମେଟ ଉପହାର ଦିଆଯାଇଥିଲା । ସେହିପରି କାର ଚାଳକ ପେଟ୍ରୋଲ ପକାଇଲେ ସେମାନଙ୍କୁ ଚାବି ରିଙ୍ଗ, ୱାସ ଲିକ୍ୟୁଡ଼ି ଓ କପଡା ବଣ୍ଟା ଯାଇଥିଲା । ଏଥିସହ ପ୍ରତି ଗ୍ରାହକଙ୍କୁ ମିଠା ପ୍ୟାକେଟ ବଣ୍ଟନ କରାଯାଇଥିଲା ।

### ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ହତ୍ୟା ଘଟଣା

# ବେତନଟୀ ବାର ଆସୋସିଏସନ ପକ୍ଷରୁ କଲମଛାଡ ଆନ୍ଦୋଳନ

ବେତନଟୀ,(ସବ୍ୟୁ)- ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ତଥା ଓଡିଶା ରାଜ୍ୟ ଆଇନ ପରିଷଦର ସଦସ୍ୟ ପୀତବାସ ପଣ୍ଡାଙ୍କୁ ବାଇକ ଆରୋହୀ ଦୁଇ ଦୁର୍ବୃତ୍ତ ଗୁଳିକରି ଅତ୍ୟନ୍ତ ନିର୍ମମଭାବେ ହତ୍ୟା କରିବା ଘଟଣା ପ୍ରତିବାଦରେ ଦିଆଯାଇଥିବା ରାଜ୍ୟବ୍ୟାପୀ କଲମଛାଡ ଆନ୍ଦୋଳନ ପରିପ୍ରେକ୍ଷୀରେ ବେତନଟୀ ବାର ଏସୋସିଏସନ ପକ୍ଷରୁ ବୁଧବାର କଲମଛାଡ ଆନ୍ଦୋଳନ ସହିତ ଏକ ଶୋକସଭା ଆୟୋଜିତ ହୋଇଯାଇଛି । ବେତନଟୀ ଜେଏମଏଫସି କୋର୍ଟ ପରିସରସ୍ଥିତ ବାର ଏସୋସିଏସନ କାର୍ଯ୍ୟାଳୟରେ ବାର ଏସୋସିଏସନର ସଭାପତି ଦେବବ୍ରତ ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରବୀର କୁମାର ବାରିକ ସଂଯୋଜନା ଏବଂ ପରିଚାଳନା ଦାୟୀତ୍ୱ ତୁଲାଇଥିଲେ । ବ୍ରହ୍ମପୁରରେ ଯେଉଁଭଳି ଭାବରେ ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳିକରି ଅତି ନିର୍ମମ ଭାବରେ ହତ୍ୟା କରାଗଲା ତାହାକୁ ଦୃଢ ନିନ୍ଦା କରିବା ସହିତ ଉଚ୍ଚସ୍ତରୀୟ ନ୍ୟାୟୀକ ତଦନ୍ତର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଥିଲା । ଏହି ଅବସରରେ ଢ ଦିବଂଗତ ଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା । ଏହି କର୍ଯ୍ୟକ୍ରମରେ ବେତନଟୀ ବାର ଏସୋସିଏସନ ପକ୍ଷରୁ ବାର ଏସୋସିଏସନ ଉପସଭାପତି ରବିନାରାୟଣ ମହାପାତ୍ର, ରଣଜିତ ଗନ୍ତାୟତ, ଦୁଃଖିଆ ମୁର୍ମୁ, କିଶୋର କୁମାର ମହାନ୍ତ, ଅର୍ଣ୍ଣବ କୁମାର ଘୋଷ, ଲମ୍ବୋଦର ନାୟକ, ଲମ୍ବୋଦର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।



# ୧୬ତମ କୁଆଁର ପୁନେଇ ଜହ୍ନଲୋ କାର୍ଯ୍ୟକ୍ରମ

ବ୍ରହ୍ମପୁର, (ସବ୍ୟୁ): ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେସନ ଆନୁକୂଲ୍ୟରେ ୧୬ତମ କୁଆଁର ପୁନେଇ ଜହ୍ନଲୋ କାର୍ଯ୍ୟକ୍ରମ ଆଇଟିଆଇ ପ୍ରେକ୍ଷାଳୟରେ ମଙ୍ଗଳବାର ଆୟୋଜିତ ହୋଇଥିଲା । ଏଥିରେ ଜୀରାଙ୍ଗ ବୁଦ୍ଧ ମନ୍ଦିରର ମୁଖ୍ୟ ଗୁରୁ ଖେନୋ ପେମା ତେନଫେଲ, ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନକୁମାର ସ୍ୱାଇଁ ଏବଂ ପ୍ରତିଧ୍ୱନୀର ପ୍ରତିଷ୍ଠାତା ପ୍ରତାପକୁମାର ନାୟକ ଅତିଥିଭାବେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ । ପ୍ରଖ୍ୟାତ ଉଦଘୋଷକ ହୃଷିକେଶ ପାଣିଗ୍ରାହୀ ଓ ସୁଦୀପ୍ତା ପାଣିଗ୍ରାହୀ ସ୍ୱାଗତ ଭାଷଣ ସହ ସଭା ସଂଯୋଜନା କରିଥିଲେ । ଡ. ମିହିରକୁମାର ତ୍ରିପାଠୀ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ଆନ୍ଧ୍ରପ୍ରଦେଶର ତାନାକୁସ୍ଥତ ଅମ୍ବିକା ଡ୍ୟାନ୍ସ ଏକାଡେମୀର ନୃତ୍ୟାଙ୍ଗନାଙ୍କ ଚିତାକର୍ଷକ କୁଚିପୁଡ଼ି ନୃତ୍ୟ କାର୍ଯ୍ୟକ୍ରମର ମୁଖ୍ୟଆକର୍ଷଣ ହୋଇଥିଲା । ଏହା ସହିତ ସୁନ୍ଦରଗଡ଼ର ମୟୁରୀ ଲୋକନୃତ୍ୟ ଅନ୍ୟତମ ଆକର୍ଷଣ ପାଲଟିଥିଲା । ପୂର୍ବରୁ ଗ୍ରାମୀଣ କ୍ରୀଡ଼ା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କ ଦ୍ୱାରା ଠିଆ ପୁଚି ନାରଙ୍ଗ ଏବଂ ପାରମ୍ପରିକ କୁଆଁର ପୁନେଇ ଜହ୍ନଲୋ ନୃତ୍ୟ ପ୍ରଦର୍ଶିତ ହୋଇଥିଲା । ସଞ୍ଜିତା ପାଣିଗ୍ରାହୀଙ୍କ ଦ୍ୱାରା ଆବାହନୀ ଦେବୀ ନୃତ୍ୟ ଶରତ ମହାପାତ୍ର ଓ ଟିମ୍ ଦ୍ୱାରା ଶଙ୍ଖ ଧ୍ୱନୀ, ମାନସି ରାଉତରାୟ ଓ ଦଳଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, କେଇରା କିଶୋର ଓ ମହିଳା ସଂଗୀତ ଟିମ୍ ଦ୍ୱାରା ସଂଗୀତ ମୂର୍ଚ୍ଛନା ପ୍ରଦର୍ଶିତ ହୋଇଥିଲା । ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ପୁଅ ଚିତ୍ରଭାନୁ ମହାନ୍ତି ଯାଯାବର ଚଳଚ୍ଚିତ୍ରର ଗୀତ ପରିବେଷଣ କରିଥିଲେ । ଏହି ଅବସରରେ ୩ଯୁବ ପ୍ରତିଭା ପ୍ରତିଭାବାନ ଲିପିତତ୍ତ୍ୱ ଗବେଷକ ବିଷ୍ଣୁ ମୋହନ ଅଧିକାରୀ, ଫୋର୍ବସ ଇଣ୍ଡିଆରେ ସ୍ଥାନ ପାଇଥିବା ଓଡ଼ିଶାର ପ୍ରଥମ ଆଦିବାସୀ ମହିଳା ଯୁବ ସାମ୍ବାଦିକ ତଥା ଜଙ୍ଗଲ ରାଣୀ ଜୟନ୍ତୀ ବୁରୁଦା ଏବଂ ବଲିଉଡର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ହେୟାର ଷ୍ଟାଇଲିଷ୍ଟ ଏବଂ ମେକ୍ ଅପ ବିଶେଷଜ୍ଞ କେ, ରାଜୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ସଭାନେତ୍ରୀ ସୁଦୀପ୍ତା ପାଣିଗ୍ରାହୀ ଓ ଉପଦେଷ୍ଟା ହୃଷିକେଶ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏ. ତ୍ରିପତି ବାଲାଜି ପାତ୍ର, ହ ମିହିର ତ୍ରିପାଠୀ, ଡ.ଅମ୍ବରିଶ ପାଢୀ, ସୁଜାତା ପାଢୀ, ମଞ୍ଜୁଶ୍ରୀ ବେବର୍ଷା, ଡ. ସୋମେୟାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ ।।

# ଆକ୍ରମଣ ଘଟଣାରେ ଅଭିଯୁକ୍ତ ଗିରଫ: କାର ଓ ଖଣ୍ଡା ଜବତ

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ତାରସିଂ ଥାନା ଅଞ୍ଚଳରୁ ଜଣେ ଯୁବକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଆଜି ତାରସିଂ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଖବର ନେବାରେ କୋକଳବା ଗ୍ରାମର ମନୁ ପ୍ରଧାନ ଗତମାସ ୬ ତାରିଖ ଦିନ ଗ୍ରାମ ଛକ ନିକଟରେ ବସିଥିବା ବେଳେ ଗୋଟିଏ କାର୍ରେ କିଛି ଦୁର୍ବୃତ୍ତ ଆସି ତାକୁ ଜୋର ଜବରଦସ୍ତ ଗାଡିରେ ବସାଇ ଏକ ବୁଦା ନିକଟକୁ ନେଇ ଗାଳି ଗୁଲଜ ଦେବା ସହ ମାରପିଟ୍ କରିଥିଲେ । ଜୀବନରେ ମାରିଦେବାକୁ ଧମକ ଦେଇ ସେଠାରୁ ସେମାନେ ଚାଲିଯିବା ପରେ ସେ ସଲପଡଇଲା ଛକକୁ ଆସିବା ପରେ ସ୍ଥାନୀୟ ଲେକଙ୍କ ସହାୟତାରେ ମେଡିକାଲକୁ ଯାଇଥିଲେ । ଘଟଣାକୁ ନେଇ ମନୁ ତାରସିଂ ଥାନାରେ ଲିଖିତ ଅଭିଯୋଗ କରିଥିଲୋ । ଅଭିଯୋଗକୁ ଭିତ୍ତି କରି ପୁଲିସ୍ କେସ୍ ନମ୍ବର ୩୩୩/୨୫ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ କୋକଳବା ଗ୍ରାମର ରାଜେଶ କୁମାର ପ୍ରଧାନଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ସୂଚନା ଦେଇଛନ୍ତି । ତାଙ୍କ ନିକଟରୁ ବ୍ୟବହୃତ କାର ସହ ଖଣ୍ଡା ଜବତ ହେଇଥିବା ଥାନାଧିକାରୀ ଶ୍ରୀମତୀ ପୂଜାରୀ ସୂଚନା ଦେଇଛନ୍ତି ।

ଶୁଭେଚ୍ଛା ବାର୍ତ୍ତା
ନିରପେକ୍ଷ, ନିରପେକ୍ଷ ଏବଂ ସତ୍ୟ ଖବର ପ୍ରକାଶ କରୁଥିବା ଦୈନିକ ଓଡ଼ିଆ ଖବରକାଗଜ 'ସମୟ' ଇତିମଧ୍ୟରେ ୨୯ ବର୍ଷରେ ପଦାର୍ପଣ କରିଛି । ଏହାର ଦୀର୍ଘାୟୁ କାମନା କରିବା ସହ ଏଭଳି ଖବର, ପ୍ରସାରଣ ଜାରି ରଖୁ । ଏହା ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଖୋର୍ଦ୍ଧାର ସମସ୍ତ ବୁଦ୍ଧିଜୀବୀ, ସମାଜସେବୀ, ଯୁବକ ଓ ଛାତ୍ରଛାତ୍ରୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।
କନକଲକ୍ଷ୍ମୀ ମହାନ୍ତି
ଅଧ୍ୟକ୍ଷା,
ପୌରପରିଷଦ, ଖୋର୍ଦ୍ଧା
ମୋ.: ୯୪୩୭୭୬୭୨୫୫

# ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରଶ୍ମୀରଞ୍ଜନ ପଟ୍ଟନାୟକଙ୍କ ପରଲୋକ

କଟକ, (ସ୍ୱପ୍ର): ଭାରତୀୟ ପ୍ରଶାସନୀକ ସେବାର ଅବସରପ୍ରାପ୍ତ ଅଧିକାରୀ ରଶ୍ମୀ ରଞ୍ଜନ ପଟ୍ଟନାୟକଙ୍କ ପରଲୋକ ଘଟିଛି । ମୃତ୍ୟୁ ବେଳେକୁ ତାଙ୍କୁ ୭୫ବର୍ଷ



ବୟସ ହୋଇଥିଲା । ସ୍ଥାନୀୟ ୫୩ ନମ୍ବର ୱାର୍ଡ ସ୍ଥିତ ଦୁଲ୍ଲାଦେଇ ରୋଡ ସ୍ଥିତ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ପୁଷ୍ପମିତ୍ରା ପଟ୍ଟନାୟକ, ଦୁଇ ଝିଅ ପଲ୍ଲବୀ, ଶ୍ୱେତପଦ୍ମା ଏବଂ ଏକମାତ୍ର ପୁତ୍ର ନିବେଦନ ଉପସ୍ଥିତ ଥିଲେ । ଶ୍ରୀ ପଟ୍ଟନାୟକ ତାଙ୍କ ଚାକିରୀ ଜୀବନ ମଧ୍ୟରେ ପୁରୀ, ଭଦ୍ରକର ଜିଲ୍ଲାପାଳ ଭାବରେ କାର୍ଯ୍ୟ କରିଥିଲେ । ଜଗତସିଂହପୁର ଜିଲ୍ଲାରେ ସେ ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଏବଂ ପିଡି ଡିଆରଡିଏ ପଦବୀରେ କାର୍ଯ୍ୟ କରି ବହୁ ସୁନାମର ଅଧିକାରୀ ହୋଇପାରିଥିଲେ । ୧୯ ୯ ୯ ମସିହା ମହାବାତ୍ୟାରେ ସେ କେନ୍ଦ୍ରାପଡ଼ା ଜିଲ୍ଲାରେ ଅତିରିକ୍ତ ଜିଲ୍ଲାପାଳ ଭାବେ ରାଜ୍ୟ ସରକାର ତାଙ୍କୁ ନିଯୁକ୍ତି ଦେଇଥିଲେ । ସ୍ୱତନ୍ତ୍ର ସଚିବ ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରୁ ସେ ଅବସର ଗ୍ରହଣ କରିଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ଏକମାତ୍ର ପୁତ୍ର ନିବେଦନ ମୁଖାଗ୍ନୀ ଦେଇଥିଲେ ।

# ଗଞ୍ଜେଇ ଭର୍ତ୍ତି ପିକଅପ ଭ୍ୟାନ୍ ଜବତ, ଜଣେ ଗିରଫ


ଭଞ୍ଜନଗର, (ସବ୍ୟୁ): ବ୍ୟବସାୟିକ ଉଦ୍ଦେଶ୍ୟରେ କନ୍ଧମାଳ ଜିଲ୍ଲାରୁ ଏକ ପିକଅପ୍ ଭ୍ୟାନ୍ ଯୋଗେ ଭୁବନେଶ୍ୱର ଅଞ୍ଚଳକୁ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଜଣେ ଯୁବକ ସହ ପିକାଅପ ଭ୍ୟାନକୁ ଭଞ୍ଜନଗର ଅବକାରୀ ବିଭାଗ ଜବତ କରିଛି । ମାଜିଷ୍ଟ୍ରେଟ ଫକୀର ଜୀବନ ନାୟକଙ୍କ ଉପସ୍ଥିତରେ ସେମାନଙ୍କ ଠାରୁ ୧୦୦ କେଜି ଗଞ୍ଜେଇ ଜବତ କରାଯାଇଛି । ଗିରଫ ଯୁବକ ହେଲେ କଟକ ଜିଲ୍ଲାର ମାଣିଆବନ୍ଧ ଥାନା ଅଧିନରେ ଥିବା କଙ୍କଡାଯୋଡି ଗ୍ରାମର ସୁବ୍ରତ ପ୍ରଧାନ । ସେ ଏକ ପିକଅପ୍ ଭ୍ୟାନ୍ରେ ଗଞ୍ଜେଇ ଧରି କନ୍ଧମାଳରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇଁ ଭଞ୍ଜନଗର ବ୍ଲକରେ ଥିବା ଗୋଲାପଡା ଛକରେ ଅବକାରୀ ବିଭାଗ କାବୁ କରିଥିଲା । କେସନଂ ୧୦୨/୨୫-୨୬ ରେ ମାମଲାରେ ରୁଜୁ କରାଯାଇ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଇନ୍ସପେକଟର ଡମ୍ବରୁଧର ହରିଜନ ସୂଚନା ଦେଇଛନ୍ତି ।

ଜୀବନ ଜ୍ୟୋତି ହସ୍ପିଟାଲ
JEEVAN JYOTI HOSPITAL
Regd. No. - 1233/2009
ISO 9001 : 2015 CERTIFY
ଜିଲ୍ଲାପାଳ ଅଫିସ ପାଖ, ଖୋର୍ଦ୍ଧା
ଫୋନ୍-୦୬୭୫୫-୨୨୦୦୦୨, ମୋ.-୯୦୩୮୭୭୩୭୮, ୯୯୩୭୬୯୫୩୭୨
ଏଠାରେ ଆୟୁଷ୍ମାନ କାର୍ଡ଼ ଏବଂ ରାସନ କାର୍ଡ଼ଧାରୀ ବ୍ୟକ୍ତିଙ୍କ ଚିକିତ୍ସା ଓ ଅପରେସନ ସମ୍ପୂର୍ଣ୍ଣ ମାଗଣାରେ କରାଯାଏ । ରୋଗୀ ସେବା ପାଇଁ ଏଠାରେ ମାଗଣାରେ ସୁଷମ ଖାଦ୍ୟ ଓ ଗାଡ଼ି ଯୋଗାଇ ଦିଆଯାଏ ।
ଜୀବନ ଜ୍ୟୋତି ହସ୍ପିଟାଲ,
୧୬ନଂ. ଜାତୀୟ ରାଜପଥ, ଜିଲ୍ଲାପାଳ କାର୍ଯ୍ୟାଳୟ ନିକଟ, ଖୋର୍ଦ୍ଧା
ଆପଣଙ୍କ ସ୍ୱାସ୍ଥ୍ୟ ଆମର ଦାୟିତ୍ୱ

ଶୁଭେଚ୍ଛା ବାର୍ତ୍ତା
'ସମୟ'ର ୨୯ତମ ସ୍ୱନକ୍ଷତ୍ର ତଥା ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
TAILAKHA DEHURY
President
Lions Club Angul
Zone Chairperson
Zone-1, District 322C5
Lions Club International

KANDHAMAL haladi
KASAM
(Kandhamal Apex Spices Association for Marketing)
(ISO 22000:2005 HACCP CERTIFIED)
Pure, Natural & Organic products of the hilly land of Kandhamal are available here.
Netaji Subash Bose Road, Phulbani,
Kandhamal- 762 001, ODISHA
Ph: 06842- 253022
E-mail: orissakasam@rediffmail.com / kasam.organic@gmail.com
Visit us at : www.kasamorganic.co.in

ଶୁଭେଚ୍ଛା ବାର୍ତ୍ତା
'ସମୟ'ର ୨୯ତମ ସ୍ୱନକ୍ଷତ୍ର ତଥା ପବିତ୍ର ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସମଗ୍ର ଓଡ଼ିଶାବାସୀ ତଥା ବିଶେଷକରି ଅନୁଗୋଳ ନିର୍ବାଚନମଣ୍ଡଳୀର ସମସ୍ତ ଭାଇ, ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶ୍ରୀ ରଜନୀକାନ୍ତ ସିଂହ
(ମଣ୍ଟୁଭାଇ)
ପୂର୍ବତନ ଉପବାଚସ୍ପତି, ଓଡ଼ିଶା ବିଧାନସଭା,
ପୂର୍ବତନ ମନ୍ତ୍ରୀ, ଖଣି ଓ ଇସ୍ପାତ,
ପୂର୍ବତନ ବିଧାୟକ,
ଅନୁଗୋଳ ନିର୍ବାଚନମଣ୍ଡଳୀ, ଅନୁଗୋଳ







'ସମୟ'ର ୨୯ତମ ସ୍ୱନକ୍ଷତ୍ର ତଥା ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶୁଭେଚ୍ଛା ବାର୍ତ୍ତା
SHREE LAXMI INDUSTRIAL HOUSE
(A House of Industries Solution)
Ramesh Saha MOB.- 7894432162
Keshav Saha MOB.- 9178160217
ador FONTECH, wilo Mather+Platt, HEX, BAJAJ indef, CHAMPION, MENNEKES Plugs for the world, Raychem, HALONIX, POLYCAB WIRES & CABLES, FLEXCO, JK Fenner, KAYCEE, Demech Chemical, Leak-Proof Engineering, MICROTEK

ଶୁଭେଚ୍ଛା ବାର୍ତ୍ତା
ନିରପେକ୍ଷ, ନିରପେକ୍ଷ ଏବଂ ସତ୍ୟ ଖବର ପ୍ରକାଶ କରୁଥିବା ଦୈନିକ ଓଡ଼ିଆ ଖବରକାଗଜ 'ସମୟ' ଇତିମଧ୍ୟରେ ୨୯ ବର୍ଷରେ ପଦାର୍ପଣ କରିଛି । ଏହାର ଦୀର୍ଘାୟୁ କାମନା କରିବା ସହ ଏଭଳି ଖବର ପ୍ରସାରଣ ଜାରି ରଖୁ ଏହା ପ୍ରଭୁ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା ।
ଖୋର୍ଦ୍ଧାର ସମସ୍ତ ବୁଦ୍ଧିଜୀବୀ, ସମାଜସେବୀ, ଯୁବକ ଓ ଛାତ୍ରଛାତ୍ରୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।
ସୌର୍ଯ୍ୟ ରଞ୍ଜନ ମହାନ୍ତି (ଟିଟନ)
ଉପାଧ୍ୟକ୍ଷ, ପୌରପରିଷଦ, ଖୋର୍ଦ୍ଧା
ମୋ.: ୯୪୩୮୧୭୯୦୪୩

ଶୁଭେଚ୍ଛା ବାର୍ତ୍ତା
'ସମୟ'ର ୨୯ତମ ସ୍ୱନକ୍ଷତ୍ର ତଥା ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶ୍ରୀମତୀ କଳ୍ପମୟୀ ପ୍ରଧାନ
ଚେୟାରମ୍ୟାନ
ଓମ୍ ବିଦ୍ୟାଭାରତୀ ଆବାସିକ ମହାବିଦ୍ୟାଳୟ ସମୂହ
ଇକୋ ପାର୍କ ନିକଟ, ଶିକ୍ଷକପଡ଼ା, ଅନୁଗୋଳ

ଶୁଭେଚ୍ଛା ବାର୍ତ୍ତା
'ସମୟ'ର ୨୯ତମ ସ୍ୱନକ୍ଷତ୍ର ତଥା ପବିତ୍ର ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ଶ୍ରୀଯୁକ୍ତ ରୁଦ୍ରନାରାୟଣ ପାଣି
ମାନ୍ୟବର ସାଂସଦ (ଲୋକସଭା)
ଢେଙ୍କାନାଳ

'ସମୟ'ର ୨୯ତମ ସ୍ୱନକ୍ଷତ୍ର ତଥା ପବିତ୍ର ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଅନୁଗୋଳ ଜିଲ୍ଲାର ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭ କାମନା ।
ଅଭିନନ୍ଦନ
ଅନୁଗୋଳ ଜିଲ୍ଲା ଘରୋଇ ବିଦ୍ୟାଳୟ ଫେଡେରେସନ
Angul District Private School's Federation Under ADPSF Welfare Trust, Angul
– ଶୁଭେଚ୍ଛା ସହ –
ଅନୁଗୋଳ ଜିଲ୍ଲା ଘରୋଇ ବିଦ୍ୟାଳୟ ଫେଡେରେସନର ସମସ୍ତ ସଦସ୍ୟ ଓ ସଦସ୍ୟା ବୃନ୍ଦ

ଓଡ଼ିଶାରେ ଘରେଘରେ ପରିଚିତ ସବୁଠୁ ସ୍ୱାଦ ସବୁଠୁ ଟେଷ୍ଟି
ରୋଷେଇଶାଳରେ ମହିଳାମାନଙ୍କର ସବୁଠୁ ନିର୍ଭରଯୋଗ୍ୟ
ମା' ମସଲା MAA SPICES MAA MASALA
ଖାଇବାରେ ଆଣିଦିଏ ଅସଲି ମଜା
'ସମୟ'ର ୨୯ତମ ବାର୍ଷିକ ଉତ୍ସବ ଅବସରରେ ଓଡ଼ିଶାର ଅଗଣିତ ଜନସାଧାରଣଙ୍କୁ ମା' ମସଲା ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ସମସ୍ତେ ସୁସ୍ଥ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ ଏବଂ ଦୀର୍ଘାୟୁ ହୁଅନ୍ତୁ, ଏତିକି ମା' ମାସଲା ପରିବାର ପକ୍ଷରୁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା ।
ଘରକୁ ଥରେ ନିଅନ୍ତୁ ସ୍ୱାଦିଷ୍ଟ ଖାଦ୍ୟର ମଜା ନିଅନ୍ତୁ
The Annupurna Agrow Pvt. Finance Ltd.

ଶୁଭେଚ୍ଛା ବାର୍ତ୍ତା
'ସମୟ'ର ୨୯ତମ ସ୍ୱନକ୍ଷତ୍ର ତଥା ପବିତ୍ର ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଲକ୍ଷ୍ମୀ ଜୁଏଲର୍ସ
Laxmi Jwellelers
GOLD, DIAMOND, SILVER
Bazar Chhak, ANGUL

## ଜାତୀୟସ୍ତରର ପଲ୍ଲିଶ୍ରୀ ମେଳା
# ୨୫୦ ଏସ୍ଏଚ୍ଜି ଗ୍ରୁପ ସାମିଲ




ଢେଙ୍କାନାଳ ,(ସବ୍ୟୁ) :ଢେଙ୍କାନାଳ ଲକ୍ଷ୍ମୀ ପୂଜା ଅବସରରେ ଜାତୀୟସ୍ତରୀୟ ପଲିଶ୍ରୀ ମେଳା । ସ୍ଥାନୀୟ ମହିଳାଙ୍କ ଶୌପାଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇ ଜିଲ୍ଲାରେ ପଲିଶ୍ରୀ ମେଳା କରାଇବା ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ପଲିଶ୍ରୀ ମେଳାରେ ୨୫୦ ରୁ ଅଧିକ ଏସ୍ଏଚ୍ଜି ଗ୍ରୁପ ସାମିଲ ହୋଇଛନ୍ତି। ଚଳିତ ବର୍ଷ ପଲିଶ୍ରୀ ମେଳାରେ ୩ କୋଟିରୁ ଊର୍ଦ୍ଧ୍ୱ ବିକ୍ରି ହେବ ବୋଲି ଲକ୍ଷ୍ୟ ରଖାଯାଇଛି। ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଜିଲ୍ଲା ପରିଷଦ ଅଧକ୍ଷା ଅର୍ଚ୍ଚନା ପ୍ରଧାନ, ସିଡିଓ, ପୌର ପରିଷଦ ଅଧକ୍ଷା ଜୟନ୍ତୀ ପାତ୍ର, ଭଗତ କଲ୍ୟାଣ ରାଓ ଉପସ୍ଥିତ ଥିଲେ। ଜୋଏଣ୍ଟ ରଞ୍ଜନ ସ୍ୱାଗତ ଭାଷଣ ଦେଇଥିଲେ। ଏହି ମେଳା ଚଳିତ ମାସ ୮ ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଡେପୁଟି ସିଡି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଅବନୀ ମିଶ୍ର ସଂଯୋଜନା କରିଥିଲେ।

## ବଜ୍ରପାତରେ ଜଣେ ମୃତ

ଆଠମଲ୍ଲିକ,(ସବ୍ୟୁ) : ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ପୁରୁଣା ମାଣତ୍ରି ଗ୍ରାମ ପଞ୍ଚାୟତ ମାଳି ପଦର ଗ୍ରାମର ରଞ୍ଜିତ ଖମାରୀ (୪୨) ଙ୍କ ବଜ୍ରପାତରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଗ୍ରାମବାସୀଙ୍କ କହିବା ଅନୁଯାୟୀ ସ୍ୱାମୀ ଓ ସ୍ତ୍ରୀ ଚାଷ ଜମିରେ କାମ କରୁଥିବା ବେଳେ ଅପରାହ୍ନ ଦୁଇଟା ରେ ବଜ୍ରପାତ ହୋଇଥିଲା । ବଜ୍ରପାତ ପ୍ରଭାବ ରେ ସ୍ୱାମୀ ଗୁରୁତର ହୋଇ ଚାଷ ଜମିରେ ଅଚେତ ହୋଇ ପଡ଼ିଥିବା ବେଳେ ସ୍ତ୍ରୀ ଗ୍ରାମବାସୀଙ୍କୁ ଖବର ଦେଇ ଅଟୋରେ ଆଠମଲ୍ଲିକ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାକୁ ଅଣା ଯାଇଥିଲା । ଡାକ୍ତରଖାନାରେ ଡାକ୍ତର ମୃତ ଘୋଷଣା କରିଥିଲେ ।

## ମା' କୁଣ୍ଡେଇବିରାଙ୍କ ବାର୍ଷିକ ଉତ୍ସବ

ପାଲଲହଡ଼ା,(ସବ୍ୟୁ ): କୁମାରପୂର୍ଣ୍ଣିମା ଅବସରରେ ଅନୁଗୁଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡର ଅଧିଷ୍ଠାତ୍ରୀଦେବୀ ମାଆ କୁଣ୍ଡେଇବିରାଙ୍କ ବାର୍ଷିକ ଉତ୍ସବ ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଆରମ୍ଭ ହୋଇଯାଇଛି । ମା କୁଣ୍ଡେଇବିରା ପାଲଲହଡ଼ା ଗଡ଼ଜାତର ରାଜରାଜୁଡା ଅମଳର ଅଧିଷ୍ଠାତ୍ରୀ ଦେବୀ ହୋଇଥିବା ବେଳେ ଅଞ୍ଚଳବାସୀ ମା ଙ୍କ ପୂଜାର୍ଚ୍ଚନା ବଡ ଆଗ୍ରହର ସହିତ କରିଥାନ୍ତି । ଲୋକ କଥା ଅଛି ମାଆ କୁଣ୍ଡେଇବିରା ତାର ସମସ୍ତ ଭକ୍ତ ମାନଙ୍କ ସବୁ ସମୟ ରେ ଘଣ୍ଟ ଘୋଡାଇ ରଖିବା ସହିତ ଲୋକଙ୍କର ମାଆ ଙ୍କ ପ୍ରତି ଦୃଢ଼ ବିଶ୍ୱାସ ରହି ଆସିଛି ।

ନୀତି କାନ୍ତି ଅନୁସାରେ ମଙ୍ଗଳବାର ସକାଳୁ ମା ଙ୍କ ପୀଠରେ ମନ୍ଦିର ପୂଜକ ମାନଙ୍କ ଦ୍ୱାରା ସ୍ୱସ୍ତିଦନ୍ତ ଷୋଡ଼ଶ ଉପଚାର ପୂଜାବିଧି ଅନୁସାରେ ମଙ୍ଗଳଆଳତି କରିବା ପରେ ମା ଙ୍କ ନୀତି ପୂଜା କାର୍ଯ୍ୟ ସମାପନ ପରେ ବାର୍ଷିକ ଉତ୍ସବ ନୀତିକାନ୍ତି ଆରମ୍ଭ ହୋଇଥିଲା । ପାଲଲହଡ଼ା ବଳଦେବଜୀଉଙ୍କ ମନ୍ଦିର ରୁ ବଲ୍ଲଭ ଭୋଗ ଆସି ମା ଙ୍କ ନିକଟରେ ଲାଗି ହୋଇଥିଲା । ଭକ୍ତମାନଙ୍କ ଦ୍ୱାରା କଳସ ଯାତ୍ରା ଏବଂ ମାଙ୍କ ପାର୍ଶ୍ୱ ଦେବୀଙ୍କୁ ପୂଜାର୍ଚ୍ଚନା କରି ନଗର ପରିକ୍ରମା କରାଯାଇଥିଲା । ପରବର୍ତ୍ତୀ ସମୟରେ ମାଙ୍କ ର ଉପଚାର ପୂଜା ଆଳତି ଦର୍ଶନ ହୋଇଥିବା ବେଳେ ସୂର୍ଯ୍ୟପୂଜା, ଗୋ ପୁଜା, ଚଣ୍ଡିଜାଗ ହେବା ସହିତ, ମାଆଙ୍କ ମାର୍ଜନା ପୂଜା ସମାପନ ହେବା ପରେ ପୂର୍ଣ୍ଣାହୁତି ହୋମ ପ୍ରଦାନ କରାଯାଇଥିଲା । ପାଲଲହଡ଼ା ଗଡ଼ଜାତର ଯୁବରାଜ ବାଲାକ୍ରିଷ୍ଣ ପାଲ କର୍ତ୍ତା ଭାବରେ ମା ଙ୍କ ପୂଜା କାର୍ଯ୍ୟ ତୁଲାଉଛନ୍ତି । ବାର୍ଷିକ ଉତ୍ସବ ରେ ମା ଙ୍କ ଦର୍ଶନ ପାଇଁ ମନ୍ଦିର ପରିସର ରେ ଭକ୍ତ ଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା ।

# ୧୪ ପୂଜା ମଣ୍ଡପରେ ମା' ଧନଦାତ୍ରୀ

ହିନ୍ଦୋଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲାର ଗଣପର୍ବ ମା ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ହିନ୍ଦୋଳ ଉପଖଣ୍ଡ ମହକୁମା ମୁଖ୍ୟରେ ହୋଇ ଉଠିଥିବା ବେଳେ ଆରମ୍ଭରୁ ପ୍ରତିକୂଳ ପାଗ ଯୋଗୁଁ ସମସ୍ତ ଆୟୋଜକ କମିଟି କର୍ମକର୍ତ୍ତା ମାନେ ଚିନ୍ତାରେ ପଡ଼ିଛନ୍ତି । ଚଳିତ ବର୍ଷ ୧୪ ଟି ସାହି ଓ ପୂଜା ମଣ୍ଡପରେ ମା ଲକ୍ଷ୍ମୀ ପୂଜା ପାଉଛନ୍ତି । ପୂଜାକୁ ଶାନ୍ତି ଶୃଙ୍ଖଳା ଓ ସରସ ସୁନ୍ଦର କରିବା ପାଇଁ ପୂର୍ବରୁ ପ୍ରଶାସନ ପକ୍ଷରୁ ଉପ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ରାତ୍ରୀରୁ ଆରମ୍ଭ ହୋଇଥିବା ପୂଜା ପାଇଁ ସମସ୍ତ ବଜାର ପ୍ରତିଷ୍ଠାନ ଗୁଡ଼ିକ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତାମୂଳକ ମନୋଭାବ ଲକ୍ଷ୍ୟ କରା ଯାଉଛି । ରାସ୍ତା ଘାଟରେ ସ୍ୱସଜ୍ଜିତ ତୋରଣ ସହିତ ରଙ୍ଗୀନ ଆଲୋକ ମାଳାରେ ଝଲସୁଛି । ଆମଲା ପଡା ବସ ଷ୍ଟାଣ୍ଡ, ଲକ୍ଷ୍ମୀ ବଜାର, ମେଡ଼ିକାଲ ଛକ, କଳ୍ପନା ବଜାର ସାମନ୍ତ ସାହି, ମୀରା ବଜାର, କାରିଗର ସାହି, ନୂତନ ପାଟଣା କ ସତ୍ୟ ସାଇ କ୍ଲବ୍, ନୂତନ ପାଟଣା ଖ ଗଉଡ ସାହି, ନୂତନ ପାଟଣା ଗ, ବନମାଳୀପୁର ସାହି ଛକ, ଗୋପାଳପୁର ସାହିକୁ ମିଶାଇ ୧୪ ଟି ପୂଜା ମଣ୍ଡପରେ ବିରାଜି ଛନ୍ତି ମା ନାରାୟଣୀ । ମାଙ୍କୁ ଯଥା ରୀତି ପୂଜାର୍ଚ୍ଚନା କରାଯାଉଛି । ଫାଷ୍ଟ ଫୁଡ୍ ଦୋକାନ ଓ ଖେଳନା ଦୋକାନ ମାନଙ୍କରେ ଆରମ୍ଭରୁ ପିଲା ମାନେ ଭିଡ ଜମାଇ ଦେଇଥିବାର ଦେଖା ଗଲାଣି । ମା ଙ୍କ ପୂଜା ଆବାହ ବୃଷ ବିଜୟ ମଧ୍ୟରେ ଉତ୍ସବ ବଜାର ଦେଉଥିବା ବେଳେ ପୂଜାରେ ସମ୍ପାଦକ ନିରାଞ୍ଜନ ବିଜୁଳି ବିଭ୍ରାଟ ନିରାଶ କରି ଦେଉଛି । ଗତକାଲି ୬ ତାରିଖ ରାତ୍ରିରୁ ପୂଜା ଆରମ୍ଭ ହୋଇ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ ପରେ ୧୭ ତାରିଖ ଦିନ ମା ଙ୍କୁ ମେଳାଣି ଦିଆ ଯିବାର କାର୍ଯ୍ୟ କ୍ରମ ଜୁଡାଡ ହୋଇଛି । ଭସାଣି ଉତ୍ସବରେ ୮ ଟି ମେଢ଼ ଶୋଭାଯାତ୍ରାରେ ବାହାରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ଏଥିପାଇଁ ପୋଲିସ ପ୍ରଶାସନ ଓ ଉପଖଣ୍ଡ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରା ଯାଇଛି । ହିନ୍ଦୋଳ ସମେତ ରାସୋଳ ତେଲିଭୂଇଁ ବଜାର, ନାଉକିଆରି, ସାତମାଇଲ ଛକ ଓ ହାତୁରା ଆଦି ଅଞ୍ଚଳରେ ମାଙ୍କୁ ଧୁମ୍ ଧାମରେ ପୂଜା କରାଯାଉଥିବାର ଜଣାପଡ଼ିଛି ।

# ନୂତନ ଶ୍ରେଣୀ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ

ରେଙ୍ଗାଳି ,(ସବ୍ୟୁ) : କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ନୂତନ ଶ୍ରେଣୀ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଏମସିଏଲ ଦ୍ୱାରା ସାମାଜିକ ଦାଇତ୍ୱବୋଧ ପାଣ୍ଠିରୁ ୪୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ନୂତନ ଶ୍ରେଣୀ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ରେଙ୍ଗାଳି ପ୍ରକଳ୍ପର ହୃତ ଗୌରବ ଫେରାଇ ଆଣିବା ପାଇଁ ତାଙ୍କ ସରକାର ପ୍ରତିଶୃତବଦ୍ଧ ବୋଲି କହିଥିଲେ । ପ୍ରକଳ୍ପ ଅଂଚଳରେ ଭୁଶୁଡ଼ି ପଡିଥିବା ସ୍ୱାସ୍ଥ୍ୟ, ଶିକ୍ଷ୍ୟା ଓ ଗମନା ଗମନ କାର୍ଯ୍ୟର ପୁନରୁଦ୍ଧାର କରିବାକୁ ସେ ସଂକଳ୍ପବଦ୍ଧ ବୋଲି କହିଥିଲେ । ବିଦ୍ୟାଳୟର ସଭାପତି ଶତୃଘ୍ନ ପ୍ରଧାନଂକ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ପ୍ରଧାନ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ନିରଞ୍ଜନ ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ନେତା ଜଗମୋହନ ପ୍ରଧାନ, ଧର୍ମେନ୍ଦ୍ର ମଲ୍ଲିକ, ପ୍ରହଲ୍ଲାଦ ସାମଲ, ଧ୍ରୁବ ଚରଣ ଧୀର, ତ୍ରିପୁରାରି ପ୍ରଧାନ, ହରେକୃଷ୍ଣ ପ୍ରଧାନ, ତରୁଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

## ଆଇନଜୀବୀଙ୍କ ବିୟୋଗରେ
# ଶୋକସଭା ଓ କ୍ୟାଣ୍ଡେଲ୍ ଶୋଭାଯାତ୍ରା

ବୁଗୁଡା, (ସବ୍ୟୁ): ବରିଷ୍ଠ ଆଇନଜୀବୀ ପିତବାସ ପଣ୍ଡାଙ୍କ ବିୟୋଗରେ ବୁଗୁଡା ଓକିଲ ସଂଘ ପକ୍ଷରୁ ଶୋକସଭା ଓ କ୍ୟାଣ୍ଡଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସଭାପତି ଅମର କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶୋକସଭା ଅବସରରେ ସ୍ୱର୍ଗତ ପଣ୍ଡାଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ ସହ ତାଙ୍କର ଅମରଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା ଓ ସ୍ମୃତି ଚାରଣ କରାଯାଇଥିଲା । ଏଥିସହ ବରିଷ୍ଠ ଅଧିବକ୍ତା ପିତବାସ ପଣ୍ଡା କୁମାର ପୂର୍ଣ୍ଣିମା ଦିନ ଅଜଣା ଆତତାୟୀଙ୍କ ଗୁଳିମାଡର ଶିକାର ହେବା ଘଟଣାକୁ ତୀବ୍ର ନିନ୍ଦା କରି ପୁଣି ସନ୍ଧ୍ୟା ସମୟରେ ଓକିଲ ସଂଘର ସଦସ୍ୟଗଣ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ଏକ କ୍ୟାଣ୍ଡଲ୍ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା ପୂର୍ବକ ସ୍ୱର୍ଗତ ପଣ୍ଡାଙ୍କ ଆତ୍ମାର ସଦଗତି କାମନା କରିଥିଲେ।

# ଆଇନଜୀବୀଙ୍କୁ ଗୁଳି କରି ହତ୍ୟା
# ଓକିଲ ସଂଘ ପକ୍ଷରୁ ପ୍ରତିବାଦ

ବାରିପଦା, (ସବ୍ୟୁ) : ବ୍ରହ୍ମପୁର ଠାରେ ବ୍ରହ୍ମପୁରର ଆଇନ୍‌ଜିବୀ ତଥା ରାଜ୍ୟ ଆଇନ୍‌ଜୀବୀ ପରିଷଦର ନିର୍ବାଚିତ ସଦସ୍ୟ ପିତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା କରାଯିବାର ପ୍ରତିବାଦରେ ଏକ ପ୍ରତିବାଦ ତଥା ଶୋକସଭା ଜିଲ୍ଲା ଓକିଲ ସଂଘ, ବାରିପଦା ସଭାପତି ପ୍ରବୀର କୁମାର ବସାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭା ପ୍ରାରମ୍ଭରେ ସ୍ୱର୍ଗତଃ ଆତ୍ମାଙ୍କ ସଦ୍‌ଗତି ନିମନ୍ତେ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ସ୍ୱର୍ଗତଃ ଆତ୍ମାଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ତଥା ଏଭଳି ଅମାବନୀୟ ହତ୍ୟାର ପ୍ରତିବାଦରେ ଆଜି ସମସ୍ତ ଆଇନଜୀବୀ, ମୋହରୀର ଓ ଭେଣ୍ଡର ମାନେ କଲମଛାଡ ଆନ୍ଦୋଳନ କରିଛନ୍ତି । ଉକ୍ତ ସଭାରେ ସଂଘର ସଭାପତି ପ୍ରବୀର କୁମାର ବସା, ସମ୍ପାଦକ ବିପ୍ଳବ କୁମାର ବାରିକ, ଯୁଗ୍ମ ସମ୍ପାଦକ ସ୍ୱରୂପ କୁମାର ମିଶ୍ରଙ୍କ ସମେତ ଆଇନ୍‌ଜୀବୀ ସର୍ବଶ୍ରୀ ହିମାଂଶୁ କୁମାର ପରିଡା, କୃଷ୍ଣଚନ୍ଦ୍ର ମହାନ୍ତି ଓ ବିଭୁ ପ୍ରସାଦ ଦାସ ପ୍ରମୁଖ ସ୍ୱର୍ଗତଃ ପିତବାସ ପଣ୍ଡାଙ୍କ ସ୍ମୃତିଚାରଣ କରିବା ସହିତ ଏଭଳି ବର୍ବରଚିତ ହତ୍ୟାକାଣ୍ଡର ସମାଲୋଚନା କରିବା ସହିତ ଏକ ସ୍ୱତନ୍ତ୍ର ତଦନ୍ତ ଟିମ୍ ଗଠନ ପୂର୍ବକ ଘଟଣାର ଆମୁଳଚୁଳ ତଦନ୍ତ କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ ଏବଂ ଆଡ୍‌ଭୋକେଟ୍ ପ୍ରୋଟେକସନ୍ ଆକ୍ଟ ଲାଗୁ କରିବା ଓ ଆଇନ୍‌ଜୀବୀ କଲ୍ୟାଣ ପାଣ୍ଠିକୁ ବୃଦ୍ଧି କରିବା ନିମନ୍ତେ ସରକାର ଯଥାଶ୍ରୀଘ ନିଷ୍ପତ୍ତି ଗ୍ରହଣ କରିବା ପାଇଁ ଦାବି ରଖିଥିଲେ ।

## ଟଙ୍କା ମଗାକୁ ନେଇ
## ମହିଳାଙ୍କୁ ମାଡ

ଠାକୁରଗଡ,(ସବ୍ୟୁ) : ଠାକୁରଗଡ ଥାନା ପେଡିପଥର ଗ୍ରାମର ଲିପି ଗୋଛାଯତ ଙ୍କୁ ଲବଣୀ ନାୟକ , ରମା ବାଘ , ସରୋଜ ନାୟକ ମିଶି ମାଡ ମାରିବା ସହ ଟାଙ୍ଗିଆ ରେ ଆକ୍ରମଣ କରିଥିବା ଲିପି ଠାକୁରଗଡ ଥାନା ରେ ସୋମବାର ଦିନ ଠାକୁରଗଡ ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ କୁ ଭୀତିକରି ପୋଲିସ ନମ୍ବର ୨୭୬/୨୫ ରେ ଏକ ମାମଲା ରୁଜୁ କରାଯାଇଛି । ତାଙ୍କ ଅଭିଯୋଗପତ୍ରରେ ଉଲେଖ କରିଛନ୍ତି ଯେ ଲିପି ଏକ ମହିଳା ସଂଘର କର୍ମକର୍ତ୍ତା ହୋଇଥିବା ବେଳେ ସଂଘର ବୈଠକ ପଞ୍ଚାୟତ କାର୍ଯ୍ୟାଳୟ ପରିସର ରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଋଣ ନେଇଥିବା ଲିପି ଓ ଲବଣୀ ଙ୍କୁ ସେମାନଙ୍କର ସମସ୍ତ ଋଣ ଟଙ୍କା ପରିଶୋଧ କରିବା ପାଇଁ ଲିପି କହିଥିଲେ । ବୈଠକ ସାରିବା ପରେ ଲିପି ଘରକୁ ଯାଉଥିବା ବେଳେ ଲବଣୀ , ରମା , ସରୋଜ ମିଶି ମାଡ ମାରିବା ସହ ଟାଙ୍ଗିଆରେ ଆକ୍ରମଣ କରିଥିବା ଅଭିଯୋଗପତ୍ର ରେ ଉଲେଖ କରିଛନ୍ତି । ଏ ନେଇ ଲବଣୀ ଏକ ପାଲଟା ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ର ରେ ଉଲେଖ କରିଛନ୍ତି ଯେ ତାଙ୍କୁ ଲକ୍ଷ୍ମୀଧର ଗୋଛାୟତ , ସହଦେବ ଗୋଛାୟତ , ଲିଫୁନ ଗୋଛାୟତ , ଝରଣା ନାୟକ , ଲିପି ଗୋଛାୟତ , ଭବାନୀ ଗୋଛାୟତ , ହିନ ଗୋଛାୟତ ମାଡ ମାରିବା ସହ ହତ୍ୟା କରିବା ପାଇଁ ଧମକ ଦେଇ ଛନ୍ତି । ଏ ନେଇ ନମ୍ବର ୨୭୭/୨୫ ରେ ଏକ ମାମଲା ରୁଜୁ କରାଯାଇଛି ।

## ଆଇନଜୀବୀଙ୍କ ହତ୍ୟାର ପ୍ରତିବାଦ
## ଓକିଲ ସଂଘର କଲମଛାଡ଼ ଆନ୍ଦୋଳନ



ଅନୁଗୋଳ,(ସବ୍ୟୁ) : ବ୍ରହ୍ମପୁରର ବିଶିଷ୍ଟ ସମାଜସେବୀ ତଥା ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳିକରି ହତ୍ୟା ଘଟଣାର ପ୍ରତିବାଦରେ ଅନୁଗୁଳ ବାର ଆସୋସିଏଶନ କଲମ ଛାଡ଼ ଆନ୍ଦୋଳନ, ଶୋକସଭା ଓ କୋର୍ଟ ସମ୍ମୁଖ ମୁଖ୍ୟ ରାସ୍ତା ଅବରୋଧ କରିଛି । ଓଡ଼ିଶା ରାଜ୍ୟ ବାର କାଉନସିଲର ଡାକରାକୁ ସମର୍ଥନ ଜଣାଇ ଏହି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ସଂଘର ସଭାପତି ହିମାଂଶୁ ଭୂଷଣ ସାମଲଙ୍କ ନେତୃତ୍ୱରେ ସମ୍ପାଦକ ଧୃବଚରଣ ସାହୁ, ଉପସଭାପତି ପ୍ରତାପ କୁମାର ନାଏକ, ସହ ସମ୍ପାଦକ ପୁରୁଷୋତ୍ତମ ନାୟକ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ସେଠୀ, ବରିଷ୍ଠ ଆଇନଜୀବୀ ସୁବାସ ମିଶ୍ର, ମହେନ୍ଦ୍ର କୁମାର ବସ୍ତିଆ,ପ୍ରଦୀପ ଦେବତା, ମାନସ ରଞ୍ଜନ ପ୍ରଧାନ, ଜିତେନ୍ଦ୍ର କୁମାର ସାହୁ, ଦିଲ୍ଲୀପ କୁମାର ଦାସ, ତପନ ଦେହୁରୀ, ପ୍ରଦ୍ୟୁମ୍ନ ଦାଶ,ପାର୍ଥ ସାରଥୀ ପ୍ରଧାନ, ଗୋପାଳ ଚନ୍ଦ୍ର ନାଥ, ପ୍ରଭାକର ବିଷୋୟୀ,ସନାତନ ପ୍ରଧାନ, ଜ୍ୟୋତିରଞ୍ଜନ ନନ୍ଦ, ସ୍ୱରୂପ ସିଂ, ଧିରେନ ପ୍ରଧାନ, ଅରବିନ୍ଦ ସାହୁ, ଦେବାଶିଷ ପ୍ରଧାନଙ୍କ ସମେତ ଓକିଲ ସଂଘର ଶତାଧିକ ଆଇନଜୀବୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ । ଆଇନଜୀବୀମାନେ ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ ଏବଂ ମୃତ ଆଇନଜୀବୀଙ୍କ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ ଦାବି କରିଛନ୍ତି ।

ସବୁ ବେଳେ ସୁରକ୍ଷା ଦେବା ପାଇଁ ଅତିଥି ମାନେ ପରାମର୍ଶ ଦେଇଥିଲେ । ସେହି ପରି ଜଙ୍ଗଲ କୁ ଅଗ୍ନି ଦାଉରୁ ରକ୍ଷା ଓ ବନ ସୁରକ୍ଷା ସମିତି କୁ ସୁଦୃଢ କରିବା ସହିତ ବନ୍ୟ ଜନ୍ତୁ, ସରୀସୃପ ଓ ପକ୍ଷୀ ମାନଙ୍କର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିସହ ବିଦ୍ୟାଳୟ ଛାତ୍ରୀ ଛାତ୍ର ଙ୍କ ଦ୍ୱାରା ଏକ ସଚେତନା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଦ୍ୟାଳୟର ରଶ୍ମିତା ପ୍ରଧାନ , ଲୋପା ମୁଦ୍ରା କଅଁର , ଚିଦାନନ୍ଦ ଦେହୁରି , ଅନିଲ ମେହେର , ବିମଳ ଚନ୍ଦ୍ର ବେହେରା , ବର୍ଷା ରାଣୀ ସିଂ , ଦୀପକ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ରାସ୍ତା ଅବସ୍ଥା ଶୋଚନୀୟ
# ପକ୍କା ରାସ୍ତା ପାଇଁ ଜିଲ୍ଲାପାଳଙ୍କୁ ଅଭିଯୋଗ



ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଦିଗପଦର ଅଞ୍ଚଳ କୁ ଯାଇଥିବା ଆରଡି ରାସ୍ତା ରେ ଦୁଇଟି ସ୍ଥାନ ରେ ପିଚୁ ନିର୍ମାଣ କରା ଯାଉନଥିବା ଯୋଗୁଁ ଅତି ଶୋଚନୀୟ ହୋଇ ପଡିଛ । ସାମାନ୍ୟ ବର୍ଷା ହେଲେ ରାସ୍ତା ସଂପୂର୍ଣ୍ଣ କାଦୁଅ ପୂର୍ଣ୍ଣ ହୋଇ ପଡୁଥିବା ଯୋଗୁଁ ଲୋକେ ଯାତାୟାତ କରି ପାରୁ ନାହାନ୍ତି । ଫଳରେ ମଙ୍ଗଳବାର ଦିନ ଦିଗପଦର ଗ୍ରାମବାସୀ ମାନେ ଅନୁଗୋଳ ଜିଲାପାଳ ନିକଟରେ ଅଭିଯୋଗ କରିଛନ୍ତି । ଗ୍ରାମବାସୀମାନେ ତାଙ୍କ ଦାବିପତ୍ରରେ ଉଲେଖ କରିଛନ୍ତି ଯେ କିଶୋରନଗର – ମାଧପୁର ପୂର୍ତ୍ତ ବିଭାଗ ରାସ୍ତାରୁ ଭାୟା ତିତିରିକଟା ଦେଇ ଦିଗପଦର ପର୍ଯ୍ୟନ୍ତ ଆରଡି ରାସ୍ତା ନିର୍ମାଣ କରାଯାଇଛି । ହେଲେ ସୂର୍ଯ୍ୟ ନାଳି ସାହି ଓ ଦିଗପଦର ନିକଟରେ ଦୁଇଟି ସ୍ଥାନ ରେ ପିଚୁ ନିର୍ମାଣ କରାଯାଇ ନାହି । ବିଶେଷ କରି ପିଚୁ ନିର୍ମାଣ କରା ଯାଇନଥିବା ରାସ୍ତା ସରକାରୀ ଜମି ହୋଇଥିଲେ ମଧ୍ୟ ଆରଡି ବିଭାଗ କିମ୍ବା ଠିକାସଂସ୍ଥା ପକ୍ଷରୁ ପିଚୁ ନିର୍ମାଣ କରା ଯାଇନଥିଲା । ଫଳରେ ରାସ୍ତା ଅବସ୍ଥା ସଂପୂର୍ଣ୍ଣ ଶୋଚନୀୟ ହୋଇ ପଡିଛି । ଏହି ରାସ୍ତା ଦେଇ ୩ ଟି ଗ୍ରାମବାସୀ ଯାତାୟାତ କରୁଛନ୍ତି । ହେଲେ ରାସ୍ତା ରେ ବର୍ଷା ଦିନେ ଯାତାୟାତ କରି ପାରୁନାହାନ୍ତି । ସାମାନ୍ୟ ବର୍ଷା ହେଲେ ରାସ୍ତା କାଦୁଅ ହୋଇ ପଡୁଛି । ଏ ପରିକି ଛାତ୍ରଛାତ୍ରୀ ମାନେ ପାଠ ପଡିବା ପାଇଁ ଏହି ରାସ୍ତା ଦେଇ ମାଧପୁର , ଆଠମଲ୍ଲିକ ଆସୁଥିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୂର୍ବରୁ ବହୁବାର ଉକ୍ତ ରାସ୍ତାକୁ ପିଚୁ କରିବା ପାଇଁ ଗ୍ରାମବାସୀମାନେ ବହୁବାର ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହି । ତୁରନ୍ତ ଉକ୍ତ ରାସ୍ତା କୁ ପିଚୁ କରିବା ପାଇଁ ଗ୍ରାମର ଋଷି ପ୍ରଧାନ , ପାଣୁ ସାହୁ , ଅଚ୍ଯୁତ ଦେହୁରି , ଚନ୍ଦ୍ରମଣି ପ୍ରଧାନ , ମହେନ୍ଦ୍ର ନାୟକ , ଯତୀନ୍ଦ୍ର ପ୍ରଧାନ ପ୍ରମୁଖ ଦାବି କରିଛନ୍ତି ।

# ଆଇନ୍‌ଜୀବୀଙ୍କ ବିୟୋଗରେ ଢେଙ୍କାନାଳ
# ବାର୍ ଆସୋସିଏସନ୍ ପକ୍ଷରୁ ଶୋକ




ଢେଙ୍କାନାଳ,(ସବ୍ୟୁ) : ଓଡିଶା ରାଜ୍ୟ ଆଇନ୍‌ଜୀବୀ ପରିଷଦର ସଦସ୍ୟ ତଥା ବରିଷ୍ଠ ଆଇନ୍‌ଜୀବୀ ପିତବାସ ପଣ୍ଡାଙ୍କ ବର୍ବୋରଚିତ ହତ୍ୟାର ପ୍ରତିବାଦରେ ବୁଧବାର ଢେଙ୍କାନାଳ ଜିଲ୍ଲା ଓକିଲ ସଂଘ ତରଫରୁ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରଥମେ ସ୍ୱର୍ଗତ ଆଇନ୍‌ଜୀବୀ ପିତବାସ ପଣ୍ଡାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ସଭାରେ ଉପସ୍ଥିତ ଆଇନ୍‌ଜୀବୀମାନେ ସ୍ୱର୍ଗତ ଆତ୍ମାଙ୍କ ସ୍ମୃତିଚାରଣ କରିଥିଲେ । ଆଇନ୍‌ସେବା ସହିତ ଜଡିତ ପ୍ରତ୍ୟେକ ବ୍ୟକ୍ତିଙ୍କ ପ୍ରତି ଏହା ଏକ ଶକ୍ତ ଧକ୍କା ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ପ୍ରତ୍ୟେକ ଆଇନ୍‌ଜୀବୀ ନିଜ ଜୀବନକୁ ବାଜି ଲଗାଇ ସାଧାରଣ ଲୋକମାନଙ୍କୁ ଆଇନ୍‌ଗତ ସୁରକ୍ଷା ପ୍ରଦାନ କରୁଥିଲେ ମଧ୍ୟ ଆଇନ୍‌ଜୀବୀଙ୍କ ପାଇଁ କୌଣସି ବ୍ୟକ୍ତିଗତ ସୁରକ୍ଷା ଆଇନ୍ ସରକାର ଏ ପର୍ଯ୍ୟନ୍ତ ପ୍ରଣୟନ କରି ନଥିବାରୁ ବୈଠକରେ କ୍ଷୋଭ ପ୍ରକାଶ କରାଯାଇଥିଲା । ସରକାରଙ୍କ ତରଫରୁ ତୁରନ୍ତ ଉକ୍ତ ଆଇନ୍ ପ୍ରଣୟନ କରିବା ପାଇଁ ବୈଠକରେ ଦାବୀ କରାଯାଇଥିଲା । ଆଇନ୍‌ଜୀବୀ ପିତବାସ ପଣ୍ଡା ହତ୍ୟା ମାମଲାର ଏକ ଉଚ୍ଚସ୍ତରୀୟ ନ୍ୟାୟିକ ତଦନ୍ତ ପାଇଁ ମଧ୍ୟ ଦାବୀ କରାଯାଇଥିଲା । ଓଡିଶା ରାଜ୍ୟ ଆଇନ୍‌ଜୀବୀ ପରିଷଦର ନିଷ୍ପତି ଅନୁଯାୟୀ ବୁଧବାର ଢେଙ୍କାନାଳ ଜିଲ୍ଲା ଓକିଲ ସଂଘର ସମସ୍ତ ସଭ୍ୟ କଲମଛାଡ ଆନ୍ଦୋଳନରେ ଯୋଗ ଦେଇଥିଲେ । ଉକ୍ତ ହତ୍ୟାକାଣ୍ଡରେ ସଂପୃକ୍ତ ଦୋଷୀଙ୍କୁ ୪୮ ଘଂଟା ମଧ୍ୟରେ ଗିରଫ କରାନଗଲେ ସଂଘ ତରଫରୁ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ନିଷ୍ପତି କରାଯାଇଥିଲା । ଏହି ବୈଠକରେ ସଂଘର ଉପସଭାପତି ଟଙ୍କଧର ବେହେରା, ସମ୍ପାଦକ ତାପସ କୁମାର କବିଶତପଥୀ, ସହ ସଂପାଦକ ଉତମ ଦାସ, କାର୍ଯ୍ୟକାରୀ ସଦସ୍ୟ ପ୍ରେମାନନ୍ଦ ବିହାରୀ, ବରିଷ୍ଠ ଆଇନ୍‌ଜୀବୀ ଶ୍ୟାମସୁନ୍ଦର ପଣ୍ଡା, ଦୀପ୍ତିଶ ପଟ୍ଟନାୟକ, ସଞ୍ଜୟ ମିଶ୍ର, ଦୁର୍ଗା ପ୍ରସାଦ ଶତପଥୀ, ଭାବଗ୍ରାହୀ ପଣ୍ଡା, ସତ୍ୟପ୍ରିୟ ଶରଣ, ଦୀପକ ପ୍ରସାଦ ପଟ୍ଟନାୟକ, ପତିତପାବନ ମିଶ୍ର, ମନୋଜ ମହାପାତ୍ର, ପ୍ରମିଳା ମହାପାତ୍ରଙ୍କ ସମେତ ଶତାଧିକ ଆଇନ୍‌ଜୀବୀ ଉପସ୍ଥିତ ଥିଲେ ।

# ଶ୍ରୀଲଙ୍କାରେ ଓଡିଶା ପର୍ଯ୍ୟଟନର
# ପ୍ରଚାରରେ ଓଡିଆ ଯୁବକ

ବାରିପଦା, (ସବ୍ୟୁ) : ସମଗ୍ର ଓଡିଶାକୁ ଗୌରବାନ୍ୱିତ କରିବା ଭଳି କାର୍ଯ୍ୟ କରିଛନ୍ତି ଦୁଇ ଓଡିଆ ଯୁବକ । ଭାରତ ବାହାରେ ଶ୍ରୀଲଙ୍କାର ବିଭିନ୍ନ ସ୍ଥାନରେ ଓଡିଶା ପର୍ଯ୍ୟଟନର ପ୍ରଚାର ପ୍ରସାର କରିବା ସହ ବିଦେଶୀ ପର୍ଯ୍ୟଟକଙ୍କୁ ଓଡିଶା ବୁଲିଆସିବା ନିମନ୍ତେ ସପ୍ତାହ ବ୍ୟାପୀ କ୍ୟାମ୍ପେନ ଚଳାଇଛନ୍ତି ଦୁଇ ଓଡିଆ ଯୁବକ କୁମାରେଶ ନାୟକ ଓ ନିହାର ରଞ୍ଜନ ନନ୍ଦ । ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦା ସହରର ଏହି ଯୁବକ ଦ୍ୱୟ ଶ୍ରୀଲଙ୍କା ବୁଲିଯିବା ସହ ସେଠାରେ ସପ୍ତାହ ବ୍ୟାପୀ ଶ୍ରୀଲଙ୍କାର ରାଜଧାନୀ କଲମ୍ବୋ, ଗଲ୍, ମିରିସା, ମଟାରା, ଓ୍ୱେଲାଓ୍ୱାୟା, ଏଲା, ନାନୁଓ୍ୱାୟା, ନୁଆରା ଏଲିୟା, ବୁଦ୍ଧଦେବଙ୍କ ଦାନ୍ତର ଅବଶେଷ ରହିଥିବା ଐତିହାସିକ ସହର କେଣ୍ଡି, ଡମ୍ବୁଲା, ରାବଣ ରାଜ୍ୟର ଅବଶେଷ ରହିଥିବା ସହର ସିଗିରିଆ, ଲାୟନ୍ସ ରକ୍ ଆଦି ଅଞ୍ଚଳରେ ହାତରେ ଓଡିଶା ପର୍ଯ୍ୟଟନର ବ୍ୟାନର ଧରି ପ୍ରଚାର କରିବା ସହ ସିଂହଳୀ ବ୍ୟତୀତ ସ୍ୱିଜରଲ୍ୟାଣ୍ଡ, ଦକ୍ଷିଣକୋରିଆ, ନ୍ୟୁଜିଲାଣ୍ଡ, ରୁଷ୍, ଜାପାନ, ଇଂଲଣ୍ଡ ଆଦି ଦେଶର ପର୍ଯ୍ୟଟକ ମାନଙ୍କ ସହ ଆଲୋଚନା କରିବା ସମୟରେ ଶ୍ରୀଲଙ୍କାକୁ କଳିଙ୍ଗ ରାଜ୍ୟ ପ୍ରଦାନ କରିଥିବା ବୁଦ୍ଧଦେବଙ୍କ ଦାନ୍ତର ଅବଶେଷ, ଓଡିଶାରେ ରହିଥିବା ଶତାଧିକ ବୌଦ୍ଧ ଭଗ୍ନାବଶେଷ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର, ରଥଯାତ୍ରା, ଏସିଆର ସବୁଠାରୁ ବଡ ଲବଣାକ୍ତ ହ୍ରଦ ଚିଲିକା, ଶିମିଳିପାଳ ଜୈବମଣ୍ଡଳରେ ରହିଥିବା ଶତାଧିକ ଜଳପ୍ରପାତ, ବିରଳତମ ମେଲାନିଷ୍ଟିକ ବାଘ, ବରେହିପାଣି ଜଳପ୍ରପାତ ଓ ଅନ୍ୟାନ୍ୟ ସ୍ଥାନ ବିଷୟରେ ସବିଶେଷ ସୂଚନା ପ୍ରଦାନ କରିବା ସହ ଏହି ବିଦେଶୀ ପର୍ଯ୍ୟଟକ ମାନଙ୍କୁ ଜନ୍ମମାଟି ଓଡିଶା ତଥା ମୟୂରଭଞ୍ଜ ବୁଲିଆସିବା ପାଇଁ ନିମନ୍ତ୍ରଣ କରିଛନ୍ତି । ଦୁଇ ଓଡିଆ ଯୁବକଙ୍କୁ ଏପରି କରୁଥିବାର ଦେଖି ବିଭିନ୍ନ ଦେଶର ପର୍ଯ୍ୟଟକ ଉତ୍ସାହିତ କରିବା ସହ ଓଡିଶାର ନୌବାଣିଜ୍ୟର ଇତିହାସ, ସମୃଦ୍ଧ ମନ୍ଦିର ନିର୍ମାଣ ଶୈଳୀ କୋଣାର୍କ ଆଦି ବୁଲିଆସିବେ ବୋଲି କହିଥିବା ଏହି ଦୁଇ ଯୁବକଙ୍କୁ ବେଶ ଉତ୍ସାହିତ କରିଛି । ପୂର୍ବରୁ ମଧ୍ୟ ଏହି ଯୁବକ ମାନେ ଓଡିଶା ବାହାରେ ଭାରତର ବିଭିନ୍ନ ରାଜ୍ୟରେ ଓଡିଶା ଓ ମୟୂରଭଞ୍ଜ ପର୍ଯ୍ୟଟନକୁ ଦୀର୍ଘ ବର୍ଷ ଧରି ପ୍ରଚାର କରିଛନ୍ତି ।

## କାଦବସନ୍ତ ଗ୍ରାମରେ ବାଘ ଆତଙ୍କ
# ବାଘର ପାଦ ଚିହ୍ନ ଠାବ କଲା ବନବିଭାଗ

ଢେଙ୍କାନାଳ /କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ବନଖଣ୍ଡ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ମୁକ୍ତାପଶି ଫରେଷ୍ଟ ସେକ୍ସନର କାଦବସନ୍ତ ଗ୍ରାମରେ ବାଘ ଆତଙ୍କ ଖେଳିଯାଇଛି। ଗ୍ରାମବାସୀ ମାନେ ବାଘକୁ ଦେଖିଥିବା ବେଳେ ବନବିଭାଗ ବାଘର ପାଦ ଚିହ୍ନ ଠାବ କରିବା ପରେ ତଦନ୍ତ ଜାରିରଖିଛି। ମୁକ୍ତାପଶି ଫରେଷ୍ଟ ସେକସନ ନିକଟରେ ଥିବା ଜଙ୍ଗଲରେଗ୍ରାମବାସୀମାନେ ଗୋରୁ ଚରାଉଥିଲେ। ଗାଈ ଗୋରୁ ଚରୁଥିବା ବେଳେ ଗୋଟେ ଗାଈକୁ ଏକ ବାଘ ଜଙ୍ଗଲ ଭିତରକୁ ଘୋଷାଡ଼ି ନେଇଥିବା ଜଣାପଡିଥିଲା। ଏହା ଜଣାପଡିବା ପରେ ଗ୍ରାମବାସୀଙ୍କ ଠାରୁ ଖବର ପାଇ ରେଞ୍ଜର ଓ ବନକର୍ମଚାରୀ ମାନେ ଗ୍ରାମରେ ପହଞ୍ଚି ତଦନ୍ତ କରିବା ସହିତ ବାଘର ପାଦଚିହ୍ନ ଠାବ କରିଛନ୍ତି। ଏହା ସହିତ ବନବିଭାଗ କର୍ମଚାରୀ ମାନେ ବାଘର ଗତିବିଧି ଉପରେ ନଜର ରଖିଛନ୍ତି ।ଖବର ପାଇବା ପରେ ଗ୍ରାମରେ ଏକ ପ୍ରକାର ଭୟ ଦେଖାଦେଇଛି।ତେବେ ଏହା ମହାବଳ ବାଘ ନା ଚିତା ବାଘ ତାହା ସ୍ପଷ୍ଟ ହୋଇପାରି ନାହିଁ।ଗତ ଦୁଇ ଦିନ ତଳେ ମହାବିରୋଡ ରେଞ୍ଜର ମଦରଙ୍ଗାମୁଣ୍ଡା ଗ୍ରାମ ନିକଟରେ ବାଘ ବାହାରିବାର ଖବର ସାମନାକୁ ଆସିଥିଲା।ସେଠାରେ ମଧ୍ୟ ଏକ ଗାଈକୁ ଆକ୍ରମଣ କରିଥିଲା।ତେବେ ସେହି ମଦରଙ୍ଗାମୁଣ୍ଡା ଗ୍ରାମରେ ବାହାରିଥିବା ବାଘଟି ଏଠାକୁ ପଳାଇ ଆସିଥିବା ସନ୍ଦେହ କରାଯାଉଛି। କାଦବସନ୍ତ ଗ୍ରାମରେ ବାଘ ଥିବାର ଖବର ପାଇ କାମାକ୍ଷାନଗର ବନ କର୍ମଚାରୀ ମାନେ ବାଘର ପାଦଚିହ୍ନ ଠାବ କରିବା ସହ ବାଘକୁ ଠାବ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି ।ବନବିଭାଗର ଏକ ସ୍ୱତନ୍ତ୍ର ଟିମ ଓ ଢେଙ୍କାନାଳରୁ ରେସକ୍ୟୁ ଟିମ ପହଂଚିବା ପରେ ଅଧିକ ତଲାସୀ ଆରମ୍ଭ କରାଯିବା ନେଇ ବନ ବିଭାଗ ତରଫରୁ ସୂଚନା ରହିଛି । ବନବିଭାଗ ତରଫରୁ ଗ୍ରାମବାସୀଙ୍କୁ ମଧ୍ୟ ସଚେତନ କରାଯାଇଛି।

# ଶିକ୍ଷକ କୃତାର୍ଥ ସେନାପତିଙ୍କ ବିୟୋଗ

ଅନୁଗୁଳ,(ସବ୍ୟୁ) :ଅନୁଗୁଳ ଜିଲ୍ଲା ବଅଁରପାଳର ଉଚ୍ଚବିଦ୍ୟାୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୃତାର୍ଥ ସେନାପତିଙ୍କର ୭୩ବର୍ଷ ବୟସରେ ସୋମବାର ପରଲୋକ ହୋଇଛି । ସେ ଅନୁଗୁଳ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ସମୟ ଧରି ଶିକ୍ଷକତା କରିଥିଲେ । ପରେ ସେ ବଅଁରପାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ମଧ୍ୟ ତୁଲାଇଥିଲେ । ଅବସର ଗ୍ରହଣ ପରେ ସେ ନିଜ ଗାଁ ବଅଁରପାଳକୁ ଫେରି ସମାଜ ସେବାରେ ନିୟୋଜିତ ଥିଲେ । ସେ ଅନୁଗୁଳ ତଥା ଆଖପାଖ ଅଞ୍ଚଳରେ ବେଶ ପରିଚିତ ଓ ଜଣେ ଧର୍ମ ପରାୟଣ ବ୍ୟକ୍ତି ଥିଲେ । ସ୍ୱାସ୍ଥ୍ୟଗତ କାରଣରୁ ଶ୍ରୀ ସେନାପତି ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ କୌଣସି ଉନ୍ନତି ହୋଇନଥିଲା । ଆଜି ବଅଁରପାଳ ସ୍ଥିତ ବାସଭବନରେ ତାଙ୍କର ଦେହାନ୍ତ ହୋଇଛି । ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ । ସ୍ୱର୍ଗତ ସେନାପତିଙ୍କ ବିୟୋଗରେ ଅନୁଗୁଳ ଉଚ୍ଚ ବିଦ୍ୟାଳୟ ଓ ବଅଁରପାଳ ଉଚ୍ଚ ବିଦ୍ୟାଳୟରେ ଗଭୀର ଶୋକ ପ୍ରକାଶ ପାଇଛି ।

# ଜନ୍ଦାବାହାଲ ଶ୍ମଶାନର ଉନ୍ନତିକରଣ କେବେ?



ତାଳଚେର,(ସବ୍ୟୁ) : ତାଳଚେର ବ୍ଲକ ଧରମପୁର ଗ୍ରାମ ପଂଚାୟତ ଅନ୍ତର୍ଗତ ଶ୍ମଶାନ ଏବେ ଅସୁରକ୍ଷିତ ଓ ଜରାଜିର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବାରୁ ସେଠିକାର ଅଂଚଳବାସୀ ଶବଦାହ କରିବାକୁ ନେଇ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ଗ୍ରାମର ଜନସଂଖ୍ୟା କିଛି କମ ନଥିଲେ ମଧ୍ୟ ସେମାନେ ନିରବଚ୍ଛିନ୍ନ ଭାବେ ଦୀର୍ଘବର୍ଷ ହେବ ବିଧାୟକ ଭାବେ ଜଣକୁ ନିର୍ବାଚିତ କରି ଆସୁଥିବା ବେଳେ ସେ କିପରି ଭାବେ ଉକ୍ତ ସମସ୍ୟାକୁ ଏଡ଼ାଇ ଯାଉଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଉଠିଛି ପ୍ରଶ୍ନ? ଉକ୍ତ ଶ୍ମଶାନର ଚର୍ତୁପାର୍ଶ୍ୱରେ ଘଂଚ ବଣଜଙ୍ଗଲରେ ପରିପୂର୍ଣ୍ଣ ହେବାସହ ଶ୍ମଶାନକୁ ଯିବାକୁ ରାସ୍ତା ଖଣ୍ଡିଏକ ନଥିବା ବେଳେ ଆଷଲାକୀକରଣ ଓ ଜଳବ୍ୟବସ୍ଥା ପଚାରେ କିଏ? ଏହା ଫଳରେ ଗ୍ରାମବାସୀ ମାନେ ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇପଡୁଛନ୍ତି। ଏହାର ପ୍ରତିକାର ନିମନ୍ତେ ସେମାନେ ବାରମ୍ବାର ପ୍ରଶାସନକୁ ଅଭିଯୋଗ କରିବା ସତ୍ତ୍ୱେ ସୁଫଳ ମିଳୁନାହିଁ ବୋଲି ଗ୍ରାମବାସୀମାନେ ଏହା ଅଭିଯୋଗ କରିଛନ୍ତି। ତେଣୁ ଏହାକୁ ଜିଲ୍ଲାପ୍ରଶାସନ ବିଚରାକୁ ନେଇ ତୁରନ୍ତ ଉକ୍ତ ଗ୍ରାମ ଶ୍ମଶାନ ପରିଷ୍କାର ପରିଚ୍ଛନ୍ନ କରିବା ସହିତ ଏହାର ସୁବ୍ୟବସ୍ଥା କରିବାକୁ ଗ୍ରାମ ବାସୀମାନେ ଦାବି କରିଛନ୍ତି।

## ଗଜଲକ୍ଷ୍ମୀ ପୂଜା ଭସାଣ ଉତ୍ସବ ବୈଠକ
# ମେଲୋଡି କାର୍ଯ୍ୟକ୍ରମକୁ ନେଇ ବୈଠକରେ ବଚସା

ଢେଙ୍କାନାଳ,(ସବ୍ୟୁ) : ଢେଙ୍କାନାଳ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଭସାଣି ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି।ଆସନ୍ତା ୧୫ ତାରିଖ ବୁଧବାର ଦିନ ଭସାଣି ଉତ୍ସବ ଅନୁଷ୍ଠିତ ହେବାକୁ ଥିବା ବେଳେ ମେଲୋଡି କାର୍ଯ୍ୟକ୍ରମକୁ ନେଇ ମିଳିତ ବଜାର କମିଟି ସଭାପତି ଏବଂ କାଞ୍ଚନ ବଜାର କମିଟି ସଭାପତିଙ୍କ ମଧ୍ୟରେ ବଚସାକୁ ନେଇ ବୈଠକରେ ଏକ ପ୍ରକାର ଅସନ୍ତୋଷ ଦେଖାଦେଇଥିଲା।

ପ୍ରସିଦ୍ଧ ଲକ୍ଷ୍ମୀପୂଜା ଭସାଣି ପର୍ବ ନିମନ୍ତେ ଆଜି ପୂର୍ବାହ୍ନରେ ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲ ଠାରେ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭସାଣି ଯାତ୍ରା ସମୟରେ ସମସ୍ତ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାମାନେ ପୂର୍ଣ୍ଣ ସମୟ ଉପସ୍ଥିତ ରହି ସମୟାନୁବର୍ତ୍ତିତା ଅନୁପାଳନ କରି ଶାନ୍ତିଶୃଙ୍ଖଳାର ସହିତ ଭସାଣି ଯାତ୍ରା ସମାପନ କରିବାକୁ ପରାମର୍ଶ ଦେଇଛନ୍ତି । ଭସାଣି ଯାତ୍ରାରେ କେବଳ ଆଧ୍ୟାତ୍ମିକ ଗୀତ ପରିବେଷଣ କରିବା ସହିତ ଭାଇବ୍ରେଟର ବ୍ୟବହାର ନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ଏବଂ ସମସ୍ତ ପୂଜା କମିଟିର କର୍ମକର୍ତ୍ତାଗଣ ଏଥିରେ ସହମତି ପ୍ରଦାନ କରିଥିଲେ। ଜନସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ସ୍ପିକର ଶବ୍ଦ ମାତ୍ରା ପ୍ରତି ଯତ୍ନବାନ ହେବାକୁ ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର ଗୁରୁତ୍ୱାରୋପ କରିଥିଲେ । ମେଢ଼ରେ ସର୍ବାଧିକ ୧୨ଟି ସ୍ପିକର ବ୍ୟବହାର କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା । ଟ୍ରାଫିକକୁ ଶୃଙ୍ଖଳିତ କରାଯିବ ଏବଂ ପୂଜା ପ୍ରତିଷ୍ଠାନ କୌଣସି ପ୍ରକାରର ବିଶୃଙ୍ଖଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ରାତ୍ର ୧୧ ଘଟିକା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏବଂ ରାତ୍ର ୧୨ ଘଟିକା ପର୍ଯ୍ୟନ୍ତ ପୂଜା ମଣ୍ଡପ ଓ ଦୋକାନ ବଜାର ଖୋଲା ରହିବ ବୋଲି ନିଷ୍ପତ୍ତି ହୋଇଛି । ସମୟାନୁବର୍ତ୍ତିତା ପ୍ରତି ବିଶେଷ ଧ୍ୟାନ ଦିଆଯିବ ଏବଂ ଶାନ୍ତିଶୃଙ୍ଖଳାର ସହିତ ଭସାଣି ଯାତ୍ରା ସଂପର୍ଣ୍ଣ କରାଯିବ ବୋଲି ମିଳିତ ବଜାର ଲକ୍ଷ୍ମୀପୂଜା କମିଟିର ସଭାପତି ରୁଦ୍ର ନାରାୟଣ ତ୍ରିପାଠୀ ପ୍ରକାଶ କରି ସମସ୍ତ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କ ସହଯୋଗ କାମନା କରିଥିଲେ । ଏହି ବୈଠକରେ ପୌର ଉପାଧକ୍ଷା ଜୟନ୍ତୀ ପାତ୍ର, ଆଇ.ଏ.ଏସ. (ପ୍ରୋବେସନ) ଭଗତ ସାମଲ କଲ୍ୟାଣ ରାଓ, ସମସ୍ତ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାଗଣ, ପୋଲିସ କର୍ମକର୍ତ୍ତାଗଣ, ସଂପୃକ୍ତ ବିଭାଗୀୟ ଅଧିକାରୀ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ। ଶେଷରେ ସଦର ଉପ ଜିଲ୍ଲାପାଳ ବିବୁଧ ଗଡ଼ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ଲକ୍ଷ୍ମୀ ପୂଜା ଭସାଣି ବୈଠକରେ ମିଳିତ ପୂଜା କମିଟି ସଭାପତି ରୁଦ୍ର ନାରାୟଣ ତ୍ରିପାଠୀ ଓ କାଞ୍ଚନ ବଜାର ସଭାପତି ଗୋପାଳ ପାତ୍ରଙ୍କ ମଧ୍ୟରେ ମେଲୋଡି କାର୍ଯ୍ୟକ୍ରମ ସମୟକୁ ନେଇ ବଚସା ହୋଇଥିଲା।ଭସାଣିରେ କୌଣସି ରାଜନୈତିକ ଗୀତ ବ୍ୟବହାର ନ କରିବା, ବ୍ୟକ୍ତିଗତ ଭାବେ କୌଣସି ପୂଜା କମିଟି ସିକ୍ୟୁରିଟି ନ ରଖିବାକୁ ଏସ୍‌ପି ତାଗିଦ କରିଥିଲେ। ପୂଜାରେ ଷଣ୍ଢମାନଙ୍କୁ କାବୁ କରାଯାଇ ପାରୁନଥିବାରୁ ସେମାନଙ୍କୁ ଟ୍ରାଙ୍କୁଲାଇଟ କରିବାକୁ ମୁନିସିପାଲିଟି ଇଓ ଅନୁରୋଧ କରିଥିଲେ।ଚଳିତ ବର୍ଷ ମୋଟ ୩୮ଟି ମଣ୍ଡପରେ ପୂଜା ଅନୁଷ୍ଠିତ ହେଉଛି।

# ଦେବେନ୍ଦ୍ର ଆଚାର୍ଯ୍ୟଙ୍କୁ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି



ବେତନଟୀ , (ସବ୍ୟୁ):-ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଆମ୍ବଗଡ଼ିଆ ପଞ୍ଚାୟତ ର ଭଗବାନପୁର ଗ୍ରାମର ଚକ୍ରଧର ଆଚାର୍ଯ୍ୟ ଓ ଗୀତାଞ୍ଜଳି ଆଚାର୍ଯ୍ୟଙ୍କ ପୁତ୍ର ତଥା ରୁପସା ସ୍ଥିତ ନୀଳମଣି ମହାବିଦ୍ୟାଳୟର ପ୍ରାକ୍ତନ ଜାତୀୟ ସେବା ଯୋଜନା ସେଚ୍ଛାସେବୀ ଦେବେନ୍ଦ୍ର ଆଚାର୍ଯ୍ୟଙ୍କୁ ଅକ୍ଟୋବର ୬ ତାରିଖ ବୁଧବାର ଦିନ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ଅଧୀନ ଜାତୀୟ ସେବା ଯୋଜନାର ମୋ ଭାରତ ଜାତୀୟ ସେବା ଯୋଜନା ପୁରସ୍କାର : ୨୦୨୨-୨୩ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନର ଗଣତନ୍ତ୍ର ମଣ୍ଡପରେ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ପ୍ରଦାନ କରିଛନ୍ତି । ଶ୍ରୀମାନ ଦେବେନ୍ଦ୍ର ଆଚାର୍ଯ୍ୟ ବର୍ତ୍ତମାନ ମୟୂରଭଞ୍ଜସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ସଂସ୍କୃତରେ ସ୍ନାତକୋତ୍ତର ଅଧ୍ୟୟନ କରୁଛନ୍ତି । ନୀଳମଣି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ସେଚ୍ଛାସେବୀ ଭାବେ ୨୦୨୦-୨୧ ମସିହାରୁ ୨୦୨୨-୨୩ ମସିହା ପର୍ଯ୍ୟନ୍ତ ସମାଜ ସେବାରେ ନିଜକୁ ସାମିଲ କରି ଦୃଷ୍ଟାନ୍ତ ମୂଳକ ସେବା କାର୍ଯ୍ୟ ସମ୍ପାଦନ କରିଥିଲେ । ସେ ଏ ନେଇ ୨୦୨୧-୨୨ ମସିହାରେ ଓଡ଼ିଶାର ତତ୍କାଳୀନ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କଠାରୁ ଫକୀର ମୋହନ ବିଶ ବିଦ୍ୟାଳୟ ଜାତୀୟ ସେବା ଯୋଜନା ପୁରସ୍କାର ପ୍ରାପ୍ତ ମଧ୍ୟ କରିଥିଲେ । ଓଡ଼ିଶା ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ଅଧୀନ ରାଜ୍ୟ ଜାତୀୟ ସେବା ଯୋଜନା ପୁରସ୍କାର ପ୍ରାପ୍ତ କରିବା ସହ ବିଭିନ୍ନ ସମାଜ ସେବା ମୂଳକ ପୁରସ୍କାର ପ୍ରାପ୍ତ ମଧ୍ୟ କରିଛନ୍ତି । ବାଲେଶ୍ୱର ଜିଲ୍ଲା ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡାଙ୍କ ମାର୍ଗଦର୍ଶନରେ ନିଜକୁ ଗଢି ତୋଳିଛନ୍ତି ବୋଲି ସୂଚନା ପ୍ରଦାନ କରିଛନ୍ତି । ଜଗନ୍ନାଥ ସଂସ୍କୃତିର ଘୋଷକ ଭାବରେ କଳିଙ୍ଗ ଟିଭି ଓ ଦିନଲିପି ଟିଭିରେ ସେ ମଧ୍ୟ ବେଶ ଲୋକପ୍ରିୟ ହୋଇପାରିଛନ୍ତି । ଏହି ପୁରସ୍କାର ପ୍ରାପ୍ତିର ଶ୍ରେୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ତାଙ୍କର ପିତା, ମାତା, ଗୁରୁ ଗୌରାଙ୍ଗ ପଣ୍ଡା , ନୀଳିମା ପାତ୍ର, ପିନାକ୍ଷୀ ପଣ୍ଡା, ନୀଳମଣି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ତପନ କୁମାର ବେହେରା, ଓଡ଼ିଶା ରାଜ୍ୟ ସରକାରଙ୍କ ଜାତୀୟ ସେବା ଯୋଜନା ନୋଡାଲ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା, ଭାରତ ସରକାରଙ୍କ ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ, ଯୁବ ଅଧିକାରୀ ଅଜି କୁମାର ଖୁସୱା, ଫକୀରମୋହନ ବିଶବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଏନଏସଏସ ସଂଯୋଜକ ଡ଼. ଅମୂଲ୍ୟ କୁମାର ଆଚାର୍ଯ୍ୟ ଓ ସେବାକାର୍ଯ୍ୟରେ ତାଙ୍କୁ ସହଯୋଗ କରିଥିବା ସମସ୍ତ ସଚ୍ଛୋସେବୀ ପ୍ରମୁଖଙ୍କୁ ଜଣାଇଛନ୍ତି । ଏହି ପୁରସ୍କାର ପାଇବା ପରେ ଆମ୍ବଗଡ଼ିଆ ବିକାଶ ପରିଷଦ, ବୁଦ୍ଧିଜୀବି , ଶିକ୍ଷାବିତ ଏବଂ ସମ୍ପର୍କୀୟଙ୍କ ତରଫରୁ ଶ୍ରୀମାନ ଆଚାର୍ଯ୍ୟଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଆଗରେ ଗ୍ରାମବାସୀଙ୍କ ଧାରଣା



କେନ୍ଦୁଝର, (ସବ୍ୟୁ): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ପଇଦପଡ଼ା ପଞ୍ଚାୟତ ଅନ୍ତର୍ଗତ ରେ ଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଆଗରେ ମଙ୍ଗଳବାର ଦିନ ଗ୍ରାମବାସୀମାନେ ଧାରଣା ଦେଇଛନ୍ତି । ଖୁଣ୍ଟାପଡା ଠାରୁ ନୂଆଗାଁ କୁ ସଂଯୋଗ କରୁଥିବା ରାସ୍ତା କଡରେ ଥିବା ଏହି ବିଦ୍ୟାଳୟ ନିର୍ମାଣ ଶେଷ ହୋଇଥିବା ବେଳେ ଆଉ କିଛି ଦିନ ପରେ ଏଠାରେ ପାଠପଢ଼ା ହେବ ।ହେଲେ ଖୁଣ୍ଟାପଡା -ନୂଆଗାଁ ୩ କିଲୋମିଟର ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ବଡ ବଡ ଗାଡି ଚଳପ୍ରଚଳ ଯୋଗୁ ରାସ୍ତା ଖାଲଢିପ ହୋଇଯାଇଛି । ଦୈନିକ ଦୁର୍ଘଟଣା ଘଟୁଛି ୫ ବିଦ୍ୟାଳୟ କାମରେ ଯେତେ ସବୁ ମୋରମ, ମାଟି କୁ ଠିକାଦାର କଣ୍ଟ୍ରାକ୍ଟର ଓ ଇଞ୍ଜିନିୟର ମାନେ ରାସ୍ତା କଡରେ ପକାଇ ରାସ୍ତାକୁ ସଂକୀର୍ଣ୍ଣ କରି ବନ୍ଦ କରିଦେଇଛନ୍ତି । ଉକ୍ତ ବିଦ୍ୟାଳୟ ଭିତରେ ଚାଲିଛି ଅନେକ ଅସାମାଜିକ କାର୍ଯ୍ୟ । ବିଦ୍ୟାଳୟ ଦେଖାଶୁଣା କରୁଥିବା ଜଣେ ବେଙ୍ଗଲୀ ଏଚ.ଏସ.ସି.ଏଲ. ର ପ୍ରୋଜେକ୍ଟ ଇଂଜିନିୟର ଯାହାର ନାମ ଆଇ.ପି.ପ୍ରସାଦ ସେ ରାସ୍ତା ମରାମତି ହେବ ହେବ କହି ତିନିବର୍ଷ ହେଲାଣି ସ୍ଥାନୀୟ ଲୋକଙ୍କୁ ଠକି ଚାଲିଛନ୍ତି । ଫଳରେ ମଙ୍ଗଳବାର ଦିନ ଶହ ଶହ ଲୋକ ଆସି ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ରାସ୍ତା କାମ ନକଲେ ସବୁଦିନ ପାଇଁ ବିଦ୍ୟାଳୟକୁ ତାଲା ପକାଇ ଦେବାକୁ କହିଥିଲେ । ଖବରପାଇ ସ୍ଥାନୀୟ ସାମ୍ବାଦିକ ଓ ଡେକ୍ସକୋଟ ଫାଣ୍ଡି ପୋଲିସ ଏ ସଂକ୍ରାନ୍ତରେ କାର୍ଯ୍ୟଭାର ନେଇଥିବା ତ୍ରିବେଣୀ କମ୍ପାନୀର ଏଜେଣ୍ଟ କୁ ପଚାରିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇନଥିଲେ । ଶେଷରେ ହୋଲିଛି ଏ ଶ୍ରୀ ଆଇ.ପି ବିଭାଗ କୁ ଦିଆଯାଇଛି ବୋଲି କହିଥିଲେ । ଅନ୍ୟ ଜଣେ ସାଇଟ ଇଞ୍ଜିନିୟର ପ୍ରିୟବ୍ରତ ଦାସଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇଛି ଓ ଜିଲ୍ଲାପାଳଙ୍କୁ ଜଣାଯାଇଛି ବୋଲି କହିଥିଲେ । ଉପସ୍ଥିତ ଥିବା ବେଙ୍ଗଲୀ ଇଞ୍ଜିନିୟର ସମାଧାନ ର ବାଟ ନ କରି ଓଲଟି ଉପସ୍ଥିତ ଲୋକ ମାନଙ୍କୁ ଖରାପ ବ୍ୟବହାର କରିଥିଲେ । ତେବେ ଶେଷରେ ପୋଲିସ ସାମ୍ନାରେ ଏକ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ଉକ୍ତ ବେଙ୍ଗଲୀ ଇଞ୍ଜିନିୟର। ଆସନ୍ତା ଏକ ମାସ ମଧ୍ୟରେ ରାସ୍ତା କାମ ସମ୍ପୂର୍ଣ୍ଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ମହୁମାଛି ଆକ୍ରମଣରେ ମୃତ

କେନ୍ଦୁଝର,(ଜିପ୍ର) : କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଅନ୍ତର୍ଗତ ତଳ ବୈତରଣୀ ଗ୍ରାମରେ ମହୁମାଛି ଆକ୍ରମଣରେ ହିରୋ ସାଆନ୍ତ (୫୫)ଙ୍କର ମତ୍ୟୁ ଘଟିଛି । ସେ ପଦ୍ମଶ୍ରୀ ଦୈତାରି ନାୟକଙ୍କ ବଡ ଜ୍ୱାଇଁ ବୋଲି ଜଣାପଡିଛି। ସେ ତଳ ବୈତରଣୀ ଗ୍ରାମରେ ରହି ଗାଈ ଗୋରୁ ଚରାଇ ପରିବାର ଚଳାଉଥିଲେ। ତ କାଲି ସେ ମଙ୍ଗଳବାର ଦିନ ଅନ୍ୟମାନଙ୍କ ସହିତ ଉକ୍ତ ସାହିରେ ମହୁ ସଂଗ୍ରହ କରିବାକୁ ଯାଇଥିଲେ। ହଠାତ୍ ମହୁ ମାଛି ତାଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଗୋନାଶିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆ ଯାଇଥିଲା। ସେଠାରେ ଗୁରୁବାର ସକାଳେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସେମାନେ ଗରିବ ପରିବାରର ହୋଇଥିବାରୁ ଏହି ଗ୍ରାମକୁ ଆସି ଲୋକଙ୍କ ଗାଈ ଗୋରୁ ଚରାଇ ଘର ପରିବାର ଚଳାଉଥିଲେ। ଏଣୁ ତାଙ୍କୁ ଆର୍ଥିକ ସହାୟତା ଦେବାକୁ ସ୍ଥାନୀୟ ସମାଜସେବୀ ଶ୍ରୀକାନ୍ତ ଜୁଆଙ୍ଗ ଦାବି କରିଛନ୍ତି।

# ଭଦ୍ରକ ଜିଲ୍ଲା ଟିପ୍ପର-ଡମ୍ପର ମାଲିକ ସଂଘରୁ ପ୍ରତୀକ ଅନଶନ

ଭଦ୍ରକ,(ସବ୍ୟୁ): ଭିତିଭୂମି ନିର୍ମାଣ ଓ କର୍ମଯୋଗାଣ ପାଇଁ ଧାମରା ବନ୍ଦର ଏକ କର୍ମବର୍ଦ୍ଧିଷ୍ଣୁ ଦୀର୍ଘ ମିଆଦି ସଂସ୍ଥା। ଏହି ବନ୍ଦରର ସ୍ଥାପନା ବେଳେ ୭ ଗୋଟି ବ୍ଲକ୍‌ର ବିଭିନ୍ନ ଅଂଚଳ ଏହାର ନିର୍ମାଣ ପାଇଁ ଜମି ଓ ଲୋକବଳ ଦେଇଛନ୍ତି। ତେବେ କୌଣସି ନିର୍ଦ୍ଦିଷ୍ଟ ଅଂଚଳକୁ ଅତ୍ୟଧିକ ଅଗ୍ରାଧିକାର ଦେଲେ, ଅର୍ଥନୈତିକ ବୈଷମ୍ୟତା ସହିତ ଆଇନ୍ ଶୃଙ୍ଖଳାର ବିପର୍ଯ୍ୟୟ ଘଟିବ ବୋଲି ମଙ୍ଗଳବାର ଦିନ ଭଦ୍ରକ ଜିଲ୍ଲା ଟିପ୍ପର (ଡମ୍ପର) ମାଲିକ ସଂଘ ପକ୍ଷରୁ ୫ ଦଫା ଦାବିରେ ଜିଲାପାଳ ଦିଲ୍ଲୀପ ରାଉତରାଏଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ମୂଳେ ଗତ ଦୀର୍ଘ ୨ ମାସ ଧରି ଏହି ସଂଘ ପକ୍ଷରୁ ଜିଲାର ଅଧିକାଂଶ ଟିପ୍ପର ଓ ଟ୍ରକ୍ ମାଲିକମାନଙ୍କର ଅଭାବନୀୟ ଆର୍ଥିକ ଦୂରାବସ୍ଥା ଓ ଏହାର ଦୂରୀକରଣ ନେଇ ଭଦ୍ରକର ଜିଲାପାଳ ଲୋକପ୍ରତିନିଧିମାନଙ୍କ ସହ ଆଲୋଚନା ହୋଇଛି। ଧାମରା ପୋର୍ଟ ଠାରେ କରାଯାଉଥିବା କୋଇଲା ପରିବହନ ହିଁ ମୁଖ୍ୟତଃ ଗାଡି ମାଲିକମାନଙ୍କ ପାଇଁ ରୋଜଗାରର ଏକ ଉତ୍ସ ହୋଇଥିବାବେଳେ ଏକ ନିର୍ଦ୍ଦିଷ୍ଟ ଅଂଚଳରୁ ଲୋକମାନଙ୍କୁ ସମୁଦାୟ କାମର ୭୦ ଭାଗ ଦିଆଯାଇଥିବାରୁ ସମଗ୍ର ଜିଲା ଗାଡି ମାଲିକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏ କ୍ଷେତ୍ରରେ ଆଂଚଳିକ ଅର୍ଥନୈତିକ ବୈଷମତା ନେଇ ସୃଷ୍ଟି ହୋଇଥିବା ବିବାଦର ସମାଧାନ ନିମନ୍ତେ ଜିଲା ପ୍ରଶାସନ ନିର୍ବାଚନ ଜନ ପ୍ରତିନିଧିମାନଙ୍କର ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ସଂଘ କହିଛି। ତେବେ ଜିଲାପାଳଙ୍କୁ ଦିଆଯାଇଥିବା ପତ୍ରରେ ଯେଉଁ ୫ ଦଫା ଦାବି ଉତ୍ଥାପନ କରାଯାଇଛି।। ୧୨୫ ସଦସ୍ୟ ବିଶିଷ୍ଟ ଭଦ୍ରକ ଜିଲାର ସର୍ବପୁରାତନ ଟିପ୍ପର ମାଲିକ ସଂଘକୁ ପୋର୍ଟ ପରିବହନ କ୍ଷେତ୍ରରେ ସାମିଲ କରିବା, ଗାଡି କିସ୍ତି ଦେଇନପାରି ହତାଶ ଓ ମାନସିକ ଯନ୍ତ୍ରଣା ଭିତରେ ରହିଥିବା ଗାଡି ମାଲିକମାନଙ୍କ ପ୍ରତି ସମବେଦନା ଜଣାଇବା ପୂର୍ବକ ଭଦ୍ରକ ଜିଲାପାଳ ତୁରନ୍ତ ଏକ କମିଟି ଧାମରା ବନ୍ଦର ଠାରେ କୋଇଲା ପରିବହନ କାର୍ଯ୍ୟର ସୁପରିଚାଳନା ନିମନ୍ତେ ଗଠନ କରିବା ନେଇ ଉପରୋକ୍ତ ସଂଘ ପକ୍ଷରୁ ଆଜମଙ୍ଗଳବାର ଦିନ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତୀକ ଅନଶନ କରାଯାଇଥିଲା।

# ବିଳମ୍ବିତ ରାତିରେ ଘରେ ପଶି ମହିଳାଙ୍କୁ ପୋଲିସର ଅସଦାଚରଣ

ସୋର,(ସବ୍ୟୁ): ସୋର ପୌରପରିଷଦ ଅନ୍ତର୍ଗତ ତୁଣ୍ଡପଡ଼ା ଅଞ୍ଚଳର ଅଭିଯୁକ୍ତଙ୍କୁ ସୋର ପୁଲିସ ସହଯୋଗରେ ଆସୁଥିବା ବେଳେ ବାରିପଦା ପୁଲିସ ବିଳମ୍ବିତ ରାତିରେ ବିନା ୱାରେଣ୍ଟରେ ଘରେ ପଶି ଗୃହବଧୂଙ୍କ ଉପରେ ଅସଦାଚରଣ କରିଥିବା ପରି ମହିଳା ଏବଂ ତାଙ୍କର ଝିଅଙ୍କୁ ଅସଦ ଆଚରଣ କରିଥିବା ସଂପର୍କରେ ବୁଧବାର ଦିନ ସୋର ଷ୍ଟେସନଛକସ୍ଥିତ ରୟାଲ ହୋଟେଲ ସଭାଗୃହରେ ଅନୁଷ୍ଠିତ ଏକ ସମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଗ୍ରାମର ରଜତ କର ନାମକ ଜଣେ ବ୍ୟକ୍ତିଙ୍କ ସ୍ତ୍ରୀଙ୍କ ବାରିପଦା ପୁଲିସରେ ଅଭିଯୋଗ ମୂଳେ ରଜତଙ୍କୁ ଗିରଫ କରିବା ପାଇଁ ଜଣେ ସୋର ପୁଲିସ୍ ସହାୟତାରେ ଗ୍ରାମର ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ଘରେ ରାତି ପ୍ରାୟ ୨ଟା ବେଳେ ପହଞ୍ଚି ବିନା ସର୍ଚ୍ଚ ୱାରେଣ୍ଟରେ ଜବରଦସ୍ତ ଘର ଭିତରକୁ ପଶି [illegible] ଖୋଜାଖୋଜି କରିବା ବାହାନାରେ ଲକ୍ଷ୍ମୀକାନ୍ତଙ୍କ ସ୍ତ୍ରୀ ଗାୟତ୍ରୀ ପାଢ଼ୀଙ୍କ ଅସଦ ଆଚରଣ କରିବା ସହିତ ତାଙ୍କ ଝିଅଙ୍କୁ ମଧ୍ୟ ଖରାପ ବ୍ୟବହାର ଦେଖାଇବାକୁ ପଛାଇ ନଥିଲେ। ତାଙ୍କ ସହିତ ଜଣେ ବିନା ପୋଷାକର ମହିଳା ଥିଲେ। ଏହା ରଜତର ଘର ନୁହେଁ ବୋଲି ଜାଣିବା ପରେ ବି ସେମାନଙ୍କ ମଧ୍ୟରୁ ଜଣେ ବିନା ପୋଷାକ ପିନ୍ଧା ପୁଲିସ ନିଶାଗ୍ରସ୍ତ ଅବସ୍ଥାରେ ଗାୟତ୍ରୀଙ୍କ କାନ୍ଧରେ ହାତ ପକାଇ ତାଙ୍କୁ ଅସଦ୍ ଆଚରଣ କରିଥିବା ସଂପର୍କରେ ସୋର ଥାନାରେ ଅନ୍‌ଲାଇନରେ ୫.୧୦.୨୦୨୫ରେ ଅଭିଯୋଗ କରିବା ସହିତ ବାଲେଶ୍ୱର ଏସପିଙ୍କୁ ମଧ୍ୟ ଅଭିଯୋଗ କରିଥିଲେ। ସୁଦ୍ଧା ପୁଲିସ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଅଭିଯୋଗ କରିବା ପରେ ସିଏମ୍ ଓ ୨୦୨୫୧୩୬୮୯୯୨ରେ ଏହା ରେକର୍ଡ ହୋଇଥିବା ବେଳେ ପୁଲିସ୍‌ର ଏ ବାବାଦରେ ନୀରବତାକୁ ନେଇ ଉଭୟେ ସ୍ୱାମୀ ସ୍ତ୍ରୀ ସମ୍ବାଦିକ ସମ୍ମିଳନୀରେ କ୍ଷୋଭ ପ୍ରକାଶ କରିବା ସହିତ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

# ପୂଜକଙ୍କ ବଜ୍ରାଘାତରେ ପୂଜକ ମୃତ

ସିମୁଳିଆ,(ସବ୍ୟୁ) : ବାଲେଶ୍ୱର ଜିଲ୍ଲ ସିମୁଳିଆ ଥାନା କଳାଶୁଣି ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରେ ପୂଜା କରୁଥିବା ବେଳେ ବଜ୍ରପାତ ଯୋଗୁଁ ପୂଜକଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନାରୁ ପ୍ରକାଶ ମଇତାପୁର ପଞ୍ଚାୟତର ରାମବିନ୍ଧା ଗ୍ରାମର ପଦ୍ମଲୋଚନ ଦାଶଙ୍କ ପୁଅ ସୁରେନ୍ଦ୍ର ଦାଶ(୨୪)ବର୍ଷ ଈଶ୍ୱରପୁର ପଞ୍ଚାୟତର କଳାଶୁଣିରେ ଗୀତା ଯଂଜ୍ଞ ପୂଜା କରୁଥିବା ସମୟରେ ମାଇକ୍ରୋଫୋନ ଧରି ପୂଜା କରୁଥିଲେ । ହଠାତ ବ୍ରଜ୍ରାପାତ ହୋଇଥିଲା । ଫଳରେ ମାଇକ୍ରୋ ଫୋନ ଚାର୍ଜ ହୋଇଯାଇଥିଲା। ପୂଜକ ସୁରେନ୍ଦ୍ର ସେହିଠାରେ ଟଳି ପଡି ଥିଲେ । ତାଙ୍କ ଭଦ୍ରକ ମେଡିକାଲକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା । ସେଠାରେ ଡାକ୍ତର ସୁରେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ।

# ଅବକାରୀ ଚଢାଉ : ଦୁଇ ଗିରଫ

ବାଲେଶ୍ୱର,(ସବ୍ୟୁ): ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଇନ୍ସପେକ୍ଟର ହରିହର ସିଂ, ସବ୍ ଇନ୍ସପେକ୍ଟର ଭବେଶ ଦାସ, ଏଏସ୍ଆଇ ଦୁର୍ଯ୍ୟୋଧନ ବେହେରା, କନେଷ୍ଟବଳ ମିନତୀ ପରିଡ଼ା, ସୁନାରାମ ସରେନ ପ୍ରମୁଖ ସିମୁଳିଆ ଥାନା ବାଲିଖଣ୍ଡ ଗ୍ରାମର ସୁଶାନ୍ତ ମିଶ୍ର, ସୋର ଥାନା ଗୁଡ଼ ଗ୍ରାମର ସନାତନ ରାଉଳଙ୍କୁ ଗିରଫ କରି ୩୫ଲିଟର ବିଅର,୮.୧୦୦ ଲିଟର ବିଦେଶୀ ମଦ,୪୦ଲିଟର ଦେଶୀମଦ, ସହିତ ଓଡ଼ି୦୧ଏଏନ୍-୫୮୭୩ ନମ୍ବର ବିଶିଷ୍ଟ ମଟର ସାଇକେଲ ଜବଦ କରିଛନ୍ତି । ଜବଦ ହୋଇଥିବା ମଦର ମୂଲ୍ୟ ପ୍ରାୟ ୩୦ହଜାର ଟଙ୍କା ହୋଇଥିବା ବେଳେ ମଟର ସାଇକେଲର ମୂଲ୍ୟ ୭୦ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଘଟଣାରେ ସମ୍ପୃକ୍ତ ସିମୁଳିଆ ଥାନା ବାଲିଖଣ୍ଡ ଗ୍ରାମର ମନୋରଂଜନ ନାୟକ ଫେରାର ହୋଇଯାଇଥିବା ଜଣାପଡ଼ିଛି ।

# ଜାତୀୟ ରାଜପଥ ପାର୍ଶ୍ୱ ହୋଟେଲ, ଢାବାରେ ଚଢ଼ାଉ

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅର୍ନ୍ତଗତ ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱ ରେ ଥିବା ହୋଟେଲ ଓ ଢାବାରେ ସୋମବାର ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ନିଜ ଟିମ ସହିତ ଅଚାନକ ଚଢ଼ାଉ କରିଥିଲେ । ଗଡଦେଉଳିଆ ଛକ ନିକଟରେ ଥିବା ମହାମାୟା ଢ଼ାବା ରେ ଆତର୍କିତ ଚଢ଼ାଉ କରି ବେଆଇନ ଭାବେ ବିକ୍ରି କରାଯାଉଥିବା ବିଦେଶୀ ମଦ ଜବତ କରିବା ସହିତ ମାମଲାରେ ଜଡିତ ଢ଼ାବା ମାଲିକଙ୍କୁ ଗିରଫ କରିଥିଲେ । ଗିରଫ ଢ଼ାବା ମାଲିକ ହେଲେ ବାଲେଶ୍ୱର ଜିଲ୍ଲା ଅଞ୍ଚଳର ହରିଚରଣ ଗିରି । ଚଢାଉ ସମୟରେ ପ୍ରାୟ ୨୦ବୋତଲରୁ ଅଧିକ ବିଭିନ୍ନ କିସମର ବିଦେଶୀ ମଦ ବିନା ଲାଇସେନ୍ସରେ ବିକ୍ରି ପାଇଁ ଗଚ୍ଛିତ କରି ରଖାଯାଇଥିଲା ।ତେବେ ଶ୍ରୀମତୀ ବିଶ୍ୱାଳ ବିଦେଶୀ ମଦ ଜବତ କରିବା ସହିତ ଢ଼ାବା ମାଲିକ ହରିଚରଣ ଗିରିଙ୍କୁ ଗିରଫ କରି ବୈଶିଙ୍ଗା ଥାନା କୁ ହସ୍ତାନ୍ତର କରିଥିଲେ । ଏନେଇ ବୈଶିଙ୍ଗା ପୋଲିସ ପକ୍ଷରୁ ୫୦୬/୨୫ ନଂ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବାର ଜଣାଯାଇଛି।

# ଦୁଇ ଚୋର ଗିରଫ

ଅସୁରାଳି,(ସବ୍ୟୁ): ଏକ ଚୋରି ଘଟଣାରେ ଧୂଷୁରୀ ପୁଲିସ ବୁଧବାର ଦିନ ଦୁଇ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।ଗିରଫ ଅଭିଯୁକ୍ତ ହେଲେ ଧାମନଗର ବ୍ଲକ ହସନାବାଦ ପଞ୍ଚାୟତ ଅଧୀନ ପଙ୍ଗଟା ଅଞ୍ଚଳର କାଠିଆ ବେହେରା(୩୨) ଏବଂ ସୁଧୀର ବେହେରା(୩୦)।କିଛିଦିନ ତଳେ ପଙ୍ଗଟା ଗ୍ରାମର ଶଶି ଭୂଷଣ ବେହେରାଙ୍କ ଘରୁ ବିଭିନ୍ନ ଜିନିଷପତ୍ର ସହ ନଗଦ ଟଙ୍କା ଚୋରି ହୋଇଥିଲା।ଶଶି ଭୂଷଣଙ୍କ ଅଭିଯୋଗ ଆଧାରରେ ଧୂଷୁରୀ ପୁଲିସ କେସ ନଂ-୪୬୭/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା।ଗତକାଲି କୌଣସି ସୂତ୍ରରୁ ଖବରପାଇ ପୁଲିସ ଚୋରିରେ ସମ୍ପୃକ୍ତ ଦୁଇ ଯୁବକ କାଠିଆ ଏବଂ ସୁଧୀରଙ୍କୁ ଧରିଥିବା ବେଳେ ବୁଧବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।ଉଭୟ ଗିରଫ ଅଭିଯୁକ୍ତ ଏକାଧିକ ଚୋରିରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି।

# ଝଲଶୁଛି ବିଶୁନପୁର ହରିହାଟ ଲକ୍ଷ୍ମୀ ମଣ୍ଡପ ମେଢ

ଖଇରା, (ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ବିଶୁନପୁର ଗ୍ରାମର ଶହେ ବର୍ଷରୁ ଉର୍ଦ୍ଧ ସମୟ ଧରି ପାଳିତ ହୋଇ ଆସୁଥିବା ହରିହାଟ ଲକ୍ଷ୍ମୀ ମଣ୍ଡପ ପୂଜା ଧୂମଧାମରେ ଚାଲିଥିବା ବେଳେ ପୂଜା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ପୂଜାକୁ ମନଲୋଭା କରିବାକୁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। ସୋମବାର ସନ୍ଧ୍ୟାରେ କମିଟି ସଦସ୍ୟ ଲକ୍ଷ୍ମଣ ସାହୁ,ଦୟାନିଧି ଜେନା ଓ ପର୍ଶୁରାମ ନାୟକଙ୍କ ଦ୍ୱାରା କଳସ ଅଣାଯାଇଥିବା ବେଳେ ପରମାନନ୍ଦ ପଣ୍ଡା ଓ ଆଦିକନ୍ଦ ପଣ୍ଡାଙ୍କ ଦ୍ୱାରା ଗଜଲକ୍ଷ୍ମୀଙ୍କ ପୂଜା ଓ ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା । ଜଗତାନନ୍ଦ ମହାନ୍ତି,ନିଳମଣି ପ୍ରଧାନ,ଯଦୁନାଥ ସାହୁ,ଦୟାନିଧି ସାହୁ,ସୁରେଶ ଜେନାଙ୍କ ସମେତ ଗ୍ରାମବାସୀଙ୍କ ସହଯୋଗରେ ଚଳିତ ବର୍ଷ ପୂଜାର ସମସ୍ତ କାର୍ଯ୍ୟ ସମ୍ପର୍ଣ୍ଣ ହେଉଛି । ପ୍ରତେ୍ୟକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହେଉଛି ।

# ମହିଳାଙ୍କ ଗୋଡ ଉପରେ ଚଢ଼ିଗଲା ପିକ୍‌ଅପ୍

ନୀଳଗିରି,(ସବ୍ୟୁ): ମହିଳାଙ୍କ ଗୋଡ଼ ଉପରେ ଚଢ଼ିଗଲା ପିକଅପ ଭ୍ୟାନ, ରକ୍ତ ରଞ୍ଜିତ ହେଲା ରାଜରାସ୍ତା। ଏଭଳି ଘଟଣା ବୁଧବାର ନୀଳଗିରି-ପଞ୍ଚଲିଙ୍ଗେଶ୍ୱର-ବଡଲଗଡିଆ (ପି.ଡବ୍ଲ୍ୟୁ.ଡି) ରାସ୍ତାରେ ଘଟିଛି। ନୀଳଗିରି ଉପଖଣ୍ଡ ଶ୍ୟାମସୁନ୍ଦରପୁର ପଞ୍ଚାୟତ ରାଉଳଖୁଣ୍ଟା ଗ୍ରାମର ମୂରଲୀଧର ନାୟକଙ୍କ ଝିଅ ସେବତୀ ସ୍କୁଟିରେ ନୀଳଗିରିରୁ ଘରକୁ ଫେରୁଥିଲେ। ଗୋପଛକ ସ୍କୁଲ ନିକଟରେ ରାସ୍ତା ଖରାପ କାରଣରୁ ଭାରସାମ୍ୟ ହରାଇ ତଳେ ଛିଟିକି ପଡ଼ିଥିଲେ। ପଛରୁ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ ତାଙ୍କ ଗୋଡ ଉପରେ ଚଢ଼ି ଯାଇଥିଲା। ଫଳରେ ତାଙ୍କର ଗୋଡ଼ଟି ଗୁଣ୍ଡ ହୋଇଯାଇଥିଲା। ପ୍ରବଳ ରକ୍ତସ୍ରାବ ହେବାରୁ ତାଙ୍କୁ ଗୁରୁତର ଭାବେ ବାଲେଶ୍ୱର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।ତାଙ୍କର ଜୀବନ ପ୍ରତି ବିପଦ ଥିବାରୁ ଗୋଡ଼ଟି କଟାଯିବ ବୋଲି ଜଣାପଡିଛି। ସୂଚନା ଥାଉକି ନୀଳଗିରି ପଞ୍ଚଲିଙ୍ଗେଶ୍ୱର ବଡଲଗଡିଆ (ପି.ଡବ୍ଲ୍ୟୁ.ଡି) ରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତାର ଉନ୍ନତିକରଣ ପାଇଁ ସରକାର ଉଦାସୀନ ରହିବା ପରିତାପର ବିଷୟ।

# ଜେଜେମା ଅନ୍ତେଷ୍ଟିକ୍ରିୟାରେ ନାତି ମୃତ

ଭଣ୍ଡାରିପୋଖରୀ,(ସବ୍ୟୁ): ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ତେସିଙ୍ଗା ପଞ୍ଚାୟତ ସମସମାଦୌଲତପୁର(କୁଶଗଡିଆ) ଗ୍ରାମର ଯୁବକ ବିକାଶ ମଲ୍ଲିକ(୨୮) ବୁଧବାର ଅପରାହ୍ନ ପ୍ରାୟ ସଢ଼େ ଗୋଟାଏରେ ରେ ପୋଖରୀରେ ବୁଡି ମୃତ୍ୟୁବରଣ କରିଥିବା ଜଣାଯାଇଛି। ଗତ ମଙ୍ଗଳବାର ବିଳମ୍ବିତରାତି ଗୋଟାଏ ସମୟରେ ମୃତ୍ୟୁବରଣ କରିଥିବା ଜେଜେମାର ଅନ୍ତେଷ୍ଟିକ୍ରିୟା ବୁଧବାର ମଧ୍ୟାହ୍ନରେ ସରିଥିଲା। ଏହାପରେ ଗ୍ରାମ ପୋଖରୀକୁ ସ୍ନାନ ପାଇଁ ଅନ୍ୟମାନଙ୍କ ସହ ବିକାଶ ଯାଇଥିଲା। ସେଠାରେ ଗୋଡ ଖସିଯିବାରୁ ବିକାଶ ପୋଖରୀ ପାଣିରେ ବୁଡି ଯାଇଥିଲା। ପରିବାର ଲୋକେ ଉଦ୍ଧାର ପାଇଁ ବିଫଳ ହୋଇ ଦମକଳକେନ୍ଦ୍ରକୁ ସୂଚନା ଦେଇଥିଲେ। ସ୍ଥାନୀୟ ଅଗ୍ନିଶମ କର୍ମଚାରୀମାନେ ଆସି ବିକାଶକୁ ଉଦ୍ଧାର କରି ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଏନେଇ ଥାନାରେ କେଶ ନଂ ୨୧/୨୫ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତ ବିକାଶ ୧୬ ନଂ ଜାତୀୟ ରାଜପଥର ଭାଗଡା-ନାରାୟଣପୁର ଟୋଲପ୍ଲାଜାରେ କର୍ମଚାରୀ ଭାବେ ନିୟୋଜିତ ଥିଲେ।ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

# ଭାଲୁ ଆକ୍ରମଣରେ ମହିଳା ମୃତ

ନୀଳଗିରି, (ସବ୍ୟୁ): ଭାଲୁ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅନ୍ତର୍ଗତ ସଜନାଗଡ ପଞ୍ଚାୟତ ଅଧିନସ୍ଥ ପାଣବନ୍ଧ ଗାଁର ଚନ୍ଦ୍ରମୋହନ ନାୟକ ଙ୍କ ସ୍ତ୍ରୀ ଶାନ୍ତିଲତା (୫୪) ବୋଲି ଜଣାପଡିଛି। ବୁଧବାର ସକାଳେ ୧୧ଟା ସମୟରେ ଗାଁ ନିକଟସ୍ଥ ତିନିକୋଶିଆ ସଂରକ୍ଷିତ ଜଙ୍ଗଲକୁ ସ୍ୱାମୀ, ସ୍ତ୍ରୀ ଛତୁ ତୋଳିବାକୁ ଯାଇଥିବାବେଳେ ଜଙ୍ଗଲ ଭିତରେ ଅଚାନକ ଏକ ଭାଲୁ ମହିଳାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଶାନ୍ତିଲତା ଙ୍କ ଚିତ୍କାର ରେ ଭାଲୁଟି ସେଠାରୁ ଛାଡି ପଳାଇଥିବା ବେଳେ ମହିଳାଙ୍କ ବେକକୁ ଝାମ୍ପି ଥିବା ଯୋଗୁଁ ଗଭୀର କ୍ଷତ ସୃଷ୍ଟି କରିଥିଲା। ସ୍ୱାମୀ ଚନ୍ଦ୍ରମୋହନ ପ୍ରଥମେ ୧୦୮ ଆମ୍ବୁଲେନ୍ସକୁ ଯୋଗାଯୋଗ କରିଥିଲେ ଆମ୍ବୁଲେନ୍ସର ସୁବିଧା ନହେବାରୁ ଶାନ୍ତିଲତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ କାନ୍ଧରେ କାନ୍ଧେଇ ସଜନାଗଡ ମେଡିକାଲକୁ ଆଣିଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ଭଡା ଟେମ୍ପୁରେ ନୀଳଗିରି ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ବ୍ଲକ୍‌ରେ ପିସି କାରବାରକୁ ନେଇ ଅଦିନିଆ ଝଡ

ବାସୁଦେବପୁର,(ସବ୍ୟୁ): ଭଦ୍ରକ ଜିଲ୍ଲ ବାସୁଦେବପୁର ବ୍ଲକର ଉନ୍ନୟନମୂଳକ କାମରେ ସରକାରୀ କର୍ମଚାରୀ ପିସି ଆଦାୟ କରିବା ଓ ପିସି ଆଳରେ ବିଲକୁ ମାସ ମାସ ଧରି ପକାଇ ରଖିବାରୁ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ବିଡିଓଙ୍କ ଠାରେ ଅଭିଯୋଗ କରିଛନ୍ତି । ବ୍ଲକ ଅଧ୍ୟକ୍ଷ ଫାଇଲ ଦସ୍ତଖତ ନକରି ପିସି ଆଳରେ ପକାଇ ରଖୁଥିବାର ଅଭିଯୋଗ କରିଛନ୍ତି । ଆଗାମୀ ଦିନରେ ବ୍ଲକରୁ କେହି ପିସି ମାଗିବାର ଅଭିଯୋଗ ଆସିଲେ କଂଗ୍ରେସ ପକ୍ଷରୁ ଦୃଢ ଜବାବ ଦିଆଯିବ ବୋଲି କହିଥିଲେ । ବ୍ଲକର ପିସି କାରବାରକୁ ନେଇ ଅଦିନିଆ ଝଡ ସୃଷ୍ଟି ହୋଇଛି । ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳଙ୍କ ଉପରେ ବିଧାୟକ ଲଗାଇଥିବା ଅଭିଯୋଗର ଦୃଢ ଜବାବ ରଖିଛନ୍ତି । ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ କହିଥିଲେ ମୋ ପାଖକୁ ଆସିଥିବା ଫାଇଲ ମାସ ମାସ ଧରି ପଡିନାହିଁ । କିଛି ଫାଇଲ ପୂଜା ପୂର୍ବରୁ ଆସିଛି । ଯାଞ୍ଚ ପରେ ଦସ୍ତଖତ ହୋଇ ବିଡିଓଙ୍କ ପାଖକୁ ଫେରିଯିବ । କୌଣସି କର୍ମଚାରୀ ଉନ୍ନୟନମୂଳକ କାମରେ ପିସି ମାଗିବାର ଅଭିଯୋଗ ଆସିଲେ ସଂପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ରୁଲ - ୩ ପଞ୍ଚାୟତରାଜ ଆଡମିଷ୍ଟ୍ରେସନ ଅଫ ଏଫାୟର୍ସ ରୁଲ ୧୯୮୭,ଓଡ଼ିଶା ପଞ୍ଚାୟତ ସମିତି ଆକ୍ଟ ୧୯୫୯ ଅନୁଯାୟୀ ଯେକୌଣସି ଫାଇଲକୁ ପଞ୍ଚାୟତ ସମିତିର ଅଧ୍ୟକ୍ଷ ଦେଖିପାରିବେ । ଉନ୍ନୟନମୂଳକ କାମକୁ ଯାଞ୍ଚ କରିବାର କ୍ଷମତା ରହିଛି ବୋଲି ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ କହିଥିଲେ। ବ୍ଲକରୁ ପିସି କାରବାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯିଏ ପିସି ନେବ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ରାସ୍ତା କଡ଼ରୁ ଜବରଦଖଲ ଉଚ୍ଛେଦ

ଯୋଡ଼ା,(ସବ୍ୟୁ): କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ପକ୍ଷରୁ ସୋମବାର କଳାପାହାଡ଼ ଛକରୁ ରାସ୍ତା କଡ଼ରେ ବେଆଇନ ଜବର ଦଖଲ ହୋଇଥିବା ଦୋକାନକୁ ଉଚ୍ଛେଦ କରାଯାଇଛି । କଳାପାହାଡ଼ ଠାରୁ ଯୋଡା ବସଷ୍ଟାଣ୍ଡ, ବାଂଶପାଣିରୁ ରଣାଶାଳ ପର୍ଯ୍ୟନ୍ତ ବେଆଇନ ଭାବେ ସରକାରୀ ଜମିକୁ ଜବର ଦଖଲ କରି ଦୋକାନ ଘର ଓ ଗୃହ ଗୁଡ଼ିକୁ ଉଚ୍ଛେଦ କରାଯିବା ପାଇଁ ଏହି ଅଭିଯାନ ଆରମ୍ଭ ହୋଇଛି । ଏହି ଉଚ୍ଛେଦ ସମୟରେ ଯୋଡା ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୱନ କୁମାର ସିଂ ରାଣା,ଯୋଡା ବିଡ଼ିଓ ଡେନିସ ବେହେରା ଓ ପୌର କର୍ମଚାରୀ ମାନେ ଉପସ୍ଥିତ ଥିଲେ । ତେବେ ପୌରପାଳିକାର ବିଭିନ୍ନ ବସ୍ତି ଅଞ୍ଚଳରେ ବହୁ ଅଣଓଡ଼ିଆ ଠିକାଦାର ମାନେ ସରକାରୀ ଜମିକୁ ଜବର ଦଖଲ କରି ବଡ ବଡ ଅଟ୍ଟାଳିକା ନିର୍ମାଣ କରି ଭଡ଼ା ଲଗାଇ ଲକ୍ଷାଧିକ ଟଙ୍କା ମୁନାଫା କମାଉଛନ୍ତି । ବସ୍ତି ବାସିନ୍ଦାଙ୍କୁ ଘରଡିହ ପଟ୍ଟା ପ୍ରଦାନ କରିବା ପାଇଁ ଭୂମି ଅଧିକାର ଆଇନ ଥିଲେ ହେଁ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପୌର ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ । ବସ୍ତି ଅଞ୍ଚଳରେ ଦିନକୁ ଦିନ ପୌରପାଳିକା ପ୍ରୋତ୍ସାହନରେ ବହୁ ଅଣଓଡ଼ିଆ ଠିକାଦାର ମାନେ ସରକାରୀ ମୂଲ୍ୟବାନ ଜମିକୁ ଜବର ଦଖଲ କରିବାରେ ଲାଗିଛନ୍ତି । ଏ ନେଇ ପୌରପାଳିକା ନିକଟରେ ବାରମ୍ବାର ଅଭିଯୋଗ ହେଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଜନସାଧାରଣରେ ଅଭିଯୋଗ ହେଉଛି ।

# ଟେକ୍ନୋ ହବ କମ୍ପ୍ୟୁଟର ସୋରୁମ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ

ବାଲେଶ୍ୱର, (ସବ୍ୟୁ):ବ୍ୟବସାୟିକ ଶତ୍ରୁତାକୁ କେନ୍ଦ୍ର କରି ଟେକ୍ନୋ ହବ କମ୍ପ୍ୟୁଟର ସୋରୁମ ମାଲିକ ସଂଗ୍ରାମ ଦାସଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ସଂଗ୍ରାମ ସୋମବାର ଦିନି ସହର ଉପକଣ୍ଠ ପଦ୍ମାବତୀ ପାର୍କରେ ଆୟୋଜିତ ବାଲେଶ୍ୱର ଆଇଟି ଆସୋସିଏସନ ମିଟିଂରେ ଯୋଗ ଦେଇଥିଲେ। ସେଠାରେ ଉପସ୍ଥିତ ଅନ୍ୟ ଏକ କମ୍ପ୍ୟୁଟର ଦୋକାନୀ ପୂର୍ବ ବ୍ୟବସାୟିକ ଶତ୍ରୁତାକୁ କେନ୍ଦ୍ର କରି ସଂଗ୍ରାମଙ୍କୁ ଧମକ ଚମକ ଦେବା ସହ ଏଠୁ ବାହାରିଲେ ରାସ୍ତାରେ ଦେଖିନବାର ଧମକ ଦେଇଥିଲା। ରାତିରେ ସଂଗ୍ରାମ ଘରକୁ ଫେରୁଥିବା ବେଳେ ଟାଉନ ଥାନା ଅନ୍ତର୍ଗତ ମଠ ସାହି ଛକ ଠାରେ ପୂର୍ବରୁ ପ୍ରସ୍ତୁତ ଥିବା ଉକ୍ତ କମ୍ପୁଟର ଦୋକାନୀ, ତାର ପୁଅ ଏବଂ କର୍ମଚାରୀ ବିଭିନ୍ନ ଧାରୁଆ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକମାନେ ସଂଗ୍ରାମଙ୍କୁ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସଂଗ୍ରାମ ର ବାମ ହାତ, କାନ୍ଧ ଏବଂ ମୁଣ୍ଡରେ ଗମ୍ଭୀର ଆଘାତ ଲାଗିଛି। ସଂଗ୍ରାମ ହେଉଛନ୍ତି ବାଲେଶ୍ୱର ବିଜେପି ଜିଲ୍ଲା ସଭାପତି ଈଶ୍ୱର ବେହେରାଙ୍କ ଭଣଜା। ଖବର ପାଇ ଶ୍ରୀ ବେହେରା ହସ୍ପିଟାଲରେ ପହଞ୍ଚି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏସପିଙ୍କ ସହ କଥା ହୋଇଥିବା ସୂଚନା ଦେଇଛନ୍ତି। ସଂଗ୍ରାମଙ୍କ ପିତା ହରିଶ ଚନ୍ଦ୍ର ଦାସଙ୍କ ଏତଲା ମୂଳେ ଟାଉନ ଥାନା ପୋଲିସ ଥାନାରେ କେଶ ନମ୍ବର ୨୭୭/୨୦୨୫ ନମ୍ବର ମୂଳେ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ହନିଫଙ୍କ ଶ୍ରାଦ୍ଧ ବାର୍ଷିକ

ଭଦ୍ରକ,(ସବ୍ୟୁ):ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶା ବିଧାନସଭାର ପୂର୍ବତନ ଉପ-ବାଚସ୍ପତି ଓ ପୂର୍ବତନ ସାଂସଦ ସ୍ୱର୍ଗତ ମହମ୍ମଦ ହନିଫ ଓରଫ ମାଷ୍ଟରଜୀଙ୍କ ୫୮ତମ ଶ୍ରାଦ୍ଧବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପୁରୁଣାବଜାର ନାରାୟଣ ଚନ୍ଦ୍ର ନୋଡାଲ ସ୍କୁଲ ସମ୍ମୁଖରୁ ବାସଭବନ କାଜି ମହଲ୍ଲାସ୍ଥିତ ତାଙ୍କ ସମାଧିଠାରେ ହନିଫ ସ୍ମୃତି କମିଟିର ସମସ୍ତ ସଦସ୍ୟ,ଭଦ୍ରକ ବୁଦ୍ଧିଜୀବୀଗଣ,ଗାନ୍ଧୀବାଳଶ୍ରମ ସ୍କୁଲର ଛାତ୍ରଛାତ୍ରୀ ଓ କଲେଜ ଛାତ୍ରଛାତ୍ରୀ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହି ଶ୍ରାଦ୍ଧ ବାର୍ଷିକ ଉତ୍ସବରେ ସଭାପତି ଅଜୟ ନାୟକଙ୍କ ସଭାପତିତ୍ୱରେ ସମ୍ପାଦକ ହାଜି ଅନୱର ହୋସେନଙ୍କ ସହଯୋଗରେ ଓ ସଂଚାଳକ ତଥା ଅଦବି ମରକଜର କବି ଶିକ୍ଷକ ମୁସ୍ତାକ ଗୌହରଙ୍କ କୋରାନ ପାଠ ଓ ସଲାମରୁ ଆରମ୍ଭ ହୋଇଥିଲା। ଗାନ୍ଧୀ ବାଳାଶ୍ରମର ଛାତ୍ର ଓ ସ୍କୁଲର ସମ୍ପାଦକ ଅଶୋକ ଦାସ,ପଣ୍ଡିତ ନିତ୍ୟାନନ୍ଦ ମିଶ୍ରଙ୍କ ରାମଧ୍ୱନୀ ଆରମ୍ଭ କରିଥିଲେ। ହନିଫ ବାବୁଙ୍କ ସ୍ମୃତିରେ ସୁଧାକର ରାଉତ ତାଙ୍କ ବକ୍ତବ୍ୟ ରଖି ଆଲୋକପାତ କରିଥିଲେ। ହାଜି ଅବଦୁଲ ମୁକିତ ଖାନ ସ୍ୱର୍ଗତ ହନିଫ ବାବୁ ଅମର ରହେ ସ୍ଲୋଗାନ ଦେଇଥିଲେ ଓ ପୌରପାଳିକାର ଅଧକ୍ଷ ଗୁଲମକ୍କୀ ଦଲୱାଜି ହବିବ ସ୍ୱର୍ଗତ ହନିଫ ବାବୁଙ୍କ ସ୍ମୃତିରେ ବକ୍ତବ୍ୟ ରଖିଥିଲେ। ଏହି ସଭାରେ ହନିଫ ସ୍ମୃତି କମିଟିର ସଭ୍ୟ ହାଜି ଫାରୁକ ଭାଇ,ହାଜି କାସିମ ଖାନ,ମହେଜ୍ବିନ ଅଖତର,ଇକବାଲ ଖାନ,ଅବଦୁଲ ଦୟାନ ଜିଆ,ହାଜି କୈୟୁମ ସାହା,ସମ୍ବାଦଦାତା ଶେଖ ଅନୱର ପ୍ରମୁଖ ଉପସ୍ଥିତ ରହି ହନିଫଙ୍କ ନୀତିବାଣୀ ଉପରେ ଆଲୋକପାତ କରିଥିଲେ। ମହମ୍ମଦ ହନିଫ ୧୨ଜୁଲାଇ ୧୮୯୯ରେ ଜନ୍ମଲାଭ କରିଥିଲେ। ରେଭେନ୍ସା କଲେଜରୁ ଆଇଏପାସ କରି ଅବକାରୀ ଇନ୍ସପେକ୍ଟରରେ ଚାକିରୀ କରି ୧୯୨୦ରେ ହେଦାତୁନ ନିଶା ବିବିଙ୍କ ସହିତ ବିବାହ କରିଥିଲେ। ଚାକିରୀ ଛାଡି ସ୍ୱାଧୀନତା ସଂଗ୍ରାମୀରେ ଯୋଗଦାନ କରି ଭାରତ ଛାଡ଼ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ଏବଂ ବ୍ରହ୍ମପୁର ଜେଲରେ ମଧ୍ୟ ବନ୍ଦୀ ଜୀବନ କଟାଇଥିଲେ। ଦେଶ ସ୍ୱାଧୀନ ପରେ ୧୯୫୨ରେ ଭଦ୍ରକରୁ ବିଧାନସଭାକୁ ନିର୍ବାଚିତ ହୋଇ ଉପ-ବାଚସ୍ପତି ହୋଇଥିଲେ। ପରେ ସାଂସଦ ହୋଇ ୬ଅକ୍ଟୋବର ୧୯୬୭ ରେ ଦେହାନ୍ତ ହୋଇଥିଲା। ଏହି ସଭାକୁ ହନିଫ ବାବୁଙ୍କ ନାତୀ ମିର୍ଜା ଇଜାଜ ବେଗ ପରିଚାଳନା କରି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଧନ-ଜୀବନ ଓ ଫସଲ ସୁରକ୍ଷା ଦାବିରେ ଜିଲ୍ଲାପାଳଙ୍କୁ ଅଭିଯୋଗ



କେନ୍ଦୁଝର,(ଜିପ୍ର/ସବ୍ୟୁ): କେନ୍ଦୁଝର ଜିଲ୍ଲା ଭୁୟାଁ ଜୁଆଙ୍ଗପୀଢ ବାଂଶପାଳ ବ୍ଲକ ସାହାରପୁର ପଞ୍ଚାୟତ ପଦାକସଡା ଗାଁଲୋକେ ବନ୍ୟପ୍ରାଣୀ କ୍ଷୟକ୍ଷତି କରୁଥିବା ଫସଲ ସମେତ ଧନଜୀବନ ସୁରକ୍ଷା ଦାବିରେ ସୋମବାର ଜିଲ୍ଲାପାଳ ଙ୍କ ଅଭିଯୋଗ ଶୁଣାଣିରେ ଦାବିପତ୍ର ପ୍ରଦାନ କରିଛନ୍ତି।ଏଠାରେ ଭୁୟାଁ,ଜୁଆଙ୍ଗ,ମୁଣ୍ଡା ସଂପ୍ରଦାୟର ଆଦିବସୀ ବର୍ଗର ଲୋକେ ୧ବର୍ଷ ରୁ ଉର୍ଦ୍ଧ ହେଲାଣି ଜନବସତି ସ୍ଥାପନ କରି ରହିଆସୁଛନ୍ତି।ଏମାନେ ଶ୍ରମଜିବୀ ଏବଂ ବିଭିନ୍ନ କୃଷି କାର୍ଯ୍ୟକରି ପରିବାର ଚଳାଉଥିବା ଜଣାପଡିଛି।ଲୋକେ ଧାନ,ମକା,ବିରି,ସୋରିଷ ଆଦି ଫସଲ ଚାଷକରି ଖାଇ। ସହିତ ବିକ୍ରିବଟା କରି ଗୁଜୁରାଣ ମେଣ୍ଟାଉଛନ୍ତି।ତେବେ ହାତୀ,ବାରାହା,ମାଙ୍କଡ ଆଦି ବନ୍ୟପ୍ରାଣୀ ଫସଲ ନଷ୍ଟ କରିବା ସମେତ ଘରଦ୍ୱାର ଭାଙ୍ଗି ଧନଜୀବନ ହାନୀ ଘଟାଉଥିବା ଅଭିଯୋଗ ହୋଇଛି।ହାତୀମାନେ ଗାଁ ମୁହାଁ ହେଉଥିବାରୁ ବିଦ୍ୟୁ କାଟ ହେଉଥିବାରୁ ଲୋକେ ଅନ୍ଧାର ରେ ରହୁଛନ୍ତି।ଆଲୋକି କରଣ ସୁବିଧା ନଥିବାରୁ ଶୌଚ ଏବଂ ଅନ୍ୟାନ୍ୟ କାମରେ ଘରୁ ପଦାକୁ ବାହାରିବାକୁ ଭୟ ଲାଗି ରହୁଛି।ସେନେଇ ବାଂଶପାଳ ବନପାଳଙ୍କୁ ଅନେକ ଥର ଅଭିଯୋଗ ଦିଆଯାଇଥିଲେ ହେଁ କୌଣସି ଦୃଷ୍ଟି ଦିଆଯାଉ ନଥିବାରୁ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ପାଖାପାଖି ୪ଶହ ପରିବାର ଜଙ୍ଗଲରେ ବସବାସ କରୁଥିବାବେଳେ ବିଶୁଦ୍ଧ ପାଣିର ସୁବିଧା ନଥିବାରୁ ଝରଣା ପାଣି ବ୍ୟବହାର କରୁଛନ୍ତି।ମାଟି ଛାଟି ଘରେ ଏହି ପରିବାର ଗୁଡିକ ରହୁଥିବା ଯୋଗୁଁ ହାତୀମାନେ କବାଟ ଭାଙ୍ଗି ସଂଗୃହିତ ଧାନ ଚାଉଳ ଖାଇବା ସହିତ ଘର ଭାଙ୍ଗି ଦେଉଛନ୍ତି।ଏହାଛଡା ସରକାରୀ ମୌଳିକ ସୁବିଧା ଅପହଞ୍ଚ ହୋଇ ପଡିଛି।ପ୍ରଶାସନିକ କ୍ଷେତ୍ରରେ କୌଣସି ଦୃଷ୍ଟି ଦିଆଯାଉନଥିବାରୁ ଲୋକେ ଅବହେଳିତ ଅବସ୍ଥାରେ ରହିଛନ୍ତି। ଏଦିଗରେ ପଦକ୍ଷେପ ନେବାକୁ ରେବତୀ ଠାକୁର, କ୍ଷମା ଦେହୁରୀ, ପଦ୍ମିନୀ ପ୍ରଧାନ, କୁଶୁଳା ଜୁଆଙ୍ଗ, କଳ୍ପନା ପ୍ରଧାନ, ଡାଳିମ୍ବ ପ୍ରଧାନ, ସୁଶିଳା ପ୍ରଧାନ, କୁମୁଦିନୀ ଦେହୁରୀ, କୌଶଲ୍ୟା ଦେହୁରୀ, ରଇବାରୀ ଦେହୁରୀ,ବାଇଗଣି ପ୍ରଧାନ, ସୁକୁମାରୀ ଦେହୁରୀ,ସସ୍ମିତା ପ୍ରଧାନ, ଗୀତା ଦେହୁରୀ,ଲୁକି ବେହେରା, ସାବିତ୍ରୀ ପ୍ରଧାନ, କୁଡୁମୀ ଦେହୁରୀ, ଅକ୍ଷରୀ ଦେହୁରୀ, ଇନ୍ଦୁ ନାଏକ, ଶିବ ଦେହୁରୀ, ଲଖୁ ଦେହୁରୀ ସମେତ ଗାଁଲୋକେ ଅଭିଯୋଗ କରିଛନ୍ତି।

# ଅମରେନ୍ଦ୍ର ଦାଶ ପାଇବେ ବସନ୍ତ ମୁଦୁଲି କବିତା ପୁରସ୍କାର



ବାଲେଶ୍ୱର, (ସବ୍ୟୁ): କବି ଅମରେନ୍ଦ୍ର ମାଧବ ଦାଶ ପାଇବେ ଚଳିତ ବର୍ଷର ବସନ୍ତ ମୁଦୁଲି କବିତା ପୁରସ୍କାର ପାଇବେ । ଏ ନେଇ ଦିବଙ୍ଗତ କବି ବସନ୍ତ ମୁଦୁଲିଙ୍କ ସ୍ମୃତିରେ ଗଠିତ କବି ବସନ୍ତ ମୁଦୁଲି ସ୍ମୃତି ସଂସଦ ତରଫରୁ ଜଣାଯାଇଛି । ସଂସଦର ସଭାପତି ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ଚୟନ କମିଟି ବୈଠକରେ ପ୍ରାକ୍ତନ ସଭାପତି ରଜନୀକାନ୍ତ ମହାନ୍ତି, ଆବାହକ ଅରୁଣ ଖିଲାର, କାର୍ଯ୍ୟକାରୀ ସଭାପତି ନିରାକାର ଦାସ, ଉପସଭାପତି କିଶୋର ପାଣିଗ୍ରାହୀ, ଯୁଗ୍ମ ସଂପାଦକ ଅମିତାଭ ଖିଲାରଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ରାଜ୍ୟର ୪୩ ଜଣ ବରିଷ୍ଠ କବିମାନଙ୍କ ଠାରୁ ଆସିଥିବା ସୁପାରିଶ କ୍ରମେ କବି ଅମରେନ୍ଦ୍ର ମାଧବ ଦାଶଙ୍କ ନାମ ଚୂଡାନ୍ତ ହୋଇଥିଲା। ପ୍ରକାଶଯୋଗ୍ୟ, ୧୯୭୮ ମସିହାରେ ଜନ୍ମଗ୍ରହଣ କରିଥିବା ଅମରେନ୍ଦ୍ର ୭ଟି କବିତା ପୁସ୍ତକର ସ୍ରଷ୍ଟା। ତନ୍ମଧ୍ୟରୁ ଢେର ରାତି ହେଲାଣି, କାନ୍ଦକାନ୍ଦ ମଣିଷ, ଚିତ୍ର ଆଙ୍କୁଥିବା ପୁଅ, ଶବ୍ଦ, ଅଯୋଧ୍ୟା, କବିତା ଧାଡି ବାହାରେ ପୁସ୍ତକ ମାଧ୍ୟମରେ ସେ ବିପୁଳ ପାଠକୀୟତା ଲାଭ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଶିକ୍ଷା ଲାଭ କରିଥିବା ଏହି କବି ନିଜ କବିତା ପାଇଁ ଯୁବକବି ସମ୍ମାନ ଲାଭ କରିବା ସହିତ ଗଙ୍ଗାଧର ରଥ ଫାଉଣ୍ଡେସନ ତରଫରୁ ମଧ୍ୟ ସୁବ୍ରତ ରଥ ସମ୍ମାନ ପାଇଛନ୍ତି।ଚଳିତ ବର୍ଷ ଭୁବନେଶ୍ୱର ଠାରେ ଆସନ୍ତା ନଭେମ୍ବର ୨ ତାରିଖରେ ଅନୁଷ୍ଠିତ ହେବାକୁ ଥିବା କବିଙ୍କ ସ୍ମୃତି ସମାରୋହରେ ତାଙ୍କୁ ଏହି ରାଜ୍ୟ ସ୍ତରୀୟ ପୁରସ୍କାର ପ୍ରଦାନ କରାଯିବ ବୋଲି ସଂସଦର ସଂପାଦକ କୃଷ୍ଣ କୁମାର ମହାନ୍ତି ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୫୮)
-ମୋକ୍ଷଯୋଗଃ-
(ଶ୍ରୀଭଗବାନୁବାଚ)

**ମଚ୍ଚିତ୍ତଃ ସର୍ବଦୁର୍ଗାଣି ମତ୍ ପ୍ରସାଦାତ୍ ତରିଷ୍ୟସି ।**
**ଅଥ ଚେତ୍ ତ୍ୱମହଙ୍କାରାନ୍ନ ଶ୍ରୋଷ୍ୟସି ବିନଙ୍କ୍ଷ୍ୟସି ।। ୫୮ ।।**

(ତତୋ ଯତ୍ ଭବିଷ୍ୟତି ତତ୍ ଶୃଣୁ)- ତ୍ୱଂ ମଚ୍ଚିତ୍ତଃ (ମଦେକଚିତ୍ତଃ) (ସନ୍) ମତ୍ ପ୍ରସାଦାତ୍ (ମଦନୁଗ୍ରହାତ୍) ସର୍ବଦୁର୍ଗାଣି (ସର୍ବାଣି ଅପି ଦୁସ୍ତରାଣି ସାଂସାରିକାଣି ଦୁଃଖାନି) ତରିଷ୍ୟସି, ଅଥ ଚେତ୍ (ଯଦି ପୁନଃ) ଅହଙ୍କାରାତ୍ (ଜ୍ଞାତଞ୍ଚତ୍ୱାଭିମାନାତ୍) (ମଦୁକ୍ତିଂ) ନ ଶ୍ରୋଷ୍ୟସି, (ତର୍ହି) ବିନଙ୍କ୍ଷ୍ୟସି (ପୁରୁଷାର୍ଥାତ୍ ଭ୍ରଷ୍ଟୋ ଭବିଷ୍ୟସି) ।। ୫୮।।

# ସାମ୍ବିଧାନିକ ପଦବୀରେ ମୋଦିଙ୍କର ପଚିଶ ବର୍ଷ

ଭାରତର ସାମ୍ବିଧାନିକ ପଦବୀରେ ନିରବଚ୍ଛିନ୍ନ ଭାବେ ପଚିଶ ବର୍ଷ ପୂରଣ କରିବାରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଭାରତର ଜଣେ ଅଦ୍ୱିତୀୟ ଓ ସଫଳ ରାଜନେତା ହୋଇ ପାରିଛନ୍ତି । ପଚିଶ ବର୍ଷ ଯାକ ସାମ୍ବିଧାନିକ ପଦବୀରେ ରହି ଓ ବହୁ ବାଧାବିଘ୍ନର ମୁକାବିଲା କରିବା ପରେ ସେ ସବୁକୁ ଅତିକ୍ରମ କରି ମୋଦିଜୀ ଅନାୟାସରେ ଭାରତରେ କ୍ଷମତାର ଶୀର୍ଷବିନ୍ଦୁ ସ୍ପର୍ଶ କରିବା ସହିତ ସଫଳତା ହାସଲ କରିବା ପ୍ରକୃତରେ ଗର୍ବ ଓ ଗୌରବର ବିଷୟ । ମୋଦିଜୀଙ୍କ ବ୍ୟକ୍ତିତ୍ୱ ସୀମିତ ହୋଇ ରହି ନାହିଁ, ସମଗ୍ର ବିଶ୍ୱରେ ତାଙ୍କର ନିରପେକ୍ଷ ନୀତି, ଆଦର୍ଶ, ଶାନ୍ତି ଓ ସମୃଦ୍ଧି ମଧ୍ୟ ସକଳଙ୍କୁ ପ୍ରଭାବିତ କରି ପାରିଛି । ସ୍ୱାଧୀନତାର ଉତ୍ତର କାଳରେ ଭାରତରେ ଭୂମିଷ୍ଠ ହୋଇଥିବା ଅନେକ ସନ୍ତାନ ହୁଏତ ଜାଣି ନଥିବେ ଯେ କିନ୍ତୁ ସେହି ପବିତ୍ର ଦିବସଟି ଥିଲା ୭ ଅକ୍ଟୋବର, ୨୦୦୧ । ଆଜି ବି ମନେ ପଡୁଛି । ପଚିଶ ବର୍ଷ ତଳେ ଗୁଜୁରାତର ମୁଖ୍ୟମନ୍ତ୍ରୀ ଭାବେ ସେ ଦିନ ଶପଥ ଗ୍ରହଣ କରିଥିଲେ ଶ୍ରୀ ନରେନ୍ଦ୍ର ମୋଦି । ଭାରତୀୟ ରାଜନୀତିରେ କେବଳ ପୁରୁଖା ନେତା ନୁହଁନ୍ତି, ଅନେକ ନୂତନ ନେତାଙ୍କର ଆବିର୍ଭାବ ଘଟିଛି । ନୂତନ ସମ୍ଭାବନା ମଧ୍ୟ ସୃଷ୍ଟି ହୋଇଛି । କିନ୍ତୁ ସମସ୍ତଙ୍କୁ ଅତିକ୍ରମ କରିଗଲେ ସାଧାରଣ ପରିବାରରୁ ଆସି ଜଣେ ରାଷ୍ଟ୍ରଭକ୍ତ ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରଚାରକ ହୋଇଥିବା ନରେନ୍ଦ୍ର ମୋଦି ।

ରେଳ ଷ୍ଟେସନରେ ଚା' ବିକାଳୀ ଭାବେ ବାଲ୍ୟ ଜୀବନ ବିତାଇଥିବା ସେହି ନରେନ୍ଦ୍ର ମୋଦି, ଅନ୍ୟ ଜଣେ ନରେନ୍ଦ୍ର ( ସ୍ୱାମୀ ବିବେକାନନ୍ଦ)ଙ୍କ ନୀତିର ଅନୁସରଣ କରି କଲିକତାର ବେଲୁଡ ମଠରେ ପହଞ୍ଚିଥିଲେ ଦିନେ ସନ୍ନ୍ୟାସୀ ମାର୍ଗରେ ଯିବା ପାଇଁ । ବେଲୁଡ଼ ମଠର ସ୍ୱାମିଜୀ ତାଙ୍କୁ ବାଧା ଦେଇ ଫେରି ଯିବା ଲାଗି କୁଆଡ଼େ ପ୍ରବର୍ତ୍ତାଇଥିଲେ । ତାଙ୍କ ମଧ୍ୟରେ ସେ ବୋଧହୁଏ ସମ୍ଭାବନାମୟ ଅନ୍ୟ କିଛି ଲକ୍ଷଣ ଆବିଷ୍କାର କରି ସାରିଥିଲେ । ସେଠାରୁ ଭଗ୍ନ ମନୋରଥରେ ଫେରିଆସି ମୋଦିଜୀ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘରେ ସାମିଲ ହୋଇ ପୂର୍ଣ୍ଣକାଳୀନ କର୍ମୀ ଭାବରେ ଦେଶର ସେବା କରିବାକୁ ସୁଯୋଗ ପାଇଥିଲେ । ସେ ଥିଲେ ନିଜ ଭାଗ୍ୟର ନିଜେ ସମ୍ରାଟ । ଦେଶର ସେବା କ୍ଷେତ୍ରରେ ନିଜର ଭୂମି ଓ ଭୂମିକାଟିକୁ ବାଛି ନେଇ ସାର୍ଥକତା ଲାଭ କରିବାକୁ ସେ କର୍ତ୍ତବ୍ୟ ପଥରେ ଅଗ୍ରଗମନ କରିଥିଲେ । ଏପରିକି ସେ ତାଙ୍କ ଆତ୍ମୀୟସ୍ୱଜନ ଓ ପରିବାରକୁ ମଧ୍ୟ ପଛରେ ପକାଇ ଦେଶର ବିକାଶ କଥା ଚିନ୍ତା କରୁ କରୁ ଗୁଜରାତର ମୁଖ୍ୟମନ୍ତ୍ରୀ ପଦବୀରେ ସର୍ବପ୍ରଥମେ ସାମ୍ବିଧାନିକ ମୁଖ୍ୟ ଭାବେ କାର୍ଯ୍ୟ କରିବାର ସୁଯୋଗ ଲାଭ କଲେ । ପଦ୍ମପତ୍ରକୁ ଯେପରି ଜଳ ସ୍ପର୍ଶ କରି ପାରେ ନାହିଁ, ତାଙ୍କୁ ମଧ୍ୟ କ୍ଷମତାର ମୋହ ସେହିପରି ସ୍ପର୍ଶ କରି ପାରିନାହିଁ । ସେ ଗୁଜୁରାତର ଗାନ୍ଧି ନଗରଠାରେ ରାଜଭବନରେ ଚତୁର୍ଦ୍ଦଶତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ । ତାଙ୍କ ପୂର୍ବରୁ ବିଜେପିର କେଶୁଭାଇ ପଟେଲ ତ୍ରୟୋଦଶ ମୁଖ୍ୟମନ୍ତ୍ରୀ ଥିଲେ । ମାତ୍ର ଏକ ଭିନ୍ନ ଢଙ୍ଗରେ ବହୁ ଘାତ ପ୍ରତିଘାତ ମଧ୍ୟରେ ସେ ମୁଖ୍ୟମନ୍ତ୍ରୀ ପରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିଲେ ।


୭ ଅକ୍ଟୋବର ୨୦୦୧ରୁ ୨୨ ମେ ୨୦୧୪ ପର୍ଯ୍ୟନ୍ତ ସେ ଦୀର୍ଘ ପ୍ରାୟ ତେର ବର୍ଷ କାଳ ମୁଖ୍ୟମନ୍ତ୍ରୀ ରହି ଗୁଜୁରାତକୁ ଆଦର୍ଶସ୍ଥାନୀୟ ଓ ଆତ୍ମନିର୍ଭରଶୀଳ ରାଜ୍ୟରେ ପରିଣତ କରି କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ବେଶ୍ ଲୋକପ୍ରିୟତା ଅର୍ଜନ କରି ପାରିଥିଲେ । ଭାରତରେ ସେତେବେଳକୁ କଂଗ୍ରେସ ଶାସନ କାଳରେ ଏକପ୍ରକାର ଅରାଜକତା ସୃଷ୍ଟି ହୋଇ ନେତୃତ୍ୱର ସଙ୍କଟ ଦେଖା ଯାଇଥିଲା । ମନମୋହନ ସିଂ ପ୍ରଧାନମନ୍ତ୍ରୀ ଥିଲେ ମଧ୍ୟ ତାଙ୍କର ଲୋକପ୍ରିୟତା ଯଥେଷ୍ଟ ହ୍ରାସ ପାଇଥିଲା । ସେହି ସମୟରେ ବିଜେପିର ଲାଲକୃଷ୍ଣ ଆଡଭାନୀ ଓ କଂଗ୍ରେସ ଦଳର ରାହୁଲ ଗାନ୍ଧି ପ୍ରଧାନମନ୍ତ୍ରୀ ହେବା ବିଷୟରେ ଚର୍ଚ୍ଚା ଚାଲିଥାଏ । ମାତ୍ର ସାଧାରଣ ନିର୍ବାଚନ ପରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇ ମୋଦିଜୀ ଦେଶର ପ୍ରଧାନମନ୍ତ୍ରୀ ଭାବେ ୨୦୧୪ ମେ ୨୬ ତାରିଖରେ ଶପଥ ଗ୍ରହଣ କରିଥିଲେ । ସଂସଦର ସେଣ୍ଟ୍ରାଲ ହଲ୍‌ରେ ଯେଉଁଠି ଭାରତର ସଂବିଧାନ ପ୍ରସ୍ତୁତ ହୋଇଥିଲା, ସେହି ଐତିହାସିକ ସେଣ୍ଟ୍ରାଲ ହଲରେ ଶ୍ରୀ ଆଡଭାନୀଜୀ ଲୋକସଭାର ନେତା ତଥା ପ୍ରଧାନମନ୍ତ୍ରୀ ହେବା ଲାଗି ମୋଦିଜୀଙ୍କ ନାମକୁ ପ୍ରସ୍ତାବ ଦେବା ପରେ ତାହା ବିଜେପି ସଂସଦୀୟ ଦଳର ସମର୍ଥନ ଲାଭ କରିଥିଲା ଓ ମୋଦିଜୀ ଭାରତର ପ୍ରଧାନମନ୍ତ୍ରୀ ହୋଇଥିଲେ । ସ୍ୱାଧୀନ ଭାରତର ନାଗରିକ ଭାବେ ସେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଯିଏ କି ଏଗାର ବର୍ଷ କାଳ ପ୍ରଧାନମନ୍ତ୍ରୀ ଭାବେ କୃତିତ୍ୱ ଅର୍ଜନ କରି ଏବେ ବି ସ୍ୱାଧୀନତାର ଶତବାର୍ଷିକ ଉପଲକ୍ଷେ 'ବିକଶିତ ଭାରତ' ପାଇଁ ନିରନ୍ତର କାର୍ଯ୍ୟ କରି ଚାଲିଛନ୍ତି । ତାଙ୍କୁ ଆମେ ସ୍ୱାଗତ ଜଣାଉଛୁଁ ।

**ସଙ୍କଳ୍ପ**
**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**
**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଚିଲିକା ହ୍ରଦର ବିକାଶ କରାଯାଉ



ବିଦ୍ୟାଧର ମହାରଣା

କବିବର ରାଧାନାଥ ରାୟ ଚିଲିକାର ଅପରୂପ ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବାକୁ ଯାଇ ଲେଖିଥିଲେ: 'ଉତ୍କଳ- କମଳା ବିଳାସ-ଦୀର୍ଘିକା, ମରାଳ ମାଳିନୀ ନିଳାମ୍ବୁ ଚିଲିକା/ ଉତ୍କଳର ତୁହି ଚାରୁ ଅଳଙ୍କାର, ଉତ୍କଳ ଭୁବନେ ଶୋଭାର ଭଣ୍ଡାର ।' ମରାଳ ମାଳିନୀ ନୀଳାମ୍ବୁ ଚିଲିକା ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଏକ ବୃହତମ ଅର୍ଦ୍ଧଲୁଣି ହ୍ରଦ । ଏଥିରେ ରହିଛି କାଳିଜାଇ ମନ୍ଦିର ଓ ଚଢେଇହଗା ପାହାଡ । ଚିଲିକା ତା'ର ଜୈବବିବିଧତା ହେତୁ ବିଶେଷ ପ୍ରାଧାନ୍ୟ ଲାଭ କରିଛି ।

'ଚିଲିକା ଲାଗୁନ' ଭାରତର ସର୍ବବୃହତ୍ ଓ ପୃଥିବୀର ଦ୍ୱିତୀୟ ସର୍ବବୃହତ୍ ଲୁଣିଆ ହ୍ରଦ, ଯାହାର ଜଳ ପରିବ୍ୟାପ୍ତ ଅଞ୍ଚଳ ବର୍ଷାଦିନେ ୧୧୬୫ ବର୍ଗ କିଲୋମିଟର ଓ ଗ୍ରୀଷ୍ମ ଋତୁରେ ୯୦୬ ବର୍ଗ କିଲୋମିଟର । ଚିଲିକା ହ୍ରଦ ବିଦେଶାଗତ ଓ ସ୍ଥାନୀୟ ପକ୍ଷୀମାନଙ୍କର, ଶୀତଋତୁରେ ଏକ ସମାରୋହସ୍ଥଳୀ । ଏକ ପରିସଂଖ୍ୟାନରୁ ଜଣାଯାଏ ଯେ ଚିଲିକା ହ୍ରଦରେ ୧୪୪ଟି ଏରାୱାଡି ଡଲଫିନ୍ ଅଛନ୍ତି । ଚିଲିକାରେ ନୌବିହାର ବହୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରେ । ବିଭିନ୍ନ ଜାତିର ମାଛ, କଙ୍କଡା ଓ ଚିଙ୍ଗୁଡି ବ୍ୟବସାୟ ଚିଲିକା କୂଳରେ ଥିବା ଧୀବର ସମ୍ପ୍ରଦାୟର ଜୀବିକାର୍ଜନ ପାଇଁ ଏକ ମୁଖ୍ୟ ମାଧ୍ୟମ । ନିକଟରେ ଖବର ପ୍ରକାଶ ପାଇଛି ଚିଲିକା ହ୍ରଦରେ ମାଛ ଧରି ଜୀବିକାର୍ଜନ ଆଉ ସମ୍ଭବ ନହେବାରୁ ଶତାଧିକ ପରିବାର ଦାଦନ ଖଟିବାକୁ ବାହାର ରାଜ୍ୟକୁ ଗଲେ । ଏପରି ପରିସ୍ଥିତି ପାଇଁ ଦାୟୀ କାରଣଗୁଡ଼ିକ କଣ ହୋଇପାରେ ତାହା ଏଠାରେ ଆଲୋଚନା କରିବା ।

ସୌନ୍ଦର୍ଯ୍ୟ ଓ ପକ୍ଷୀଗଣଙ୍କ ଆକର୍ଷଣ ଯୋଗୁଁ ବହୁ ପର୍ଯ୍ୟଟକ ଚିଲିକାରେ ନୌବିହାର ପାଇଁ ପାନ୍ଥନିବାସରେ ବହୁଦିନ ଧରି ଡେରା ପକାନ୍ତି । ଚିଲିକା ନିକଟରେ ଏକ ନୌତାଲିମ କେନ୍ଦ୍ର ଭାରତ ସରକାର ସ୍ଥାପନ କରିଛନ୍ତି ଓ ରାଜ୍ୟ ସରକାର ଚିଲିକା ଅଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ ଗଠନ କରିଛନ୍ତି । ସବୁଠାରୁ ବଡକଥା ହେଲା ଚିଲିକା ଆଖପାଖରେ ହଜାର ହଜାର ଧୀବର ସମ୍ପ୍ରଦାୟର ଲୋକେ ଜୀବିକାର୍ଜନର ଏକ ଉତ୍ସ ହିସାବରେ ପରିଗଣିତ । ତେବେ ଆଜି କାହିଁକି ମରାଳ ମାଳିନୀ ଏତେ କ୍ଳାନ୍ତ ଓ ଅସୁରକ୍ଷିତ?



ଚିଲିକା ହ୍ରଦ ଦ୍ୱାରା ଚାରିପାଖରେ ଥିବା ୨୭୩ ଗ୍ରାମ ଓ ୧୩୨ ଧୀବର ଗ୍ରାମ ଉପକୃତ ହୁଅନ୍ତି ଯାହାର ଲୋକସଂଖ୍ୟା ୧.୫ ଲକ୍ଷ । ଚିଲିକାରେ ୪୦୦ ପ୍ରଜାତିର ମେରୁଦଣ୍ଡୀ ପ୍ରାଣୀ ଅଛନ୍ତି ଓ ଏଥିରୁ ୨୨୫ ପ୍ରଜାତିର ମାଛ ଅଛନ୍ତି । ଚିଲିକାରେ ୨୦୦୦-୦୧ ମସିହାରେ ବର୍ଷକୁ ୩୮୧୭.୮୧ ନିୟୁତ ଟନ୍ ମାଛ, ୧୦୭୧.୩୮ ଟନ୍ ଚିଙ୍ଗୁଡି ଓ ୨୧.୫୦ ଟନ୍ କଙ୍କଡା ଅମଳ କରା ଯାଇଥିବା ବେଳେ ୨୦୨୦-୨୧ ରେ ଏହା ୯୪୦୬ ନିୟୁତ ଟନ୍ ମାଛ ,୩୩୦୦ ଟନ୍ ଚିଙ୍ଗୁଡି ଓ ୨୫.୮୦ ଟନ୍ କଙ୍କଡା ବୃଦ୍ଧି ପାଇଛି । ଚିଲିକା ମାଛ ଓ ଚିଙ୍ଗୁଡି କୋଲକାତା ଓ ସ୍ଥାନୀୟ ବଜାରରେ ବିକ୍ରି ହେବା ସ୍ଥଳେ ଆମେରିକା, ଚୀନ, ଜାପାନ ଓ ଇଉରୋପିଆନ ଦେଶମାନଙ୍କୁ ରପ୍ତାନୀ କରାଯାଏ । ସବୁଠାରୁ ବେଶି ରପ୍ତାନୀ ହୁଏ ଫ୍ରୋଜନ୍ ଚିଙ୍ଗୁଡି ।୨୦୧୯-୨୦ରେ ଚିଲିକାରୁ ରପ୍ତାନୀ କରାଯାଇଥିବା ଚିଙ୍ଗୁଡିର ମୂଲ୍ୟ ଥିଲା ୪୬ ୫୮୯.୩୭ ନିୟୁତ ଟଙ୍କା ବା ୬୭୨୮.୫୦ ଡଲାର । କିଲୋଗ୍ରାମ ପ୍ରତି ମୂଲ୍ୟ ଥିଲା ୪.୮୩ ଡଲାର । କିନ୍ତୁ କ୍ରମଶଃ ଚିଲିକାରେ ମାଛ ସଂଖ୍ୟା ହ୍ରାସ ପାଉଛି । ଏବେତ ଅଧିକ ରପ୍ତାନୀ ଶୁଳ୍କ

**ଚିଲିକାରେ ମତ୍ସ୍ୟ ସମ୍ପଦ ହ୍ରାସର ଏକାଧିକ କାରଣ ରହିଛି । ପ୍ରଥମରେ ଅଧିକ ଲାଭ ଆଶାରେ ମତ୍ସ୍ୟଜୀବୀମାନେ ଅତ୍ୟଧିକ ମାଛ ଧରିବା ଫଳରେ ପରିସଂସ୍ଥାରେ ଅସନ୍ତୁଳନ ଦେଖାଯାଏ । ଦ୍ୱିତୀୟରେ ଚିଲିକା ଜଳ ଶିଳ୍ପସଂସ୍ଥା ଓ କୃଷି କ୍ଷେତ୍ରରୁ ଅଧିକ ମାତ୍ରାରେ ବର୍ଜ୍ୟବସ୍ତୁ ନିର୍ଗତ ହେବା ଯୋଗୁଁ ପ୍ରଦୂଷିତ ହୋଇ ମାଛ ବଢିବାରେ ପ୍ରତିବନ୍ଧକ ସୃଷ୍ଟି କରେ । ବିଶେଷ କ୍ଷତି କରୁଛି ଭାରି ଧାତୁ, ପ୍ଲାଷ୍ଟିକ ଓ କୀଟନାଶକ । ମାଛମାନଙ୍କ ସ୍ୱାସ୍ଥ୍ୟ ଓ ପ୍ରଜନନ କ୍ଷମତା ଏହାଦ୍ୱାରା ପ୍ରଭାବିତ ହୁଏ । ତୃତୀୟରେ ଚିଲିକା ଗର୍ଭକୁ ଅବସାଦନ (sediment) ପଦାର୍ଥ ଓ ପଟୁ ମାଟି ପ୍ରବେଶ କରିବା ଫଳରେ ହ୍ରଦର ଗଭୀରତା ହ୍ରାସପାଏ ।**

ଯୋଗୁଁ ଚିଲିକା ଚିଙ୍ଗୁଡି ଆମେରିକା ଯାଇ ପାରୁନି ଫଳରେ ବହୁ ବ୍ୟବସାୟୀ ହାତ ବାନ୍ଧି ବସିଛନ୍ତି ।

ଚିଲିକାର ଜଳରାଶି ମଧୁର ଜଳ ଓ ବଙ୍ଗୋପସାଗର ଲୁଣି ଜଳର ଏକ ମିଶ୍ରଣ । ଏହି ହ୍ରଦରେ ବିଭିନ୍ନ କିସମର ଫ୍ଲୋରା ଓ ଫଉନା (ଉଦ୍ଭିଦ ଓ ପ୍ରାଣୀ ପ୍ରଜାତି) ସହିତ ୧୬୦ ପ୍ରଜାତିର ପକ୍ଷୀ, ମାଛ ଓ ଡଲଫିନ ଦେଖିବାକୁ ମିଳେ । ଏହାକୁ ୧୯୮୧ ମସିହାରେ ରାମସର ହିସାବରେ ଆନ୍ତର୍ଜାତୀୟ ସ୍ୱୀକୃତି ମିଳିଛି । ପ୍ରାକୃତିକ

ଚିଲିକାରେ ମତ୍ସ୍ୟ ସମ୍ପଦ ହ୍ରାସର ଏକାଧିକ କାରଣ ରହିଛି । ପ୍ରଥମରେ ଅଧିକ ଲାଭ ଆଶାରେ ମତ୍ସ୍ୟଜୀବୀମାନେ ଅତ୍ୟଧିକ ମାଛ ଧରିବା ଫଳରେ ପରିସଂସ୍ଥାରେ ଅସନ୍ତୁଳନ ଦେଖାଯାଏ । ଦ୍ୱିତୀୟରେ ଚିଲିକା ଜଳ ଶିଳ୍ପସଂସ୍ଥା ଓ କୃଷି କ୍ଷେତ୍ରରୁ ଅଧିକ ମାତ୍ରାରେ ବର୍ଜ୍ୟବସ୍ତୁ ନିର୍ଗତ ହେବା ଯୋଗୁଁ ପ୍ରଦୂଷିତ ହୋଇ ମାଛ ବଢିବାରେ ପ୍ରତିବନ୍ଧକ ସୃଷ୍ଟି କରେ । ବିଶେଷ କ୍ଷତି କରୁଛି ଭାରି ଧାତୁ, ପ୍ଲାଷ୍ଟିକ ଓ କୀଟନାଶକ । ମାଛମାନଙ୍କ ସ୍ୱାସ୍ଥ୍ୟ ଓ ପ୍ରଜନନ କ୍ଷମତା ଏହାଦ୍ୱାରା ପ୍ରଭାବିତ ହୁଏ । ତୃତୀୟରେ ଚିଲିକା ଗର୍ଭକୁ ଅବସାଦନ (sediment) ପଦାର୍ଥ ଓ ପଟୁ ମାଟି ପ୍ରବେଶ କରିବା ଫଳରେ ହ୍ରଦର ଗଭୀରତା ହ୍ରାସପାଏ । ଏଥିଯୋଗୁଁ ମତ୍ସ୍ୟମାନଙ୍କ ଆଶ୍ରୟସ୍ଥଳୀ କମିଯାଏ । ସମୁଦ୍ରରୁ ଓ ନଦୀମାନଙ୍କରୁ କେତେକ ଆକ୍ରମକ ପ୍ରଜାତିର ମାଛ ଚିଲିକା ମଧ୍ୟକୁ ପ୍ରବେଶ କରିବା ଫଳରେ ସ୍ଥାନୀୟ ପ୍ରଜାତିର ମାଛ କ୍ଷତିଗ୍ରସ୍ତ ହୁଅନ୍ତି । ନଦୀମାନଙ୍କ ମଧୁର ଜଳ ଓ ସମୁଦ୍ରର ଲୁଣିପାଣି ଚିଲିକା ହ୍ରଦରେ ପ୍ରବେଶ କରିବା ଯୋଗୁଁ ମାଛମାନେ ପ୍ରବାସିତ ହୁଅନ୍ତି ଏବଂ ପ୍ରଜନନ ସ୍ଥଳ ପରିବର୍ତ୍ତନ କରନ୍ତି । ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ସମୁଦ୍ର ଜଳ ଉତ୍ତାପ ବୃଦ୍ଧି ଓ ଜଳପତ୍ତନ ବୃଦ୍ଧି ଯୋଗୁଁ ମଧ୍ୟ ଚିଲିକାର ମତ୍ସ୍ୟ ସମ୍ପଦ ପ୍ରଭାବିତ ହେବାରେ ଲାଗିଛି । ଚିଲିକା ଚତୁଃପାର୍ଶ୍ୱରେ ପ୍ରକଳ୍ପ ନିର୍ମାଣ ଓ ଡିନାମାଇଟ ଇତ୍ୟାଦି ପ୍ରୟୋଗ କରି ଅନୁଚିତ ଭାବରେ ମତ୍ସ୍ୟ ଅମଳ ଚିଲିକା ପରିସଂସ୍ଥା ପାଇଁ ବିପଦ ସୃଷ୍ଟି କଲାଣି ।

ଆଗରୁ ଚିଙ୍ଗୁଡି ଚାଷ ପାଇଁ ଘେରି ନିର୍ମାଣ କରାଯାଉଥିଲା । ଏହି ଘେରିଗୁଡିକ ପ୍ରାକୃତିକ ଜଳ ପ୍ରବାହରେ ବାଧାସୃଷ୍ଟି କରେ । ଏହା ଫଳରେ ପଙ୍କମାଟି ଅଧିକ ହୁଏ ଓ ଲୁଣି ଅଂଶ ବୃଦ୍ଧି ପାଇବା ସହିତ ଗଭୀରତା ହ୍ରାସ ପାଏ । ଏହି କାରଣରୁ ପାରମ୍ପରିକ ମତ୍ସ୍ୟଜୀବୀ ନିଜର ଜୀବିକା ହରାଉଛନ୍ତି । ଜଳପତ୍ତନ ଓ ଜଳର ଗୁଣାତ୍ମକ ମାନ ହ୍ରାସଯୋଗୁଁ ମାଛ, କଙ୍କଡା ଓ ଚିଙ୍ଗୁଡିଗୁଡିକ ଆଶାନୁରୂପ ଖାଦ୍ୟ ପାଇଲେନି ଓ ସେମାନଙ୍କର ପ୍ରଜନନ ବାଧାପ୍ରାପ୍ତ ହେଲା । ଘେରି ଚାଷ ଓ ଏହାର କେତେକ କାର୍ଯ୍ୟବିଧି ବିଭିନ୍ନ ପ୍ରଜାତିର ବଂଶ ହ୍ରାସର କାରଣ ସାଜିଲା । ବାଗଦା ଚିଙ୍ଗୁଡି ଛୁଆଗୁଡିକୁ ଧରିବା ବେଳେ ଅନ୍ୟ ପ୍ରଜାତିର ଛୁଆଗୁଡିକ ମଧ୍ୟ ଧରାଯାଏ । ଆଗରୁ ମତ୍ସଜୀବୀମାନେ ଡଙ୍ଗା ଓ ଜାଲ ବ୍ୟବହାର କରି ମାଛ ଧରୁଥିଲେ । କିନ୍ତୁ ମାଛ ଧରା ଅଞ୍ଚଳ କମିଯିବାରୁ ଓ ମାଛ ସଂଖ୍ୟା କମିବାରୁ ସେମାନଙ୍କ ଜୀବିକା ପ୍ରଭାବିତ ହେଲା । ବେଆଇନ୍ ଭାବରେ ଚିଙ୍ଗୁଡି ବ୍ୟବସାୟ ଓ ମାଫିଆମାନଙ୍କ ଦୌରାତ୍ମ୍ୟ ଆଇନ୍ ଶୃଙ୍ଖଳା ପରିସ୍ଥିତି ଅବନତି ପାଇଁ ଦାୟୀ । ସ୍ଥାନୀୟ ମତ୍ସ୍ୟଜୀବୀ ଓ ଏହି ବ୍ୟବସାୟୀଙ୍କ ମଧ୍ୟରେ ସର୍ବଦା କଳହ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି କଲା । ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ପ୍ରାୟ ୧୫୧ ବର୍ଗ କିଲୋମିଟର ଅନୁଚିତ ଭାବରେ ଚିଙ୍ଗୁଡି ମାଫିଆ କବଳରୁ ମୁକ୍ତ କଲେଣି । ଚିଙ୍ଗୁଡି ଚାଷରେ ବିଭିନ୍ନ ରାସାୟନିକ ଦ୍ରବ୍ୟ ଓ ସାର ବ୍ୟବହାର ଯୋଗୁଁ ଚିଲିକା ଜଳ କ୍ରମଶଃ ପ୍ରଦୂଷିତ ହେବା ସହିତ ସୁପୋଷଣ ଯୋଗୁଁ ଅଧିକ ଦଳ ବୃଦ୍ଧି କରି ଜଳଜ ପ୍ରାଣୀଙ୍କ ପାଇଁ ଅସୁବିଧା ସୃଷ୍ଟି କଲା । ବହୁ ପ୍ରଭାବଶାଳୀ ଚିଙ୍ଗୁଡି ବ୍ୟବସାୟୀମାନଙ୍କୁ ନିୟନ୍ତ୍ରଣ କରିବାରେ ବିଫଳତା ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ପାଇଁ ଅସୁବିଧାଜନକ ପରିସ୍ଥିତି ସୃଷ୍ଟିକରିଥାଏ ।

ଏପରି ସମସ୍ୟା ସମାଧାନ ପାଇଁ ଦୃଢ ରାଜନୈତିକ ଇଚ୍ଛାଶକ୍ତି ଆବଶ୍ୟକ । ବର୍ତ୍ତମାନ ଆମେରିକାର ରାଷ୍ଟ୍ରପତିଙ୍କ ୫୦ ପ୍ରତିଶତ ଟାରିଫ ଯୋଗୁଁ ଚିଙ୍ଗୁଡି ରପ୍ତାନୀ ହ୍ରାସ ପାଇଛି । ଚିଲିକାର ଖଙ୍ଗା, ଡାଙ୍ଗଳା, ବାଗଦା ଚିଙ୍ଗୁଡି, ଖୁରାଣ୍ଟ ଇତ୍ୟାଦି ମାଛର ଆନ୍ତର୍ଜାତୀୟ ବଜାର ସୁଯୋଗ ଅଛି । ଏପରିକି ଏହି ମାଛ ଶୁଖୁଆର ଚାହିଦା ମଧ୍ୟ ରହିଛି । ତେବେ ଅସ୍ୱାସ୍ଥ୍ୟକର ପରିବେଶରେ ଏଗୁଡିକ ପ୍ରସ୍ତୁତ ହେଉଥିବାରୁ ଏହାର ମୂଲ୍ୟ ହ୍ରାସ ପାଉଛି । ସୋଲାର ଡ୍ରାଏର ବ୍ୟବହାର କରି ଉନ୍ନତ ମାନର ଶୁଖୁଆ ପ୍ରସ୍ତୁତ କଲେ ଏହାର ମୂଲ୍ୟ ବୃଦ୍ଧି କରାଯାଇପାରିବ । ସମୟ ଆସିଛି ଚିଲିକାର ସୁରକ୍ଷା ଓ ଏହା ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀମାନଙ୍କ ମଙ୍ଗଳ ପାଇଁ କେତେକ ଦୀର୍ଘ ମିଆଦି ଯୋଜନା କାର୍ଯ୍ୟକାରୀ କରିବାକୁ ହେବ । ଏଥିପାଇଁ ଏକ ସମନ୍ୱିତ ଯୋଜନାର ଆବଶ୍ୟକତା ଅଛି । ପ୍ରଥମରେ ପ୍ରଦୂଷଣ ନିୟନ୍ତ୍ରଣ । ବିଭିନ୍ନ ବର୍ଜ୍ୟବସ୍ତୁ ଓ ପ୍ଲାଷ୍ଟିକ ଯେପରି ଚିଲିକା ମଧ୍ୟକୁ ପ୍ରବେଶ ନକରେ ସେଥିପାଇଁ ଠୋସ କଦମ୍ ଉଠାଇବାକୁ ପଡିବ । ମାଛଧରା କୌଶଳ ପରିବର୍ତ୍ତନ କରି ନିୟନ୍ତ୍ରିତ ଅମଳ କରିବା ଉପରେ କର୍ତ୍ତୃପକ୍ଷ ତୀକ୍ଷ୍ଣ ଦୃଷ୍ଟି ଦେବାର ଆବଶ୍ୟକତା ଅଛି । ନାଇଲନ ଜାଲ ଓ ମୋଟର ଡଙ୍ଗା ଉପରେ କଟକଣା ରହିବା କଥା । ଚିଲିକାର ଜୈବ ବିବିଧତା ଯେପରି କ୍ଷତିଗ୍ରସ୍ତ ନହୁଏ ସେଥିପ୍ରତି ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବା ନିହାତି ଜରୁରୀ । ଏଥିପାଇଁ ପରିବେଶ ବିଶେଷଜ୍ଞ ସହ ପରାମର୍ଶ କରି ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ । ଚିଲିକା ହ୍ରଦର ଚାରିପାଖରେ ଭିତ୍ତିଭୂମି ବିକାଶ ମଧ୍ୟ ତ୍ୱରାନ୍ୱିତ କରିବା ଆବଶ୍ୟକ । ଯେହେତୁ ୨୦ ପ୍ରତିଶତ ମାଛ ଧରାଳି ଅଧିକ ଧନୀ , ଧୀବର ସମ୍ପ୍ରଦାୟ ମଧ୍ୟରେ ଅର୍ଥନୈତିକ ସମତା ପାଇଁ ବିକାଶ ମୂଳକ ଯୋଜନା ହାତକୁ ନିଆଗଲେ ଅଭାବୀ ପ୍ରବାସନ ଆଶଙ୍କାର ଅବସାନ ଘଟିବ ।

**କଳିଙ୍ଗନଗର ୭/୪୫୨,**
**ଭୁବନେଶ୍ୱର, ୭୫୧୦୨୯**
**ମୋ-୯୪୩୭୦୭୧୧୯୦**
email-bidyadhar.mgmail.com

# ମାନବବାଦର ବାର୍ତ୍ତାବହ ଗୋପବନ୍ଧୁ



ହିମାଂଶୁ ଶେଖର ଆଚାର୍ଯ୍ୟ

ଦେଶର ଜାତୀୟ ଜୀବନରେ ଯେତେବେଳେ ଦୁର୍ଭାଗ୍ୟର କାଳରାତ୍ରୀ ନଇଁ ଆସେ, ସେତେବେଳେ ଦେଶକୁ ଉଦ୍ଧାର କରିବାପାଇଁ ଜାତିର ଆତ୍ମା ନିଭୃତରେ ତପସ୍ୟା କରିଥାଏ । ସେହି ତପସ୍ୟାର ଫଳସ୍ୱରୂପ ଆର୍ବିଭୂତ ହୁଅନ୍ତି କେତେକ ଉତ୍ସର୍ଗୀକୃତ ଜୀବନ, ଯେଉଁମାନେ କି କାଳରାତ୍ରୀର ଅବସାନ ପାଇଁ ସଳିତା ଭଳି ତିଳ ତିଳ ଜଳି ନିଜ ଆଦର୍ଶର ଆଲୋକରେ ଅନ୍ୟମାନଙ୍କୁ ପଥପ୍ରଦର୍ଶନ କରନ୍ତି । ସେହିପରି ଜଣେ ବିରଳ ବ୍ୟକ୍ତିତ୍ୱ ହେଉଛନ୍ତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ । ଏକାଧାରରେ ସେ ଥିଲେ ମହାନ୍ ଦେଶଭକ୍ତ, ମାନବବାଦୀ କବି, ଆର୍ତ୍ତଜନତାର ବନ୍ଧୁ ଓ ସର୍ବୋପରି ନୀତିନିଷ୍ଠ ଜନନାୟକ । ଯଥାର୍ଥରେ ସେ ଥିଲେ ସେବା ଓ ତ୍ୟାଗର ଦୀପ୍ତିମନ୍ତ ପୁରୁଷ । ଆଜି ବି ସେବା ତ୍ୟାଗ ଓ ମଣିଷପଣିଆ କଥା ପଡିଲେ ପ୍ରଥମେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କଥାହିଁ ମାନସ ପଟରେ ଉଙ୍କିମାରେ ।

ଏହି ମହାମନା ସାଧକ ୧୮୭୭ ମସିହା ଅକ୍ଟୋବର ୯ ତାରିଖରେ ପୁରୀ ଜିଲ୍ଲା ଅନ୍ତର୍ଗତ ସୁଆଣ୍ଡୋ ଗ୍ରାମରେ ଜନ୍ମ ହୋଇ ପିତା ଦୈତାରୀ ଦାଶ ଓ ମାତା ସ୍ୱର୍ଣ୍ଣମୟୀ ଦେବୀଙ୍କ କୋଳମଣ୍ଡନ କରିଥିଲେ । ବାଲ୍ୟକାଳରୁ ମାତୃ ଛେଉଣ୍ଡ ଗୋପବନ୍ଧୁ ପିଉସୀ କମଳା ଦେବୀଙ୍କ ସ୍ନେହର ପଣତ ତଳେ ବଢିଥିଲେ । ଶୈଶବରେ ମାତୃ-ପିତୃ ବିୟୋଗଜନିତ ଦୁଃଖ,ଯୌବନରେ ପତ୍ନୀଙ୍କ ବିଚ୍ଛେଦ ଓ ପରିବାରର ଆର୍ଥିକ ଦୁରବସ୍ଥା ତାଙ୍କୁ ତାଙ୍କ ଲକ୍ଷ୍ୟ ପଥରୁ ବିଚ୍ୟୁତ କରିପାରି ନଥିଲା । ମାନବସେବା ମାଧବସେବା ବ୍ରତକୁ ଏକାନ୍ତ ନିଷ୍ଠାର ସହିତ ସେ ନିଜ ଜୀବନରେ ଗ୍ରହଣ କରିଥିଲେ ପରମ ଆଦର୍ଶ ରୂପେ । କୈଶୋରରୁ ତାଙ୍କର ସମାଜସେବା ମନୋବୃତ୍ତିର ସୁରାକ ମିଳିଥିଲା। ନିଜ ଗାଁର ଅବସ୍ଥାରୁ ହିଁ ସେ ସାରାରାଜ୍ୟର ସମକାଳୀନ ଚିତ୍ରକୁ ପଢ଼ି ପାରିଥିଲେ । ବନ୍ୟା, ବାତ୍ୟା ଓ ଦୁର୍ଭିକ୍ଷରେ ପ୍ରପୀଡ଼ିତ ଜନତାଙ୍କ କରୁଣ ଓ ଅସହାୟ ଅବସ୍ଥା ଦେଖି ସେ ବିଚଳିତ ହୋଇ ଯାଉଥିଲେ । ସେମାନଙ୍କ ଦୁର୍ଦ୍ଦଶାର ଅନ୍ତ ଘଟାଇବା ପାଇଁ ଓ ଜନମାନସରେ ଦେଶପ୍ରେମ ଭାବନା ଜାଗ୍ରତ କରିବା ପାଇଁ ସେ ଅନେକ ଅନୁଷ୍ଠାନ ଗଠନ କରିଥିଲେ । ପୁରୀ ସେବା ସମିତିଠାରୁ ଆରମ୍ଭ କରି କଲିକତାର ନିର୍ଯାତିତ ଓଡ଼ିଆମାନଙ୍କ ପାଇଁ କଲିକତା ଓଡ଼ିଆ ଶ୍ରମିକ ସଂଘ, ଯୁବ ଉତ୍କଳ ସଂଘ ଓ ଓଡ଼ିଆ ଶିକ୍ଷା ସଂଗଠନ ମାଧ୍ୟମରେ ସେ ସେବାର ଯେଉଁ ପରମ୍ପରା ଆରମ୍ଭ କରିଥିଲେ ତାହା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା ।



ପୂର୍ଣ୍ଣାଙ୍ଗ ଜୀବନ ଗଠନ ଶିକ୍ଷାର ମୂଳମନ୍ତ୍ର ବୋଲି ମର୍ମେ ମର୍ମେ ଅନୁଭବ କରିଥିଲେ ଗୋପବନ୍ଧୁ । ଓଡିଶା ମାଟିରେଗୁଡିଏ ମଣିଷ ତିଆରି ହୋଇଯାଆନ୍ତୁ ଏହାହିଁ ଥିଲା ତାଙ୍କ ଜୀବନର ଅନ୍ୟ ଏକ ଲକ୍ଷ୍ୟ । ଏହାକୁ ସାକାର କରିବା ପାଇଁ ସେ ୧୯୦୯ ମସିହା ଅଗଷ୍ଟ ୧୨ ତାରିଖରେ ସତ୍ୟବାଦୀର ବକୁଳ ଛୁରୀଅନା କୁଞ୍ଜତଳେ ଆରମ୍ଭ କଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଗୁରୁକୁଳ ଆଶ୍ରମର ସକଳ ସ୍ମାରକୀ ବହନ କରୁଥିବା ବନ ବିଦ୍ୟାଳୟର କାର୍ଯ୍ୟ ପ୍ରତିଭାତ ହୋଇଥିଲା ତାଙ୍କ ସ୍ୱକୀୟ ଆଦର୍ଶରେ । ଏହାର ଆଭିମୁଖ୍ୟ ଥିଲା ଜାତୀୟଚେତନା, ଦେଶାତ୍ମବୋଧ ଓ ନୈତିକ ମୂଲ୍ୟବୋଧର ପ୍ରତିଷ୍ଠା।

ଏହି ବିଦ୍ୟାଳୟ ସୁପରିଚାଳନାରେ ତାଙ୍କ ସହିତ ସହେଯାଗ କରିଥିଲେ ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର, ପଣ୍ଡିତ ଗୋଦାବରୀଶ, ପଣ୍ଡିତ କୃପାସିନ୍ଧୁ ଓ ଲିଙ୍ଗରାଜଙ୍କ ଭଳି ବିଦ୍ୱାନ ବ୍ୟକ୍ତିଗଣ । ରବୀନ୍ଦ୍ରନାଥ ଠାକୁରଙ୍କ ଦ୍ୱାରା ପ୍ରତିଷ୍ଠିତ ଶାନ୍ତି ନିକେତନ ଏବଂ ଆର୍ଯ୍ୟ ସମାଜ ଦ୍ୱାରା ପ୍ରତିଷ୍ଠିତ ବୈଦିକ ଶିକ୍ଷାନୁଷ୍ଠାନ ଢାଞ୍ଚାରେ ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟବାଦୀ ବନ ବିଦ୍ୟାଳୟ ସେତେବେଳେ ଶିକ୍ଷା କ୍ଷେତ୍ରରେ ଏକ ବିପ୍ଳବ ସୃଷ୍ଟି କରିବାରେ ସମର୍ଥ ହୋଇଥିଲା । ଏହା ପଛରେ ଥିଲା ଗୋପବନ୍ଧୁଙ୍କ ନିରବଚ୍ଛିନ୍ନ ଉଦ୍ୟମ ଓ ସାଧନାର ଫଳଶ୍ରୁତି ।

ଖଣ୍ଡ ବିଖଣ୍ଡିତ ଓଡ଼ିଶାର ଏକତ୍ରୀକରଣ ପାଇଁ ତାଙ୍କର ଅବଦାନ ରହିଥିଲା । ୧୯୧୭ ମସିହାରେ ବିହାର-ଓଡ଼ିଶା ବିଧାନସଭାରେ ସଭ୍ୟଭାବେ ନିର୍ବାଚିତ ହେବାପରେ ସେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଦୃଢ଼ ଦାବି ଉପସ୍ଥାପିତ କରିଥିଲେ । ମହାତ୍ମା ଗାନ୍ଧିଙ୍କୁ ଓଡ଼ିଶା ଆଣି ଉତ୍କଳମଣି ରାଜ୍ୟରେ ରାଜନୈତିକ ଚେତନା ସୃଷ୍ଟି କରିବା ସହ ସ୍ୱାଧୀନତା ପାଇଁ ରାଜ୍ୟବାସୀଙ୍କ ମନରେ ମୁକ୍ତିର ମଶାଲ ଜଳାଇବାର ଶୁଭାରମ୍ଭ କରିଥିଲେ ।

ଜାତୀୟବାଦ ପ୍ରଚାର କରିବା ଉଦ୍ଦେଶ୍ୟର ୧୯୧୫ ମସିହାରେ ଉତ୍କଳମଣି 'ସତ୍ୟବାଦୀ' ମାସିକ ପତ୍ରିକା ପ୍ରକାଶନ କରିଥିଲେ ଯେଉଁଥିରେ ଓଡ଼ିଆମାନଙ୍କର ସମସ୍ୟାଗୁଡ଼କ ଅଗ୍ରାଧିକାର ଦିଆଯାଉଥିଲା । ସେହିପରି ମୂକ ଓଡ଼ିଆକୁ କଥା କହିବାର ଶୈଳୀ ଶିଖାଇବା ଉଦ୍ଦେଶ୍ୟରେ ତାଙ୍କ ଚିନ୍ତା ଓ ଚେତନାରୁ ସୃଷ୍ଟି ହୋଇଥିଲା ୧୯୧୯ ମସିହାରେ ସାପ୍ତାହିକ ସମ୍ବାଦ ପତ୍ର 'ସମାଜ' । ଏହି ଅନୁଷ୍ଠାନର ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ ସେ ସତ୍ୟବାଦୀ ପ୍ରେସ୍ ଓ ସମାଜର ସମସ୍ତ ସଂପତ୍ତି ଲୋକସେବକ ମଣ୍ଡଳକୁ ଦାନ କରି ଦେଇଥିଲେ ।

ରାଜନୈତିକ, ସାମାଜିକ ଓ ଜନସେବା ପରି ବିଭିନ୍ନ କ୍ଷେତ୍ରରେ ଥାଇ ମଧ୍ୟ ସେ ସାହିତ୍ୟ ସେବା ପ୍ରତି ବିମୁଖ ନଥିଲେ । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଗୋପବନ୍ଧୁ ଥିଲେ ନୂତନ ଯୁଗର ସ୍ରଷ୍ଟା । ଗୋପବନ୍ଧୁ ଦାସ ଓ ତାଙ୍କର ସହଯୋଗୀ ସ୍ରଷ୍ଟାମାନେ ସେମାନଙ୍କ ଲେଖାରେ ଜାତୀୟତାବାଦକୁ ଗୁରୁତ୍ୱ ଦେଉଥିଲେ । ଉତ୍କଳର ଜାତୀୟତା ଓ ସଂସ୍କୃତି ତାଙ୍କ ଶିରାପ୍ରଶିରାରେ ପ୍ରବାହିତ ହେଉଥିଲା । ତାଙ୍କ ରଚିତ ଧର୍ମପଦ, ବନ୍ଦୀର ଆତ୍ମକଥା, କାରା କବିତା, ଅବକାଶ ଚିନ୍ତା, ନଚିକେତା ଉପାଖ୍ୟାନ, ଗୋ-ମାହାତ୍ମ୍ୟ, କାବ୍ୟ କବିତାରେ ଜାତୀୟତାବୋଧ, ବିଶ୍ୱପ୍ରେମ ଭାବ ଅତି ସୁନ୍ଦର ଭାବେ ପ୍ରକଟିତ ହୋଇଥିବାର ଦେଖାଯାଏ। କବି ହିସାବରେ ସେ ଥିଲେ ପ୍ରଥମେ ବିଶ୍ୱପ୍ରେମୀ, ପରେ ଭାରତୀୟ ଓ ସବାଶେଷରେ ଓଡ଼ିଆ ।

ପୁରୀ ଜିଲ୍ଲା ସୁଆଣ୍ଡୋ ଗ୍ରାମରୁ ସତ୍ୟବାଦୀ ବନବିଦ୍ୟାଳୟ- ଏହାହିଁ ପାଞ୍ଚ ଦଶନ୍ଧିରୁ ଉର୍ଦ୍ଧ୍ୱକାଳର ଜୀବନଯାତ୍ରା । ସେ ଯାତ୍ରାର ଆରମ୍ଭ ହୋଇଥିଲା ୯ ଅକ୍ଟୋବର ୧୮୭୭ରୁ ଆଉ ଯାତ୍ରାର ସମାପ୍ତି ଘଟିଥିଲା ୧୭ ଜୁନ୍ ୧୯୨୮ ପବିତ୍ର ନେତ୍ରୋତ୍ସବ ତିଥିରେ । ସେବା, ତ୍ୟାଗ ଓ ତିତିକ୍ଷାରେ ବିତିଗଲା ଜୀବନ । ମଣିଷ ପଣିଆର ନିଚ୍ଛକ ଉଦାହରଣ ଭିତରେ ହଜିଗଲା ଜୀବନଟି । ଜୀବନ ସିନା ହଜିଗଲା, ହେଲେ ସେ ଜୀଇଁ ରହିଛନ୍ତି ଆମ ଭିତରେ ତାଙ୍କ ସୁକର୍ମ ପାଇଁ ଆଉ ଜୀଇଁ ରହିଥିବେ ସବୁଦିନ ପାଇଁ ।

ବନ୍ୟା-ବାତ୍ୟା ଓ ମରୁଡି ପ୍ରପୀଡିତ ମଣିଷ ଏବଂ ଦୁଃଖୀ-ରଙ୍କିଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ ଏବେବି ଅଧୁରା । ଏବେବି ସମୟ ଅଛି । ଏହି ମହାନ୍ ଜନନାୟକ ତଥା ତ୍ୟାଗ ଓ ସେବାର ମୂର୍ତ୍ତିମନ୍ତ ପ୍ରତୀକ ଉତ୍କଳମଣି ଗୋପବନ୍ଧୁଙ୍କ ଜୀବନାଦର୍ଶକୁ ଉତ୍ତର ପିଢିଙ୍କ ପାଖରେ ପହଞ୍ଚାଇବା ଦାୟିତ୍ୱ ଆମ ସମସ୍ତଙ୍କର ।

**ସଭାପତି, ସାରସ୍ୱତ ପରିଷଦ,**
**ଗଡସିଂହପୁର,**
**ମୋ-୯୩୩୭୨୨୧୯୨୪**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଶୃଙ୍ଖଳାକାରୀଙ୍କ...

ହେବେ ଓ ଦୃଷ୍ଟାନ୍ତମୂଳକ ଦଣ୍ଡ ପାଇବେ, ସେଥିପ୍ରତି ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ବୈଠକରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଉପଦେଷ୍ଟା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ରାଜ୍ୟବ୍ୟାପୀ...

ତେଣୁ ଯେ ପର୍ଯ୍ୟନ୍ତ ଦୁଇ ଅଭିଯୁକ୍ତ ଗିରଫ ନ ହୋଇଛନ୍ତି ସେ ପର୍ଯ୍ୟନ୍ତ ଏହି କଲମ ଛାଡ୍ ଆନ୍ଦୋଳନ ଚାଲୁ ରଖିବାକୁ ସେମାନେ ପରିଷଦ ଅଧ୍ୟକ୍ଷଙ୍କୁ ଅନୁରୋଧ କରିଛନ୍ତି ।

ପୀତବାସ ପଣ୍ଡାଙ୍କ ହତ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ କରି ଚିଠି ଲେଖୁଥିବା ଏହି ଯୁବ ଆଇନଜୀବୀମାନେ ହେଲେ ସନ୍ଦୀପ ରାଜ୍ ପଣ୍ଡା, ସତ୍ୟ ମହାପାତ୍ର, ବାସୁ ଦେବ ସେଠୀ, ଦେବଜ୍ୟୋତି ପଣ୍ଡା, ପ୍ରିୟଦର୍ଶନ ମହାନ୍ତି, ସୁସମ୍ପଦ ହୋତା, ସତ୍ୟଜିତ୍ ସାହୁ, ପୁଷ୍ପକ ସାହୁ, ବିଶ୍ୱଜିତ୍ ସିଂ ପ୍ରମୁଖ ।

ସେହିପରି ଗଞ୍ଜାମ ଓକିଲ ସଙ୍ଘ ପକ୍ଷରୁ ଦୃଢ଼ ଭାବରେ ନିନ୍ଦା କରିବା ସହିତ ବିରୋଧ କରାଯାଇଛି । ଏହାକୁ ନେଇ ବୁଧବାର ରାଜ୍ୟବ୍ୟାପୀ ଓକିଲଙ୍କ ପକ୍ଷରୁ କଲମ ଛାଡ ଆନ୍ଦୋଳନର ଡାକରା ଦିଆଯାଇଥିବା ବେଳେ ଏକ କ୍ୟାଣ୍ଡଲ ଶୋଭାଯାତ୍ରା ସମ୍ପାଦକ ଭେଙ୍କଟ ରାଓ, ସହ ସମ୍ପାଦକ ଅଶିତ ସାବତ ପ୍ରମୁଖ ନେତୃତ୍ୱରେ ଅନୁଷ୍ଠିତ ହେବା ସହିତ ଆତ୍ମାର ସଦଗତି କାମନା କରାଯାଇଥିଲା ।

ଗଞ୍ଜାମ ଓକିଲ ସଙ୍ଘ ପକ୍ଷରୁ ସ୍ଥାନୀୟ ଜିଲ୍ଲା ଜର୍ଜ କୋର୍ଟ ପରିସରରେ ଏକ ବୈଠକ ସଂଘ ସଭାପତି ମନୋଜ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବରିଷ୍ଠ ଆଇନଜୀବୀ କିଶୋର ବିଶୋଇ ପ୍ରମୁଖ ମଞ୍ଚାସୀନ ରହି ଏହି ଘଟଣାରେ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରିବା ସହିତ ଏହି ଘଟଣାରେ କିଙ୍ଗପିନ କିଏ ତାକୁ ଗିରଫ କରିବା ସହିତ ଆଇନଜୀବୀ ମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ନିମନ୍ତେ ଦାବି କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ପ୍ରଦୀପ ବେହେରାଲାଲ ବାହାଦୁର ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ନିରଞ୍ଜନ ପାଣିଗ୍ରାହୀ, ପୂର୍ବତନ ସଭାପତି କପିଳ ପଟ୍ଟନାୟକ, ଅଶୋକ କୁମାର ଶୁକ୍ଳ, ରଘୁନନ୍ଦନ ପାଣିଗ୍ରାହୀ, ଲୋକ ନାଥ ବ୍ରହ୍ମାଙ୍କ ସମେତ ବହୁ ଆଇନଜୀବୀ ମାନେ ଉପସ୍ଥିତ ରହିଥିଲେ । ଏହି ଅବସରରେ ଆଜି ଅପରାହ୍ନରେ ପ୍ରାୟ ଦୁଇ ଶହ ଉର୍ଦ୍ଧ୍ୱ ଆଇନଜୀବୀ ଗଞ୍ଜାମ ଜିଲ୍ଲା ଜର୍ଜ କୋର୍ଟ ଠାରୁ ଏକ ଶୋଭାଯାତ୍ରା ବାହାରି ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଘଟଣାରେ ତଦନ୍ତ ପାଇଁ ଏସପି ଡ ଶ୍ରବଣ ବିବେକ ଏମଙ୍କ ନେତୃତ୍ୱରେ ୮ଟି ଟିମ ଗଠନ କରାଯାଇଛି ।

### ରାଜଧାନୀରେ...

ଆସୁଥିବାରୁ ଏବେ ବର୍ଷାରୁ ମିଳିବନି ନିସ୍ତାର । ବର୍ତ୍ତମାନ ସାରା ରାଜ୍ୟରେ ଲାଗି ରହିଛି ବର୍ଷା ।

ସେପଟେ ଦକ୍ଷିଣ ବାଂଲାଦେଶ ଓ ପାଖାପାଖି ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ୯ ତାରିଖ ଯାଏଁ ଏହା ସକ୍ରିୟ ରହିବା ସହ ରାଜ୍ୟରେ ଜାରି ରହିବ ବଜ୍ରପାତ ଜନିତ ବର୍ଷା । ବିଶେଷକରି ଉପକୂଳ ଓ ଉତ୍ତର-ଆଭ୍ୟନ୍ତରୀଣ ଓଡ଼ିଶାରେ ତୀବ୍ରତା ଅଧିକ ରହିପାରେ । ତେବେ ଆଗାମୀ ୩ରୁ ୪ ଦିନ ପର୍ଯ୍ୟନ୍ତ ଜାରି ରହିବ ବର୍ଷା । କିଛି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ଜାରି ରହିବ । ଓଡ଼ିଶାରୁ ମୌସୁମୀ ବିଦାୟ ନେବାର ସମୟ ୧୫ ତାରିଖ ହୋଇଥିବା ବେଳେ ଆଗାମୀ ୫ ଦିନରେ ମୌସୁମୀ ବିଦାୟ ନେବା ପାଇଁ ପାଗ ଅନୁକୂଳ ନଥିବା ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ପାଣିପାଗ ବିଶେଷଜ୍ଞଙ୍କ ଆକଳନ ୧୭ ଅକ୍ଟୋବର (୩ ଦିନ ଆଗ କିମ୍ବା ପଛ) ପରେ ରାଜ୍ୟରୁ ଧୀରେ ଧୀରେ ବାୟୁ ଚଳାଚଳର ଦିଗ ବଦଳିବା ସହିତ ପଶ୍ଚିମ ଓଡ଼ିଶାର କିଛି ସ୍ଥାନରୁ ମୌସୁମୀ ବାୟୁ ବିଦାୟ ନେବା ପାଇଁ ପାଗ ଅନୁକୂଳ ହେବ ।

### ରସାୟନ...

ଫେମ୍ ୱାର୍କ ବୋଲି ଦର୍ଶାଯାଇଥିଲା । ଏହାଦ୍ୱାରା ମରୁଭୂମି ବାୟୁରୁ ପାଣି ବାହାର କରିବା, କାର୍ବନ ଡାଇଅକ୍ସାଇଡ ଧରିବା ଏବଂ ବିଷାକ୍ତ ଗ୍ୟାସ୍ ସଂରକ୍ଷଣ କରିବା ଅନ୍ତର୍ଭୁକ୍ତ । ଏହି ପ୍ରଯୁକ୍ତି ବିଦ୍ୟା ଜଳ ଅଭାବ, ଜଳବାୟୁ ପରିବର୍ତ୍ତନ ଏବଂ ଶିଳ୍ପ ପ୍ରଦୂଷଣର ମୁକାବିଲାରେ ବଡ ପରିବର୍ତ୍ତନକାରୀ ବୋଲି ପ୍ରମାଣିତ ହୋଇପାରେ ।

### ଚିରଞ୍ଜୀବ...

ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି । ଏହାଛଡା ଲମ୍ବୋଦର ନିଆଲ, ଅଳକା ମହାନ୍ତି, ଇରାନୀ ରାୟ, ସୁଧୀର ଦାସ, ମନୋଜ ମିଶ୍ରଙ୍କୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି । ରାଜେଶ ନିଗମ, ସନ୍ତୋଷ ପଟ୍ଟନାୟକ, ରାଜୁ ଘିଭେଲାଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି ।

### ପୋଲିସକୁ...

ଘରେ ଭଡାରେ ରହିଆସୁଛନ୍ତି । କିନ୍ତୁ କିଛି ଅନୈତିକ ଘଟଣା ଏବଂ ଅଧିକ ଲୋକଙ୍କ ରହିବା ସହ ଘରଭଡା ନଦେବା କାରଣରୁ ଘର ମାଲିକ ଅରବିନ୍ଦ ମଲ୍ଲିକ ଓ ତାଙ୍କ ସ୍ତ୍ରୀ ଭାଗ୍ୟବତୀ ଦେଈଙ୍କ ସହ ୫ଦିନ ପୂର୍ବେ ବିନୋଦ କୁମାର ପାତ୍ରଙ୍କୁ ଘର ଛାଡିବାକୁ କହିଥିଲେ ।

ଯାହାର ପ୍ରତିଶୋଧ ନେବା ପାଇଁ ଭଡା ରହୁଥିବା ଘରର ସଦସ୍ୟ ବିନୋଦ ବିହାରୀ ପାତ୍ର ତାଙ୍କ ପୁଅ ପ୍ରିୟରଞ୍ଜନ ପାତ୍ର, ସ୍ତ୍ରୀ ରଞ୍ଜୁଲତା ପାତ୍ର, ଝିଅ ପ୍ରଜ୍ଞାପାରମିତା ପାତ୍ର, ସୁମିତ କୁମାର ସାହୁ, ଭାରତ ଭୂଷଣ ସାହୁ ଓ ସେମାନଙ୍କ ଅନ୍ୟ ସହଯୋଗୀମାନଙ୍କ ସହିତ ଘର ମାଲିକ ଅରବିନ୍ଦ ମଲ୍ଲିକ ଏବଂ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ । ଏହି ସମୟରେ ଅରବିନ୍ଦ ମଲ୍ଲିକ ସାହାଯ୍ୟ ପାଇଁ ଚିତ୍କାର କରିବାରୁ ଅଭିଯୋଗକାରୀ ଏବଂ ତାଙ୍କ ବାପା ହରେକୃଷ୍ଣ ସାହୁ ଘଟଣାରେ ହସ୍ତକ୍ଷେପ କରିଥିଲେ । ଏହି ସମୟରେ ଗିରଫ ୩ ଅଭିଯୁକ୍ତ ଏବଂ ଅନ୍ୟ ସହଯୋଗୀମାନେ ପିସିଆର୍‌କୁ ଖବର ଦେଇଥିଲେ । ଅଭିଯୋଗକାରିଣୀ ବାପାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାର ଧମକ ଦେଇଥିଲେ । ହଠାତ୍ ଏକ ପଥର ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ । ସୌଭାଗ୍ୟବଶତଃ ତାଙ୍କ ବାପା ଅଳ୍ପକେ ରକ୍ଷା ପାଇଥିଲେ ।

କିଛି ସମୟ ବ୍ୟବଧାନରେ ପିସିଆର୍ ଗାଡି ଘଟଣାସ୍ଥଳରେ ପହଞ୍ଚି ଅରବିନ୍ଦ ମଲ୍ଲିକଙ୍କୁ ଗାଡି ଭିତରକୁ ନେବା ସମୟରେ ବିନୋଦ ବିହାରୀ ପାତ୍ରଙ୍କ ସଦସ୍ୟମାନେ ଅନ୍ୟ ଅଭିଯୁକ୍ତମାନଙ୍କ ସହ ମିଶି ପୁଣି ଥରେ ପିସିଆର୍‌ରୁ ଅରବିନ୍ଦ ମଲ୍ଲିକଙ୍କୁ ଟାଣିଆଣି ନିର୍ମମ ଭାବରେ ଆକ୍ରମଣ କରିବା ସହିତ ପୋଲିସ କର୍ମଚାରୀମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ । ଅଭିଯୋଗ ହେବା ପରେ ପୋଲିସ ପ୍ରିୟରଞ୍ଜନ, ସୁମିତ ଓ ଭାରତ ଭୂଷଣଙ୍କୁ ଗିରଫ କରିଛି । କେସ୍ ନଂ ୨୯୬ ଓ ୨୯୮ରେ ୪ଜଣ ଗିରଫ ହୋଇଥିବା ବେଳେ ୨୯୭ ନଂ ମାମଲାର ତଦନ୍ତ ଜାରି ରହିଛି । ପୋଲିସ କହିବାନୁଯାୟୀ କେବଳ ୨୯୭ ନୁହେଁ ତିନୋଟିଯାକ ମାମଲାର ତଦନ୍ତ ଜାରି ରହିଛି । ୨୯୮ ନମ୍ବର କେସ୍‌ରେ ଗିରଫ ହୋଇଥିବା ୩ ଅଭିଯୁକ୍ତଙ୍କ ବିରୋଧରେ ତମାଣ୍ଡୋ ଥାନାରେ ପୂର୍ବରୁ ଦୁଇଟି ଲେଖାଏଁ ମାମଲା ରହିଥିବା ସୂଚନା ମିଳିଛି ।

### କଫ୍...

ପ୍ରକ୍ରିୟାରେ ନିର୍ମିତ ଔଷଧକୁ ନିଷିଦ୍ଧ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ସର୍ବଭାରତୀୟ ମେଡିକାଲ ସଂଘର ମୁଖ୍ୟ ଡ. ରୋହନ କ୍ରିଷ୍ଣନ କହିଛନ୍ତି । ଯେଉଁ ବ୍ୟକ୍ତିବିଶେଷମାନେ ଏହି ଔଷଧକୁ ଅନୁମତି ଦେଇଥିଲେ ସେମାନଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ସ୍ୱାସ୍ଥ୍ୟ କ୍ଷେତ୍ରରେ ଔଷଧଗୁଡ଼ିକୁ ସାର୍ଟିଫିକେଟ ଦେବାର ଯେଉଁ ବ୍ୟବସ୍ଥା ଅଛି ତାହା ଏବେ ଚିନ୍ତା ବଢ଼ାଇଛି । କିଛିଦିନ ମଧ୍ୟରେ କଫସିରପ ପିଇ ମଧ୍ୟପ୍ରଦେଶର ଗ୍ରାମାଞ୍ଚଳରେ ୧୯ ଶିଶୁ ମୃତ୍ୟୁବରଣ କରିଥିବାବେଳେ କିଡ୍‌ନୀ ଫେଲ୍ ଯୋଗୁ ୫ ଜଣ ଗୁରୁତର ହୋଇଥିଲେ । କୋଲ୍‌ଡ୍ରିଫ୍ କଫ୍ ସିରପରେ ବିପଦଜନକ ଡାଇଇଥାଲାଇନ ଗ୍ଲାଇକୋଲ ରହିଛି । ଯାହା ଏକ ବିଷାକ୍ତ ପଦାର୍ଥ । ଏହାଦ୍ୱାରା ପରିଶ୍ରା କଳା ହେବାସହ ଲୋକଙ୍କୁ ଅଳସୁଆ କରିଦିଏ ଓ କିଡ୍‌ନୀ ଫେଲ୍ । କେନ୍ଦ୍ର ପକ୍ଷରୁ ମଧ୍ୟ ଏହି କଫ୍‌ସିରପର ବ୍ୟବହାର ନେଇ ମାର୍ଗଦର୍ଶିକା ଜାରି କରାଯାଇଛି । ଅଧିକାଂଶ ନମୁନାରେ ଏଭଳି ଅନେକ ବ୍ରାଣ୍ଡ ଦେଖିବାକୁ ମିଳୁଛି । ଡାଇ ଇଥାଲାଇନ୍ ଗ୍ଲାଇକୋଲ ମୁଖ୍ୟତଃ ଛପାଯାଉଥିବା କାଳୀ, ବ୍ରେକ୍ ଫ୍ଲୁଇଡ୍ ଓ ଲୁବ୍ରିକାଣ୍ଟରେ ବ୍ୟବହାର ହୋଇଥାଏ । ଏହାକୁ ସେବନ କଲେ କିଡ୍‌ନୀ, ଲିଭର ଓ ସ୍ନାୟୁ ବ୍ୟବସ୍ଥା ଧୀରେ ଧୀରେ କ୍ଷତି ହୋଇଥାଏ । ଖୁବ୍‌ଶୀଘ୍ର କିଡ୍‌ନୀ ଫେଲ ହୋଇଥାଏ ଓ ମୃତ୍ୟୁ ଘଟିଥାଏ ।

### ନୂଆପଡା...

ବିଜେପି ମଧ୍ୟ ଏହି ଆସନ ଜିତିବା ପାଇଁ ଯତ୍ ପର ନାସ୍ତି ଉଦ୍ୟମ କରିବ ବୋଲି ଜଣାପଡ଼ିଛି । ନିର୍ବାଚନ ଘୋଷଣା ହେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡା ଗସ୍ତ କରି ୧୧୦୦ କୋଟିର ପ୍ରକଳ୍ପ ଘୋଷଣା କରିବା ସହ କୋମନାକୁ ଏନ୍ଏସି ଓ ଖରିଆର ରୋଡ୍ ଏନ୍ଏସିକୁ ମୁନିସିପାଲଟି ଭାବେ ଘୋଷଣା କରିଥିଲେ । ୨୦୨୪ ନିର୍ବାଚନରେ ଅଭିନନ୍ଦନ ପଣ୍ଡା ବିଜେପି ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ । ସେ ତୃତୀୟ ସ୍ଥାନରେ ଥିଲେ । ଏଥର ଦଳ ତାଙ୍କୁ ପୁନର୍ବାର ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି । ଏହାଛଡା ବିଜେପିରୁ ପ୍ରାର୍ଥୀ ହେବାପାଇଁ ପ୍ରସନ୍ନ ପାଢ଼ୀ ଓ ଯଦୁମଣୀ ପଣ୍ଡାଙ୍କ ସମେତ ଅନେକ ଆଶାୟୀ ଅଛନ୍ତି । ତେବେ ଦଳ କାହାକୁ ପ୍ରାର୍ଥୀ କରିବ ତାହା ନିଷ୍ପତ୍ତି ହୋଇନାହିଁ । ନିକଟରେ ମୁଖ୍ୟମନ୍ତ୍ରୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ନୂଆଦିଲ୍ଲୀ ଯାଇ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ସହ ନୂଆପଡା ଉପନିର୍ବାଚନ ନେଇ ଆଲୋଚନା କରିଥିଲେ । ତେବେ ଖୁବ୍‌ଶୀଘ୍ର ଦଳ ପ୍ରାର୍ଥୀ ଘୋଷଣା କରିବ ବୋଲି ଦଳୀୟ ମହଲରେ ଆଲୋଚନା ହେଉଛି ।

### ୧୧୯...

କେଉଁ ସ୍ଥାନକୁ ନେଉଥିଲେ ସେ ବିଷୟରେ କର୍ମଚାରୀଙ୍କୁ ପଚରାଯିବା ସହ ସେମାନଙ୍କ ବୟାନ ରେକର୍ଡ କରାଯାଇଥିବା ସୂଚନା ମିଳିଛି। ପ୍ରକାଶଥାଉକି, ଚଳିତମାସ ୫ ଓ ୬ ତାରିଖରେ ଏସ୍ଆଇ ପରୀକ୍ଷା ଅନୁଷ୍ଠିତ ହେବାର ଥିଲା। ହେଲେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଓ ଉତ୍ତର ପାଇବା ଉଦ୍ଦେଶ୍ୟରେ ୧୧୪ ଜଣ ପରୀକ୍ଷାର୍ଥୀ ଓ ୩ ଜଣ ଦଲାଲ ୨୯ ତାରିଖରେ ୩ଟି ବସରେ ବସି ଆନ୍ଧ୍ରପ୍ରଦେଶର ବିଜୟନଗର ଅଭିମୁଖେ ଯାଉଥିବା ବେଳେ ପୁଲିସ ସେମାନଙ୍କୁ କାବୁ କରି ନେଇଥିଲା । ବସ କର୍ମଚାରୀ ସମେତ ୧୧୭ ଜଣ ପରୀକ୍ଷାର୍ଥୀ ଓ ଦଲାଲଙ୍କୁ କାବୁ କରି ବ୍ରହ୍ମପୁର ଅଣାଯାଇଥିଲା । ଏହାପରେ ପୁଲିସ ୧୧୭ ଜଣଙ୍କୁ ଗିରଫ କରି ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇଥିଲା । ଘଟଣାର ତଦନ୍ତଭାର କ୍ରାଇମବ୍ରାଞ୍ଚ ନେବା ପରେ କଟକ ଓ ବାଲେଶ୍ୱରର ଏକାଧିକ ଦଲାଲଙ୍କୁ ଗିରଫ କରି ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇଥିଲା । ପାଇଁ ଶୁଭଖୁଣ୍ଟିକୁ ପୂଜାର୍ଚ୍ଚନା କରି ସ୍ଥାପନ କରାଯାଇଥିଲା ।

## ଟିପି ଓଡ଼ିଶା ଡିସକମ୍‌ଗୁଡିକର ଏକ ନୂତନ ଅଧ୍ୟାୟ

**ସେଫଟି ଭର୍ଟିକାଲ୍ ଅଧୀନରେ ଟ୍ରେନିଂ ଅନ୍ ହ୍ୱିଲ୍ସ ପ୍ରକଳ୍ପର ଶୁଭାରମ୍ଭ**




ଭୁବନେଶ୍ୱର (ସବ୍ୟୁ) : ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଭୁବନେଶ୍ୱରର ବିଦ୍ୟୁତ ବନ ପ୍ରଯୁକ୍ତିବିଦ୍ୟା କେନ୍ଦ୍ରରେ ଓଡ଼ିଶା ୨.୦ ଅନ୍ତର୍ଗତ "ଟ୍ରେନିଂ ଅନ୍ ହ୍ୱିଲ୍ସ' ପ୍ରକଳ୍ପକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ବିଧାୟକ ସିଦ୍ଧାନ୍ତ ମହାପାତ୍ର,ଆକାଶ ଦାସ ନାୟକ ଅଭିନେତ୍ରୀ ସୁଶ୍ରୀ ଅନୁ ଚୌଧୁରୀ,ଟିପିଏନ୍‌ଓଡିଏଲ୍ ସିଇଓ ଗଜାନନ କଲେ ଏବଂସିଇଓ, ଟିପିସିଓଡିଏଲ୍ ଅରଭିନ୍ଦ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

ଓଡ଼ିଶା ୨.୦ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପକୁ ନେଇ ତିଆରି ହୋଇଛି, ଯେଉଁଥିରେ ରହିଛି ଟ୍ରେନିଂ ଅନ୍ ହ୍ୱିଲ୍ସ, ଅତ୍ୟାଧୁନିକ ଅଫିସ୍ ଭିତ୍ତିଭୂମି, କର୍ମଚାରୀ ସଂଯୋଗ, ବ୍ୟବସାୟ ସହଯୋଗୀଙ୍କ ଜୀବନକୁ ଛୁଇଁବା ଭଳି କିଛି ପଦକ୍ଷେପ, ହାତ ପାହାନ୍ତରେ ଚିକିତ୍ସା ସୁବିଧା ଏବଂ ତୃଣମୂଳ ସ୍ତରରେ କ୍ରୀଡା ପ୍ରତିଯୋଗୀତା । ଏହି ପ୍ରତ୍ୟେକ ପ୍ରକଳ୍ପକୁ ଏଭଳି ଭାବେ ଯତ୍ନର ସହ ଡିଜାଇନ୍ କରାଯାଇଛି ଯାହା ଓଡିଶା ରେ ସୁରକ୍ଷିତ, ସୁସ୍ଥ ଏବଂ ଅଧିକ ନିବିଡ ସମ୍ପ୍ରଦାୟ ଗଠନ ପାଇଁ ଡିସକମ୍ ଗୁଡିକର ପ୍ରତିବଦ୍ଧତାକୁ ଦର୍ଶାଉଛି ।

ଓଡ଼ିଶା ୨.୦ ଅନ୍ତର୍ଗତ ପ୍ରଥମ ପଦକ୍ଷେପ ଭାବରେ, ପ୍ରୋଜେକ୍ଟ ଟ୍ରେନିଂ ଅନ୍ ହ୍ୱିଲ୍ସ ୬ ଅକ୍ଟୋବର ୨୦୨୫ ରେ ଭୁବନେଶ୍ୱର ସ୍ଥିତ ପାୱାର ଡିଷ୍ଟ୍ରିବ୍ୟୁସନ୍ ଟେକ୍ନୋଲୋଜି ସେଣ୍ଟରରେ ଟିପିଏସ୍‌ଡିଆଇ ସହଯୋଗରେ ଓଡ଼ିଶା ଡିସକମ୍ ଗୁଡିକ ଦ୍ୱାରା ଆନୁଷ୍ଠାନିକ ଭାବରେ ଆରମ୍ଭ କରାଯାଇଛି । ଆଶା କରାଯାଉଛି ଯେ ଏହି ପ୍ରକଳ୍ପ ଅଧୀନରେ ତାଲିମ ଭିତ୍ତିଭୂମିକୁ ଓଡ଼ିଶାର ୧.୫୪ ଲକ୍ଷ ବର୍ଗ କିଲୋମିଟର ସେବା କ୍ଷେତ୍ରରେ ଥିବା ଫ୍ୟୁଜ୍ କଲ୍ ସେଣ୍ଟର ଏବଂ ପିଏସ୍ଏସ୍ ଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀଙ୍କ ପାଖକୁ ପହଞ୍ଚାଯିବ, ଯାହା ୭୪୩ ଟି ସେକ୍ସନ କୁ କଭର କରିବ, ଯାହା ଦ୍ୱାରା ରାଜ୍ୟର ଦୂରଦୁରାନ୍ତ ପର୍ଯ୍ୟନ୍ତ ମଧ୍ୟ ଗୁଣାତ୍ମକ ତାଲିମ ପହଞ୍ଚିପାରିବ । ଏହି ପ୍ରକଳ୍ପ ବୈଦ୍ୟୁତିକ ସୁରକ୍ଷା, ଆଚରଣଗତ ସୁରକ୍ଷା, ଅତ୍ୟାବଶ୍ୟକ ସୁରକ୍ଷା ଅଭ୍ୟାସ, ବୈଷୟିକ ତାଲିମ, ଉଚ୍ଚତାରେ କାମ କରିବା ସମୟରେ ସୁରକ୍ଷା ଏବଂ ପ୍ରାଥମିକ ଚିକିତ୍ସା ଏବଂ ଜରୁରୀକାଳୀନ ପରିଚାଳନା ଉପରେ ତାଲିମ ପ୍ରଦାନ କରିବ । ଏହି ପଦକ୍ଷେପ ମାଧ୍ୟମରେ, ଓଡ଼ିଶା ଡିସକମ୍ ଗୁଡିକ ସୁରକ୍ଷା ସଚେତନତା ଏବଂ ସୁରକ୍ଷା ନିୟମ ଅନୁପାଳନରେ ଉଲ୍ଲେଖନୀୟ ଉନ୍ନତି ଆଣିବା, ସୁରକ୍ଷା ଏବଂ ବୈଷୟିକ ମାନଦଣ୍ଡକୁ ଭଲ ଭାବରେ ଗ୍ରହଣ କରିବାକୁ ଉତ୍ସାହିତ କରିବା ଏବଂ ଦୂରବର୍ତ୍ତୀ ଭୌଗୋଳିକ ଅଞ୍ଚଳରେ ତାଲିମର ସୁଗମତା ବୃଦ୍ଧି କରିବାକୁ ଆଶା ରଖିଛନ୍ତି ।

## ଭଦ୍ରକ ମୁସଲିମ ଜମାତରେ ମିର୍ଜା ଫୈଜଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ,(ସବ୍ୟୁ): ଭଦ୍ରକ ମୁସଲିମ ଜମାତ ଆନୁକୂଲ୍ୟରୁ ପୁରୁଣାବଜାର ସ୍ଥିତ ମଦିନା ମଇଦାନଠାରେ ଏକ ସମ୍ବର୍ଦ୍ଧନା ସଭା ଜମାତର ଉପ-ସଭାପତି ମହମ୍ମଦ ଜକାଉଲ୍ଲାଙ୍କ ସଭାପତିତ୍ୱରେ ସାଧାରଣ ସମ୍ପାଦକ ହାଜି ଇନାମ ମହମ୍ମଦଙ୍କ ସହଯୋଗରେ ଏବଂ ବିଶିଷ୍ଟ କବି ତଥା ମାଷ୍ଟର ମୁସ୍ତାକ ଗୌହରଙ୍କ ସଂଚାଳନରୁ ଆରମ୍ଭ ହୋଇଥିଲା । ଏହି ସଭାରେ ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲିପ ରାଉତରାୟ, ଏସପି ମନୋଜ କୁମାର ରାଉତ ଯୋଗଦାନ ଦେଇ ମୁସଲିମ ଜାମତର ସଂପାଦକ ହାଜୀ ଅବଦୁଲ ମୁକିତ ଖାନ,ଜମିଲ ଅଖତର ଖାନ,ଇଂ.ରେଜାଏ ରସୁଲ,ଇଂ.ହବିବୁଲ୍ଲା ଖାନ,ଅସରଫ ଅଲ୍ଲି ଖାନ,ମିର୍ଜା ଏକ୍ରାମ ବେଗ,ଶେଖ ଅବୁକଲାମଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ମାନୀତ ଅତିଥି ଭାବେ ତ୍ୟାଗଭୂମି ମହୋତ୍ସବର ସଭାପତି ଅଜୟ ନାୟକ,ପ୍ରଧାପକ ନାସିର ବକ୍ସ,ସମାଜସେବୀ ସୁଧାକର ରାଉତ,ଅବସରପ୍ରାପ୍ତ ବିଚାରପତି ନୌସାଦ ଅଲି ଖାନ,ବାଳାଶ୍ରମ ସଂପାଦକ ଅଶୋକ ଦାସଙ୍କ ପ୍ରମୁଖ ଯୋଗଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।

**AFFIDAVIT**

I, Rajender Singh, S/o: Late Gurmukh Singh, resident of 5036, Jayadev Nagar, Old Town, Bhubaneswar, Bhubaneswar Urban, PIN-751002, Odisha declare by this affidavit No. 942, dtd. 08.10.2025 that now onwards I shall be known as **RAJINDER SINGH** for all future purposes.

**LOST DOCUMENTS**

I, Sasmita Patra alias Choudhury, aged 45 years, W/o- Ramakrishna Choudhary, Nimakhandipentha, Digapahandi, Ganjam, do hereby declare that, on 30.09.2025 at 9.00 PM, while returning to my house after worship of the Goddess Budhi Thakurani at Bazar Chowk, Digapahandi, I lost the original document somewhere else which I am unable to trace it out inspite all of my best efforts. Document Detail: Original ROR Khata No. 1119/2113, Plot No. 7600/11929, Mouza: Digapahandi.

**Sasmita Patra alias Choudhury**

**ଦ.ପୂ. ରେଳପଥ-ଟେଣ୍ଡର**

ଟେଣ୍ଡର ନୋଟିସ ନଂ. : ସିକେପି-ଇଷ୍ଟ-୨୫-୨୬-୩୫, ତାରିଖ ୦୬.୧୦.୨୦୨୫ । ନିମ୍ନୋକ୍ତ କାର୍ଯ୍ୟ ନିମନ୍ତେ ଓପନ ଟେଣ୍ଡର ବିପକ୍ଷରେ ଡିଭିଜନାଲ ରେଲୱେ ମ୍ୟାନେଜର/ ଇଞ୍ଜିନିୟର/ଚକ୍ରଧରପୁର, ଦ.ପୂ. ରେଳପଥ, ଚକ୍ରଧରପୁର ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ଦିଆଯାଇନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । କାର୍ଯ୍ୟର ନାମ : (୧) ନିମପୁରା-ଟାଟାନଗର-ଟିଆରଆର (ପି) - ୧.୫୩ କିଲୋମିଟର, ଟାଟାନଗର - ଗମାରିଆ-ଟିଆରଆର (ପି) ୨.୪୬୮ କିଲୋମିଟର, ଗମାରିଆ-ସିନି-ଟିଆରଆର (ପି)-୧୦.୭୩୯ କିଲୋମିଟର, ରାଜଖରସୱାନ-କାଣ୍ଡ୍ରା-ଟିଆରଆର (ପି) ୫.୬୨୫ କିଲୋମିଟର, କାଣ୍ଡ୍ରା-ସିନି-ଟିଆରଆର (ପି) ୦.୩୨୦ କିଲୋମିଟର । ମୋଟ- ୨୦.୬୩୨ କିଲୋମିଟର । (୨) ନିମପୁରା-ଟାଟାନଗର-ଟିଆରଆର (ଏସ)- ୪.୬୧୬ କିଲୋମିଟର ସେକ୍ସନ ମଧ୍ୟରେ ଥ୍ରୋ ଭେଲ୍ ଡିପ୍ରେସନ (ଏସ) - ୮.୫୫୨ କିଲୋମିଟର, ଅର୍ଜିନକୋରି ଜଙ୍କସନ-ଗୋଇଲକେରା-ଟିଆରଆର (ଏସ)- ୦.୮୧୯ କିଲୋମିଟର, ଟାଟାନଗର-ବାଦାମପାହାଡ଼-ଟିଆରଆର (ଏସ)- ୩.୧୧୭ କିଲୋମିଟର । (୩) ସମ୍ପୂର୍ଣ୍ଣ ଟ୍ରାକ୍ ନବୀକରଣ (ଏସ) - ନିମପୁରା-ଟାଟାନଗର ଜଙ୍କସନ୍ ଓ ଟାଟାନଗର- ବାଦାମପାହାଡ଼ ମଧ୍ୟରେ ୩.୮୬୧ କିଲୋମିଟର । (୪) ସିନିୟର ଡିଭିଜନାଲ ଇଞ୍ଜିନିୟର (ଇଷ୍ଟ) / ଚକ୍ରଧରପୁର (ୱାଇ କଲ୍)ଙ୍କ କ୍ଷମତା ଅଧୀନସ୍ଥ ଚକ୍ରଧରପୁର ଡିଭିଜନରେ ବ୍ରିଜ୍ ଆପ୍ରୋଚ ସ୍ଲିପରଗୁଡ଼ିକର ନବୀକରଣ । ଟେଣ୍ଡର ମୂଲ୍ୟ : ଟ. ୩,୩୩,୧୯,୮୬୯.୩୮ । ଇଏମଡି : ଟ. ୩,୧୬,୬୦୦/- । ଟେଣ୍ଡର ଫର୍ମ ମୂଲ୍ୟ : ୦.୦୦ । ଖୋଲା ତାରିଖ : ୨୯.୧୦.୨୦୨୫ । ୱେବସାଇଟ https://www.ireps.gov.in ରେ ଦେଖିବାକୁ ମିଳିପାରିବ । ଟେଣ୍ଡରଦାତା/ବିଡରଙ୍କର ଶ୍ରେଣୀ ୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ସୂଚନା : ସମସ୍ତ ଟେଣ୍ଡରଦାତାଙ୍କୁ ମାଗଣାରେ ଇ-ଟେଣ୍ଡର ଫର୍ମ ଉପଲବ୍ଧ କରାଯିବ । (ରେଲୱେ ବୋର୍ଡର ପତ୍ରାଙ୍କ ନଂ ୨୦୨୦/ସିଇ-ଆଇ/ସିଟି/୩ଇ/କିସିସି/ପଲିସି ତାରିଖ : ୧୬.୦୨.୨୦୨୦ । (PR-697)

**OFFICE OF THE DIVISIONAL FOREST OFFICER, KHARIAR DIVISION, KHARIAR**
Email : dfo.khariar@odisha.gov.in
MM-216
**Government of Odisha "e" Procurement Notice**
**Bid Identification No.DFO-KHR-04/2025-26**

1. Name of works : 1. Construction of Forester Quarter at Junapani (Tenko Chowk) in Khariar Range
   2. Construction of Forester Quarter at Komna in Komna Range
   3. Construction of Forest Guard Quarter at Duajhar in Khariar Range
2. Approximate estimated cost:-1. Construction of Forester Quarter at Junapani =21.71 lakh
   2. Construction of Forester Quarter at Komna =21.71 lakh
   3. Construction of Forest Guard Quarter at Duajhar =17.17 lakh
3. Period of Completion : 4 (Four) Calendar month.
4. Date & Time of availability of bid documents in the portal : Dt.09.10.2025 to 18.10.2025
5. Last date /Time of receipt of bid in the portal : Dt.09.10.2025 to 18.10.2025 up to 05.00 PM.
6. Date of Opening of bid : Dt.20.10.2025 at 11.00 AM.
7. Name & Address of the office inviting bid:-O/o the Divisional Forest Officer, Khariar Forest Division, Khariar. Further details can be from e-procurement portal http://www.tendersodisha.gov.in

Sd/- Divisional Forest Officer, Khariar Division, Khariar
OIPR : 08153/11/0014/2526

**AFFIDAVIT**

By virtue of an affidavit sworn before Executive Magistrate/ Notary, Titilagarh, Dt-03/09/2025, I, Tejabanti Gahir, W/o- Hemaraj Nag, At/PO- Haldi, Ps- Muribahal, Dist- Balangir, Pin-767037, declare that I have changed my name from Tejaswini Gahir(Old Name) to Tejabanti Gahir( New Name). Henceforth, I shall be known as Tejabanti Gahir for all purposes.

**Tejabanti Gahir**

**AFFIDAVIT**

I, Khusboo Agarwal, W/o- Arvind Kumar Agarwal Karagali, Rajgangpur, Sundergarh - 770017, Odisha declare by this affidavit No-79, dt. 05.06.2025 that now onwards I shall be known as **KHUSHBOO AGARWAL** for all future purposes.

O-849
E-mail: rwdmohana@gmail.com
**GOVERNMENT OF ODISHA, OFFICE OF THE EXECUTIVE ENGINEER, RURAL WORKS DIVISION MOHANA**
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 05/MOHANA/2025/26**

1. Name of the work : Building works
2. Total No. Work : 08 (Eight) Nos.
3. Estimated Cost : 4.20 Lakhs to 5.04 Lakhs
4. Class of Contractor : As per Annexure
5. Period of Completion : As per Annexure
6. Other Details :

| Procurement Officer | Bid Identification No. | No. of Works | Availability of Tender online for bidding | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Mohana | Online Tender/05 MOHANA/ 2025-26 | 08 (Eight) Nos. | 10.10.2025 from 11.00 AM | 20.10.2025 upto 5.00 PM | 17.10.2025 upto 5.00 PM | 22.10.2025 at 11.00 AM |

Further details can be seen from the Website www.tenderodisha.gov.in

Sd/- Executive Engineer R.W. Division, Mohana
OIPR : 25148/11/0047/2526

A-696
**GOVERNMENT OF ODISHA**
**DEPARTMENT OF WATER RESOURCES**
Office of the Addl. Chief Engineer. Mechanical Circle. Bhubaneswar
Email Address: semechcircle104@gmail.com
**e-Procurement Notice- Bid Identification No.- ACEM/MDB-38/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : ACEM/MDB-38/2025-26
5. Estimated Cost : Rs. 14,34,264/-
6. Period of Completion : 02 (Two) calendar months.
7. Date & time of availability of bid documents in the Portal : From dt.10.10.2025 (10.00 AM) to dt.22.10.2025 (5.30 PM)
8. Last date/ time for receipt of bid in the Portal : dt.22.10.2025 (up to 5.30 PM)
9. Date and Place of opening of Bid : dt.23.10.2025 (12.00 Noon onwards in the O/O the undersigned)
10. Name of the Officer inviting bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Addl. Chief Engineer, Mechanical Circle Bhubaneswar
OIPR : 32405/11/0093/2526

O-892
**GOVERNMENT OF ODISHA, OFFICE OF THE EXECUTIVE ENGINEER, RURAL WORKS DIVISION : RAYAGADA**
e-mail: rw_rayagada@yahoo.co.in
**GEPNIC e-Procurement Notice**
**Bid Identification No. EERWRGD - Online - 05/2025-2526**
Letter No- 3075 Date. 24.09.2025

1. Name of the work : Maintenance of Road works
2. Total No. Works : 42 Nos. (Percentage rate tender)
3. Estimated Cost : Varies from 5.98 lakhs to 49.85 lakhs
4. Class of Contractor : "D", "C" & "B" Class
5. Time of Completion : Specified in DTCN
6. Mode of submission of tender : Tender should be submitted only in online https://www.tendersodisha.gov.in.
7. Other details : Detailed tender condition specified in DTCN

| Procurement Officer | Bid Identification No. | No. of Works | Availability of Tender online for bidding | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Rayagada | EERWRGD Online - 05 / 2025-26 | 42 (Fourty Two) Nos. | 10.10.2025 from 11.00 AM | 23.10.2025 upto 5.00 PM | 22.10.2025 upto 5.00 PM | 24.10.2025 at 11.00 AM |

Further details can be seen from the Website www.tenderodisha.gov.in
OIPR : 25072/11/0029/2526
Sd/- Executive Engineer, Rural Works Division, Rayagada

A-700
**GOVERNMENT OF ODISHA**
**DEPARTMENTOF WATER RESOURCES**
Office of the Addl. Chief Engineer. Mechanical Circle. Bhubaneswar
Email Address: semechcircle104@gmail.com
**e-Procurement Notice- Bid Identification No.- ACEM/MDB-42/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : ACEM/MDB-42/2025-26
5. Estimated Cost : Rs. 14,47,170/-
6. Period of Completion : 02 (Two) calendar months.
7. Date & time of availability of bid documents in the Portal : From dt.10.10.2025 (10.00 AM) to dt.22.10.2025 (5.30 PM)
8. Last date/ time for receipt of bid in the Portal : dt.22.10.2025 (up to 5.30 PM)
9. Date and Place of opening of Bid : dt.23.10.2025 (12.00 Noon onwards in the O/O the undersigned)
10. Name of the Officer inviting bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Addl. Chief Engineer, Mechanical Circle Bhubaneswar
OIPR : 32405/11/0097/2526

**THE ANGUL UNITED CENTRAL CO-OP. BANK LTD., ANGUL**
Regd. No.9D Dt.08.10.1956, Email: auccbank.ho@auccbank.com
Reserve Bank License No.RPCD, Bhubaneswar/14/2011-12 Dt.02.05.2012
At/P.O/Dist. - Angul, In front of Collector's Office, Near NH-55,Telephone No. (06764) 233116, 230950



**OUR OFFICE**

Sri Pradeep Kumar Parida, Chief Executive Officer, A.U.C.C. Bank Ltd., Angul.
Sri Santosh Kumar Pradhan, President, A.U.C.C. Bank Ltd., Angul.

**FACILITIES PROVIDED**

- Provides Higher Rate of Interest in Deposits.
- Covered under Deposit Insurance Credit Gurantee Scheme.
- Issue of Bank Draft all over India.
- Safe Deposit Locker facilities available.
- Kissan Credit Card Loan @0% interest upto Rs.1,00,000/-
- Financing of ST SHG @0% interest upto Rs.10,00,000/-
- Advancing Farm Mechanization / Agril. Term Loan.
- Issue of Rupay Kissan Credit Card.
- Fully computerized - Core Banking Solution (CBS).
- Direct RTGS / NEFT / IMPS.
- ATM facilities available.
- PACS as One Stop Shop / Multi Service Center.
- Provides input facilities to the farmer members through PACS.
- Micro ATM facilities are available at PACS level for Deposit & Drawal.
- We are provided FASTag in our all Branches.

Website : www.auccbank.com

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ବେଦାନ୍ତ ଆଲୁମିନିୟମର ପ୍ରୋଜେକ୍ଟ ସଖୀ

# ୪,୬୦୦ରୁ ଅଧିକ ମହିଳାଙ୍କ ଜୀବନକୁ ପରିବର୍ତ୍ତନ କରୁଛି

ଭୁବନେଶ୍ୱର, (ସବ୍ୟୁ) : ମହିଳାଙ୍କୁ ସଶକ୍ତ କରିବା କେବଳ ବ୍ୟକ୍ତିତ୍ୱର ବିକାଶ ନୁହେଁ, ବରଂ ସମଗ୍ର ସମାଜକୁ ପରିବର୍ତ୍ତନ କରିବାକୁ ବୁଝାଏ । ଭାରତରେ, ଯେଉଁଠାରେ ଅର୍ଥନୀତିରେ ମହିଳାଙ୍କ ଅଂଶଗ୍ରହଣ, ଅଭିବୃଦ୍ଧିର ସବୁଠାରୁ ଶକ୍ତିଶାଳୀ ଲିଭର ମଧ୍ୟରୁ ଗୋଟିଏ, ସେଠାରେ ସାମାଜିକ-ଅର୍ଥନୈତିକ ପରମ୍ପରା ପ୍ରତିବନ୍ଧକ ସାଜି ଠିଆ ହୁଏ। ଓଡ଼ିଶାର କଳାହାଣ୍ଡିର ଦୁର୍ଗମ ଜିଲ୍ଲାରେ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ପ୍ରମୁଖ ମହିଳା ସଶକ୍ତିକରଣ ପଦକ୍ଷେପ, ପ୍ରୋଜେକ୍ଟ ସଖୀ ମାଧ୍ୟମରେ ଏହି ପ୍ରତିବନ୍ଧକଗୁଡ଼ିକୁ ଦୂର କରୁଛି। ୨୦୧୫ରେ ଏହାର ପ୍ରତିଷ୍ଠା ହେବା ପରଠାରୁ, ପ୍ରୋଜେକ୍ଟ ସଖୀ ଏକ ନୀରବ ବିପ୍ଳବ ସୃଷ୍ଟି କରିଛି। ୪୪୪ଟି ସ୍ୱୟଂ ସହାୟକ ଗୋଷ୍ଠୀର ୪,୬୦୦ରୁ ଅଧିକ ମହିଳା ୫ କୋଟିରୁ ଅଧିକ ଆର୍ଥିକ ସହାୟତା ସଂଗ୍ରହ କରିଛନ୍ତି, ଯାହା ସେମାନଙ୍କୁ



ତୃଣମୂଳ ସ୍ତରର ଉଦ୍ୟୋଗ ଆରମ୍ଭ ଏବଂ ବୃଦ୍ଧି କରିବାରେ ସକ୍ଷମ କରିଛି। ଯେଉଁ ମହିଳାମାନେ ଥରେ ଦାରିଦ୍ର୍ୟ ସହିତ ସଂଘର୍ଷ କରୁଥିଲେ - ଆର୍ଥିକ ବ୍ୟବସ୍ଥା ସହିତ କୌଣସି ସମ୍ପର୍କ ରଖିବା ତ ଦୂରର କଥା - ସେମାନେ ଏବେ ଜଣେ ଜଣେ ଉଦ୍ୟୋଗୀ, ନିଷ୍ପତ୍ତି ଗ୍ରହଣକାରୀ ଏବଂ ସମ୍ପ୍ରଦାୟର ନେତା। ପ୍ରୋଜେକ୍ଟ ସଖୀ ଏକ ଆନ୍ଦୋଳନ ପାଲଟିଛି ଯାହା ମହିଳାମାନଙ୍କୁ ସେମାନଙ୍କର ଭୂମିକା ପୁନଃକଳ୍ପନା କରିବାରେ ସାହାଯ୍ୟ କରେ, କେବଳ ପରିବାରର ଆୟରେ ଯୋଗଦାନକାରୀ ଭାବରେ ନୁହେଁ, ବରଂ ସେମାନଙ୍କ ନିଜ ଜୀବନର ସିଇଓ ଭାବରେ। ଜୀବିକାଠାରୁ ନେତୃତ୍ୱ ପର୍ଯ୍ୟନ୍ତ ପ୍ରୋଜେକ୍ଟର ମୂଳରେ ଏକ ମୌଳିକ ଧାରଣା ରହିଛି। ପ୍ରୋଜେକ୍ଟ ସଖୀ ଆର୍ଥିକ ସାକ୍ଷରତା, ଋଣର ସୁବିଧା, ବୃତ୍ତିଗତ ତାଲିମ ଏବଂ ସାମୂହିକ ନେତୃତ୍ୱକୁ ଏକତ୍ରିତ କରେ। ମହିଳାମାନଙ୍କୁ କୃଷି-ଭିତ୍ତିକ ଏବଂ ଅଣ-କୃଷି-ଭିତ୍ତିକ ଆୟ ସୁଯୋଗ ଅନୁସନ୍ଧାନ କରିବାକୁ ଉତ୍ସାହିତ କରାଯାଏ, ଛତୁ ଚାଷ ଏବଂ ଛେଳି ପାଳନଠାରୁ ଆରମ୍ଭ କରି କିରାଣା ଦୋକାନ, ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ଏବଂ ପ୍ରିଣ୍ଟିଂଗ ଦୋକାନ ଭଳି ଛୋଟ ଉଦ୍ୟୋଗ ପର୍ଯ୍ୟନ୍ତ। ଆର୍ଥିକ ସହାୟତା ସହିତ ଦକ୍ଷତା ବିକାଶକୁ ଯୋଡ଼ି, ଏହି ପ୍ରକଳ୍ପ ନିଶ୍ଚିତ କରେ ଯେ ମହିଳାମାନେ କେବଳ ବ୍ୟବସାୟ ଆରମ୍ଭ କରିବେ ନାହିଁ ବରଂ ସେମାନଙ୍କୁ ବଜାୟ ରଖିବେ। ଏହି ପ୍ରୟାସର ପ୍ରଭାବ ଗୁରୁତ୍ୱପୂର୍ଣ୍ଣ ହୋଇଛି। କେବଳ ଗତ ବର୍ଷ, ଏହି ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ବ୍ୟାଙ୍କ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ, ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, "ଏହି ପ୍ରୋଜେକ୍ଟର ସଫଳତା କେବଳ ସଂଖ୍ୟାରେ ନାହିଁନ୍ତ ଏହା ଏକ କେନ୍ଦ୍ରିତ, ତୃଣମୂଳ ସ୍ତରରେ ଦୃଷ୍ଟିକୋଣର ପରିବର୍ତ୍ତନଶୀଳ ଶକ୍ତିର ପ୍ରମାଣ। ଆମେ ଆତ୍ମନିର୍ଭରଶୀଳତାର ଏକ ନୂତନ ଯୁଗର ଆରମ୍ଭ ଦେଖୁଛୁ, ଯେଉଁଠାରେ ମହିଳାମାନେ ସେମାନଙ୍କ ଜୀବନର ପ୍ରାଥମିକ ସ୍ଥପତି।"

## ଟ୍ୟାକ୍ସି ଡ୍ରାଇଭର ବିଦ୍ୟାଧର ମୃତ୍ୟୁ ମାମଲା

# ସାମ୍ନାକୁ ଆସିଲା ଚାକିରି ନାଁରେ କୋଟି କୋଟି ଟଙ୍କା ଠକିଥିବା ଜ୍ୟୋତ୍ସ୍ନା

ଭୁବନେଶ୍ୱର, (ସବ୍ୟୁ) : ଟ୍ୟାକ୍ସ ଡ୍ରାଇଭର ବିଦ୍ୟାଧର ସାହୁ ମୃତ୍ୟୁ ମାମଲାରେ ପୋଲିସ ଖୋଳତାଡ କରୁଥିବା ବେଳେ ସାମ୍ନାକୁ ଆସିଛି ଠକେଇ ରାଣୀ ଜ୍ୟୋତ୍ସ୍ନା ପରିଡା । କମିଶନରେଟ୍ ପୋଲିସ ପାଇଁ ଜ୍ୟୋତ୍ସ୍ନା ଖୁଣ୍ଟିଆ ମୋଷ୍ଟ ଓ୍ୱାଣ୍ଟେଡ୍ ଥିବାବେଳେ ତା'ର ପତ୍ତା ମିଳୁନଥିଲା । ତା'ର ଛବି ସାମ୍ନାକୁ ଆସିବା ପରେ ଜ୍ୟୋତ୍ସ୍ନା ବିରୋଧରେ ଲୁକ୍ଆଉଟ୍ ସର୍କୁଲାର ଜାରି ହୋଇପାରେ ବୋଲି ସୂଚନା ମିଳିଛି ।

ଚାକିରି ଦେବା ନାଁରେ ୧୦ଜିଲ୍ଲାର ଆଶାୟୀଙ୍କ ଠାରୁ କୋଟି କୋଟି ଟଙ୍କା ଠକିଥିବା ଜ୍ୟୋତ୍ସ୍ନା ଖୁଣ୍ଟିଆ ପାଖରେ ବିଦ୍ୟାଧର ଡ୍ରାଇଭର ଭାବେ କାମ କରୁଥିଲେ । ବିଦ୍ୟାଧର ମାଧ୍ୟମରେ କେତେକ ପିଲା ଚାକିରି ପାଇଁ ଟଙ୍କା ଦେଇଥିଲେ । ଚାକିରି ନାରେ ଠକେଇ ର୍ୟାକେଟ୍ ନକଲି ନିଯୁକ୍ତିପତ୍ର ଓ ଅନ୍ୟାନ୍ୟ କାଗଜପତ୍ର ଆଶାୟୀଙ୍କୁ ଦେଇଥିଲେ । ତାହା ମିଛ ବୋଲି ଜଣାପଡ଼ିବା ପରେ ବିଦ୍ୟାଧର ମାଧ୍ୟମରେ ଟଙ୍କା ଦେଇଥିବା ୫ଜଣ ଯୁବକ ତାଙ୍କୁ ସେପେଟମ୍ବର ୧୫ରେ ଅପହରଣ କରିନେଇ ଭଦ୍ରକରେ ଅଟକ ରଖିବା ସମୟରେ ସେ ଆତ୍ମହତ୍ୟା କରିଥିଲା । ଭୟରେ ଅପହର୍ତ୍ତା ଗିରଫ ଯୁବକମାନେ ବିଦ୍ୟାଧର ଶବକୁ ଆଣି ଚନ୍ଦକା ଜଙ୍ଗଲ ପାଖରେ ପକାଇ ଦେଇଥିଲେ । ସେପେଟମ୍ବର ୨୦ରେ ପୋଲିସ ଶବ ଜବତ କରି ୫ଜଣଙ୍କୁ ଗିରଫ କରିଥିଲା । ସେମାନଙ୍କ ଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ଠକେଇର ମାଷ୍ଟରମାଇଣ୍ଡ ଜ୍ୟୋତ୍ସ୍ନାକୁ ପୋଲିସ ଖୋଜଖବର କରୁଥିଲା । ବଡଗଡ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ଜ୍ୟୋତ୍ସ୍ନାକୁ ଗିରଫ କରିବା ପାଇଁ ତଦନ୍ତ ଜାରି ରଖିଛି । ଜ୍ୟୋତ୍ସ୍ନାର ଆକାଉଣ୍ଟ ପ୍ରଭୃତି ଅଚଳ କରିଦିଆଯାଇଥିବା ବେଳେ ତା'ର ସନ୍ଧାନ ପାଉନଥିଲା ପୋଲିସ । ତା'ର ସନ୍ଧାନ ମିଳିବା ପରେ ତା'ବିରୋଧରେ ଲୁକ୍ଆଉଟ୍ ସର୍କୁଲାର ଜାରି ହେବ ବୋଲି କୁହାଯାଉଛି ।

କୋଟି କୋଟି ଟଙ୍କା ଠକିଥିବା ଜ୍ୟୋତ୍ସ୍ନା ଭୁବନେଶ୍ୱରର ଦୁଇଟି ସ୍ଥାନରେ ଘର କିଣିବା ସହ କାର୍ କିଣି ଡ୍ରାଇଭରଙ୍କୁ ନିଯୁକ୍ତି ଦେଇ ଅଏସରେ ଜୀବନ ବିତାଉଥିଲା । ବିଦ୍ୟାଧରର ମୃତ୍ୟୁ ହେବା ପରେ ଜ୍ୟୋତ୍ସ୍ନା ୧୦ ଜିଲ୍ଲାର ଚାକିରି ଆଶାୟୀଙ୍କ ଠାରୁ କୋଟି କୋଟି ଟଙ୍କା ଠକି ନେଇଥିବା ଜଣାପଡ଼ିବା ପରେ କମିଶନରେଟ୍ ପୋଲିସ ପାଇଁ ସେ ମୋଷ୍ଟଓ୍ୱାଣ୍ଟେଡ୍ ରହିଛି । ବିଦ୍ୟାଧର ସାହୁ ହତ୍ୟା ମାମଲାରେ ୫ଜଣ ଗିରଫ ହୋଇଥିବା ବେଳେ ଠକେଇ ମାମଲାରେ ଜ୍ୟୋତ୍ସ୍ନା କିମ୍ବା ଅନ୍ୟ କେହି ଗିରଫ ହୋଇନାହାନ୍ତି । ପୋଲିସ କହିବାନୁଯାୟୀ ତଦନ୍ତ ଜାରି ରହିଛି । ଲୁକ୍ଆଉଟ୍ ସର୍କୁଲାର ଜାରି କରାଯିବା ସହ ଖୁବ୍‌ଶୀଘ୍ର ତାକୁ ଗିରଫ କରାଯିବ । ହେଲେ ସେ ପୋଲିସକୁ ଚକ୍‌ମା ଦେଇ ପ୍ରାୟ ୨୦/୨୫ଦିନ ହେବ ଆତ୍ମଗୋପନ କରିବାରେ ସଫଳ ହୋଇଛି ।

# ବୀର ସୁରେନ୍ଦ୍ର ସାଏ କ୍ଲବ ପରିସରରେ ନବନିର୍ମିତ ଡ୍ରାମାପେଣ୍ଡାଲ ଉଦ୍‌ଘାଟିତ

ହୀରାକୁଦ, (ସବ୍ୟୁ) : ହିଣ୍ଡାଲକୋ ହୀରାକୁଦର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଦ୍ୱାରା



ହୀରାକୁଦ ସ୍ଥିତ ବୀର ସୁରେନ୍ଦ୍ର ସାଏ କ୍ଲବ ପରିସରରେ ନୂତନ ରୂପେ ନିର୍ମିତ ଡ୍ରାମାପେଣ୍ଡାଲକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରାଯାଇଅଛି । ଏହାକୁ ହିଣ୍ଡାଲକୋ ସ୍ମେଲଟର ପ୍ଲାଣ୍ଟ ମୁଖ୍ୟ ଶ୍ରୀଯୁକ୍ତ ପ୍ରତାପ ସାହୁ, ପାୱେର ପ୍ଲାଣ୍ଟର ମୁଖ୍ୟ ଶ୍ରୀଯୁକ୍ତ ଅରୁଣ କୁମାର ସିଂ ଏବଂ ମାନବ ସମ୍ବଳ ମୁଖ୍ୟ ଶିବ ମିଶ୍ର ପୂଜାରଚନ କରି ସର୍ବସାଧାରଣଙ୍କ ବ୍ୟବହାର ପାଁଇ ଉଦ୍‌ଘାଟନ କରିଥିଲେ । ଏହି ଅବସରେ ଶ୍ରୀ ସାହୁ ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇ କହିଲେ ହିଣ୍ଡାଲକୋ ହୀରାକୁଦର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟକରୁଛି ଓ ଆଗକୁ ମଧ ଏହା ଜାରି ରଖିବ । ଅରୁଣ କୁମାର ସିଂହ ତାଙ୍କ ବକ୍ତବ୍ୟରେ କହିଲେ ଯେ ହିଣ୍ଡାଲକୋ, ହୀରାକୁଦର କଳା ସଂସ୍କୃତି ରେ ଭାଗିଦାର ହେବାପାଇଁ କାମ କରୁଅଛି । ଏହା ଆଗକୁ ଜାରୀରହିବା ବୋଲି ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରିଥିଲେ । ହିଣ୍ଡାଲକୋ ଶିଳ୍ପ ସମ୍ପର୍କ ବିଭାଗୀୟ ମୁଖ୍ୟ ସତ୍ୟପ୍ରକାଶ ଦାସ କର୍ପୋରେଟେ ମୁଖ୍ୟ ବିଘ୍ନେଶ୍ୱର ପଣ୍ଡା ବୀର ସୁରେନ୍ଦ୍ର ସାଏ କ୍ଲବର ସଭାପତି ଅଶୋକ କୁମାର ପଣ୍ଡା, ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ଆନନ୍ଦ ଚକ୍ରବର୍ତୀ, ଜୀତେଶ ରଥ, ଶ୍ରୀମତୀ ଜୟଶ୍ରୀ ରାଓ, ସରୋଜ ଆଚାର୍ଯ୍ୟ ଇତ୍ୟାଦି କର୍ମଚାରୀ ଉକ୍ତ କାର୍ୟକ୍ରମରେ ଉପସ୍ଥିତ ଥିଲେ ।

# ଭୁବନେଶ୍ୱରରେ ଲିଭାଇସ୍ ଶୋରୁମ୍ ଉନ୍ମୋଚିତ



ଭୁବନେଶ୍ୱର, (ସବ୍ୟୁ) : ବିଶ୍ୱ ଡେନିମ୍ ଏବଂ କାଜୁଆଲ୍ ପୋଷାକ ଦୁନିଆର ଏକ ଅଗ୍ରଣୀ ବ୍ରାଣ୍ଡ, ଲିଭାଇସ୍, ଆଜି ଭୁବନେଶ୍ୱରର ଜନପଥରେ ଏହାର ଫ୍ଲାଗସିପ୍ ଷ୍ଟୋରର ପୁନଃଲଞ୍ଚ ବିଷୟ ଘୋଷଣା କରିଛି । ଏହି ପୁନଃନିର୍ମିତ ରିଟେଲ ଷ୍ଟୋର୍ ପୁରୁଷ ଏବଂ ମହିଳାଙ୍କ ନୂତନ ପୋଷାକର ସଂଗ୍ରହ ପ୍ରଦର୍ଶିତ କରି ଏକ ଉତ୍କୃଷ୍ଟ ସପିଂ ଅଭିଜ୍ଞତା ସହିତ ସହରର ଫ୍ୟାଶନ୍ ଦୃଶ୍ୟକୁ ଏକ ନୂତନ ଦିଗ ଦେଖାଇବାର ପ୍ରତିଶ୍ରୁତି ଦେଉଛି। ୪୦୦୦ ବର୍ଗଫୁଟ ପରିସର ବିସ୍ତାରିତ ଏହି ନୂତନ ଷ୍ଟୋରଟ ରେ ଲିଭାଇସର ପ୍ରତୀକାତ୍ମକ ଡେନିମ୍ ଉତ୍ପାଦ ଏବଂ ଟ୍ରେଣ୍ଡି କାଜୁଆଲ୍ ପୋଷାକର ଏକ ବ୍ୟାପକ କଲେକ୍ସନ ରହିଛି । ଆକର୍ଷଣୀୟ ଇଣ୍ଟରିଅର ଏବଂ ସତର୍କତାର ସହିତ ଡିଜାଇନ୍ କରାଯାଇଥିବା ଏହି ଶୋରୁମ ଏକ ଆରାମଦାୟକ ଏବଂ ଆକର୍ଷଣୀୟ ଶପିଂ ପରିବେଶ ସୃଷ୍ଟି କରୁଛି। ପୁନଃନିର୍ମିତ ଷ୍ଟୋରରେ ଲେଭିର ନୂତନତମ ଡେନିମ୍ ଏବଂ କାଜୁଆଲ୍ ପୋଷାକ ସଂଗ୍ରହ ରହିଛି, ଯାହା ବିଭିନ୍ନ ଫ୍ୟାଶନ୍ ପସନ୍ଦକୁ ପୂରଣ କରୁଥିବା ଅଭିନବ ଡିଜାଇନ୍ ଏବଂ ଶୈଳୀ ସହ ପ୍ରସ୍ତୁତ କରା ଯାଇଛି। ଗ୍ରାହକମାନେ ଆଧୁନିକ ସ୍ପର୍ଶ ସହିତ ପୁନଃକଳ୍ପିତ ବ୍ରାଣ୍ଡର ସିଗନେଚର ଉତ୍ପାଦଗୁଡ଼ିକୁ ପାଇପାରିବେ।

## ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଚେତାବନୀ

# ସରକାରୀ ଅନୁଦାନ ପ୍ରସଙ୍ଗରେ ଆଲୋଚନା କର ନଚେତ ଆନ୍ଦୋଳନ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ୨୦୦୮ରୁ ୨୦୧୮ ସରକାରୀ ଅନୁଦାନ ନିମନ୍ତେ ଦାବି କରିଆସୁଛି । ପୂର୍ବ ଲିଖିତ ପ୍ରତିଶୃତି ମୁତାବକ ଚଳିତ ମାସ ୧୦ ରୁ ୨୦ ତାରିଖ ମଧ୍ୟରେ ସଂଘ ସହ ଆଲୋଚନା ରଖିବା ପାଇଁ ସରକାର କହିଥିଲେ । ଯଦି ସରକାର ଏଥିପାଇଁ କାଳକ୍ଷେପଣ ନୀତି ଅବଲମ୍ବନ କରନ୍ତି ତେବେ ପୁନର୍ବାର ସଂଘ ଆନ୍ଦୋଳନକୁ ଓହ୍ଲାଇବ । ଏଥିପାଇଁ ଯେଉଁ ଅପ୍ରିତିକର ପରିସ୍ଥିତି ସୃଷ୍ଟିହେବ ସରକାର ସେଥିପାଇଁ ଦାୟି ରହିବେ ବୋଲି ସଂଘର ସଭାପତି ବିଶ୍ୱରଂଜନ ଦାସ ଚେତାବନୀ ଦେଇଛନ୍ତି ।

ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି ଶ୍ରୀ ଦାସ ସରକାରଙ୍କୁ ନିବେଦନ କରି କହିଛନ୍ତି, ବେସରକାରୀ ଅନୁଦାନପ୍ରାପ୍ତ ଓ ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ ପରିଚାଳନା କମିଟି ଦ୍ୱାରା ୨୦୦୮ ଜୁନ୧ରୁ ୨୦୧୮ ଜୁନ୧ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀମାନଙ୍କୁ ଅନୁଦାନ ପରିସରଭୁକ୍ତ କରିବା ପାଇଁ ସଂଘ



ସରକାରଙ୍କ ସହ ବାରମ୍ବାର ଆଲୋଚନା କଲା ପରେ ମଧ୍ୟ ସରକାର କୌଣସି ନିଷ୍ପତ୍ତି ନେଲେ ନାହିଁ । ତେଣୁ ସଂଘ ଶିକ୍ଷକ ଦାବି ଗତ ଅଗଷ୍ଟ ୧୬ତାରିଖରୁ ମହାବିଦ୍ୟାଳୟସ୍ତରରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ । ପ୍ରତିନିଧି ବିଧାୟକ ପିପିଲି ଆଶ୍ରିତ ପଟ୍ଟନାୟକ, ବିଧାୟକ ଏକାମ୍ର ବାବୁ ସିଂ ଏବଂ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ସଂଘ ସହ ଆଲୋଚନା ହୋଇ ଅକ୍ଟୋବର ୧୦ ରୁ ୨୦ ମଧ୍ୟରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସଂଘ ସହ ଆଲୋଚନା ପାଇଁ ସରକାର ଲିଖିତ ପ୍ରତିଶୃତି ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉପରେ ଆସ୍ଥା ରଖି ସଂଘ ସାମୟିକ ଭାବରେ ଆନ୍ଦୋଳନକୁ ସ୍ଥଗିତ ରଖିଥିଲା ।



ଓଡିଶା ଅବସରପ୍ରାପ୍ତ ପୁଲିସ ପଦାଧିକାରୀଙ୍କ ପକ୍ଷରୁ ଭୁବନେଶ୍ୱର ଠାରେ ବରିଷ୍ଠ ନାଗରିକ ଦିବସ ପାଳନ

# ସଂଯୁକ୍ତା ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ସମ୍ବର୍ଦ୍ଧିତ

କଟକ,(ସବ୍ୟୁ): ସୋଗଲ ଗ୍ରାମର ଅଗ୍ରଣୀ ସାମାଜିକ ସଙ୍ଗଠନ ସଂଯୁକ୍ତା ମେମୋରିଆଲ ଚାରିଟେବୁଲ୍ ଟ୍ରଷ୍ଟ(ଏସଏମସିଟି କୁ ସମାଜସେବା,ରକ୍ତଦାନ,ପରିବେଶ ସୁରକ୍ଷା ସହ ଚାରା ରୋପଣ ଓ ବଣ୍ଟନ,ବାଳାଶ୍ରମ ଓ ବୃଦ୍ଧାଶ୍ରମ ମାନଙ୍କରେ ସେବା କାର୍ଯ୍ୟ,ରୋଗୀ ସେବା,ଶିକ୍ଷାଦାନ, ସାହିତ୍ୟ ସେବା,ପୂଜ୍ୟପୂଜା ସହ ପ୍ରତିଭା ସମ୍ମାନ ଆଦି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ନେଇ କିଶନନଗର ଶିଶୁ ମଙ୍ଗଳ କ୍ଲବ୍ ପକ୍ଷରୁ ମୁକ୍ତେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିବା ତୃତୀୟ ବାର୍ଷିକ ଉତ୍ସବ ଓ ଶିଶୁ ପତ୍ରିକା "କୁନି ପ୍ରତିଭା" ଉନ୍ମୋଚନ ପର୍ବରେ ସମ୍ବର୍ଦ୍ଧିତ କରାଯାଇଛି । ଏହି ମର୍ଯ୍ୟାଦାଜନକ ସମ୍ବର୍ଧନା ଟ୍ରଷ୍ଟ ପକ୍ଷରୁ ଅଧକ୍ଷ ସମାଜସେବୀ ତଥା ରାଜନୀତିଜ୍ଞ ସନ୍ତୋଷକୁମାର ରାଉତ ଉପସ୍ଥିତ ରହି ଗ୍ରହଣ କରିଥିଲେ । ଏହି ସଭାରେ ମହାନ୍ ସନ୍ଥ ସ୍ୱାମୀ ଅଦୈତା ନନ୍ଦ ସରସ୍ୱତୀ,ଅଧ୍ୟାପକ ଧରଣୀଧର ଜେନା,ପ୍ରାଧ୍ୟାପକ ଦେବେନ୍ଦ୍ର ନାଥ ବାରିକ,କାଳି ପ୍ରସନ୍ନ ମହାପାତ୍ର,ଡାକ୍ତର ଶୁଭଶ୍ରୀ ପ୍ରଭା ସ୍ୱାଇଁ,ବରିଷ୍ଠ ସମାଜସେବୀ ସୀତାରାମ ପଣ୍ଡା,ରୁଦ୍ରାକ୍ଷ ସେନାପତି,ଶିଶୁ ପତ୍ରିକାର ସମ୍ପାଦକ ସତ୍ୟରଞ୍ଜନ ବାରିକ,କ୍ଲବ୍ ସଂଯୋଜକ ପ୍ରାବନ୍ଧିକ ଇଂ.ସେବକ ଶ୍ରୀକାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ସଂଯୁକ୍ତା ମେମୋରିଆଲ ଚାରିଟେବୁଲ୍ ଟ୍ରଷ୍ଟ ଅଧୁନା ସାଲେପୁର,କଟକ ସଦର,ବାରଙ୍ଗ ଓ ନିଆଳି ବ୍ଲକ ଆଦି ବିଭିନ୍ନ ସ୍ଥାନରେ ବହୁବିଧ ସେବାକାର୍ଯ୍ୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ।

# ସମାଜସେବୀ ଭରତ ନାୟକଙ୍କ ଦେହାନ୍ତ



କରଡ଼ାମାଳି(କେନ୍ଦୁଝର), (ସବ୍ୟୁ) : କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଘସିପୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କରଡ଼ାମାଳି ଗ୍ରାମର ବିଶିଷ୍ଟ ସମାଜସେବୀ ଭରତ ଚନ୍ଦ୍ର ନାୟକଙ୍କ ୮୨ ବର୍ଷ ବୟସରେ ଦେହାନ୍ତ ହୋଇଛି। ତାଙ୍କ ବିୟୋଗରେ ଘଷିପୁରା ଅଂଚଳରେ ଶୋକର ଛାୟା ଖେଳି ଯାଇଛି।

ସେ ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ସୁମତି, ଭ୍ରାତା ଅନନ୍ତ ଓ କନିଷ୍ଠ ପୁତ୍ର ବିଭୂତି ଉପସ୍ଥିତ ଥିଲେ। କରଡ଼ାମାଳି ଗ୍ରାମରେ ତାଙ୍କର ଅନ୍ତେଷ୍ଟିକ୍ରିୟା ସମ୍ପନ ହୋଇଛି। ଜ୍ୟେଷ୍ଠ ପୁତ୍ର ସମୀର ମୁଖାଗ୍ନି ଦେଇଥିଲେ।

## ପୋଲିସ୍ ଏସ୍ଆଇ ନିଯୁକ୍ତି କେଳେଙ୍କାରୀ ପ୍ରସଙ୍ଗ

# ରାଜ୍ୟବ୍ୟାପୀ ଯୁବ ଛାତ୍ର ନ୍ୟାୟ ଆନ୍ଦୋଳନ ଡାକରା ଦେଲା ବିଜେଡି

ଭୁବନେଶ୍ୱର, (ସବ୍ୟୁ): ପୋଲିସ ଏସ୍ଆଇ ପରୀକ୍ଷାରେ ଜାଲିଆତି ଘଟଣାରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ରାଜ୍ୟବ୍ୟାପୀ ଯୁବ ଛାତ୍ର ନ୍ୟାୟ ଆନ୍ଦୋଳନ କରାଯିବ ବୋଲି ଦଳ ତରଫରୁ ଘୋଷଣା କରାଯାଇଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ କହିଛନ୍ତି, କ୍ୟାସ୍ ଫର୍ ଜବ୍ ସ୍କାମ୍ ରାଜ୍ୟର ଯୁବ ଓ ଛାତ୍ର ସମାଜକୁ ବ୍ୟଥିତ କରିଛି । ତେଣୁ ଏହି ମହାଦୁର୍ନୀତିକୁ ପଦାକୁ ଆଣିବା ପାଇଁ ଆମେ ସିବିଆଇ ତଦନ୍ତ ଦାବି କରିଛୁ । କିନ୍ତୁ, ରାଜ୍ୟ ସରକାର



ଏଥିରେ ସମ୍ପୃକ୍ତ ବଡମୁଣ୍ଡ ମାନଙ୍କୁ ଖସାଇ ଦେବା ପାଇଁ ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ପ୍ରଦାନ କରିଛନ୍ତି । ଆମେ ମୁଖ୍ୟ ଅଭିଯୁକ୍ତର ଫଟୋ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀମଣ୍ଡଳର ସଦସ୍ୟ ମାନଙ୍କ ସହ ଥିବା ଫଟୋ ଜାରି କରିଥିଲୁ । କ୍ରାଇମବ୍ରାଞ୍ଚ ତଦନ୍ତ କରିବା ପରିବର୍ତ୍ତେ, କିପରି ତଥ୍ୟ ପ୍ରମାଣକୁ ନଷ୍ଟ କରାଯିବ, ସେହି କାମରେ ବ୍ୟସ୍ତ ଅଛି ।

ତେଣୁ ସିବିଆଇ ତଦନ୍ତ ସହିତ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ବିଜୁ ଯୁବ ଛାତ୍ର ଜନତା ଦଳ । ତେଣୁ ଏହି ମହାଦୁର୍ନୀତି ବିରୋଧରେ ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ରାଜ୍ୟବ୍ୟାପୀ ଯୁବ ଛାତ୍ର ନ୍ୟାୟ ଆନ୍ଦୋଳନ ଆରମ୍ଭ ହେବ ଏବଂ ଏହା ଆମର ଦାବି ପୂରଣ ନହେବା ପର୍ଯ୍ୟନ୍ତ ଜାରି ରହିବ ବୋଲି ଶ୍ରୀ ସାହୁ କହିଥିଲେ । ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ କହିଥିଲେ, ନିଯୁକ୍ତି ଆଶାରେ ଥିବା ରାଜ୍ୟର ହଜାର ହଜାର ଯୁବକ ଯୁବତୀ ଏବେ ହତାଶ ଅନୁଭବ କରୁଛନ୍ତି । ସେମାନଙ୍କ ଭିତରୁ ଅନେକ ଆମ ସହ ଯୋଗାଯୋଗରେ ଅଛନ୍ତି । ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ଏହି ନ୍ୟାୟ ଆନ୍ଦୋଳନ ପାଇଁ ଡାକରା ଦେଇଛି ।

## ବେଦାନ୍ତ ଆଲୁମିନିୟମର ବେଦସୂତା

# ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ ସହିତ ଗ୍ରାମୀଣ ଜୀବିକାକୁ ତ୍ୱରାନ୍ୱିତ କରିଛି

ଭୁବନେଶ୍ୱର, (ସବ୍ୟୁ) : ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଫସଲ ମଧ୍ୟରୁ କପା ହେଉଛି ଅନ୍ୟତମ ଏହା କେବଳ କପଡ଼ା ପାଇଁ ବ୍ୟବହୃତ ହୁଏ ନାହିଁ ବରଂ ଦେଶର ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ପରିଚୟକୁ ବାନ୍ଧି ରଖେ। ଅକ୍ଟୋବର ୭ ତାରିଖକୁ ବିଶ୍ୱ କପା ଦିବସ ଭାବରେ ବିଶ୍ୱବ୍ୟାପୀ ପାଳନ କରାଯାଏ, ଏହି ବହୁମୁଖୀ ତନ୍ତୁ ଏବଂ ଶତାବ୍ଦୀ ଧରି ସମ୍ପ୍ରଦାୟ ଏବଂ ପରମ୍ପରା ଗଠନ କରିବାରେ ଏହାର ଭୂମିକାକୁ ପାଳନ କରିବା ସହିତ ଲକ୍ଷ ଲକ୍ଷ କ୍ଷୁଦ୍ର ଜମିଦାର ଏବଂ ଶ୍ରମିକଙ୍କ ପାଇଁ ଜୀବିକାର ଉତ୍ସ ତଥା ଗୁରୁତ୍ୱପୂର୍ଣ୍ଣ ଭାବରେ ଗ୍ରାମୀଣ ମହିଳା ଏବଂ ସେମାନଙ୍କ ପରିବାର ପାଇଁ ଅପରିହାର୍ଯ୍ୟ ଅଟେ।

ବେଦାନ୍ତ ଆଲୁମିନିୟମରେ, ଏହି ଦିନଟି ବେଦସୁତା ମାଧ୍ୟମରେ ଏକ ବିଶେଷ ଗୁରୁତ୍ୱ ବହନ କରେ, ଯାହା ଓଡ଼ିଶାର ଝାରସୁଗୁଡାରେ ଏହାର ମେଗା ଆଲୁମିନିୟମ ପ୍ଲାଂଟରେ ଏକ ପ୍ରମୁଖ ସିଏସ୍ଆର ପଦକ୍ଷେପ । ଯାହା ସମ୍ବଲପୁରୀ ହସ୍ତତନ୍ତର ଐତିହ୍ୟକୁ ପୋଷଣ କରେ ଏବଂ ଗ୍ରାମୀଣ ମହିଳାମାନଙ୍କୁ ସ୍ଥାୟୀ ଭବିଷ୍ୟତ ନିର୍ମାଣ ପାଇଁ ସଶକ୍ତ କରେ। ବେଦସୁତାର ମାଧ୍ୟମରେ ରେ ଝାରସୁଗୁଡ଼ା ଜିଲ୍ଲାର ରଗୁନାଥପାଲି ଗ୍ରାମର ଦୃଢ଼ ମହିଳାମାନେ ଅଛନ୍ତି, ଯେଉଁମାନେ ସମ୍ବଲପୁରୀ ଶାଢ଼ି ବୁଣାର ଜଟିଳ କଳାକୁ ପୁନର୍ଜୀବିତ କରୁଛନ୍ତି। ସେମାନଙ୍କର ସ୍ପନ୍ଦନଶୀଳ ରୂପ ଏବଂ କାଳଜୟୀ ଆକର୍ଷଣ ପାଇଁ ଜଣାଶୁଣା, ଏହି ହସ୍ତତନ୍ତ ବୁଣାକାରଗୁଡ଼ିକ ଓଡ଼ିଶାର ଏକ ସାଂସ୍କୃତିକ ସମ୍ପତି ଅଟନ୍ତି। ବେଦାନ୍ତ ଆଲୁମିନିୟମର ହସ୍ତକ୍ଷେପ ତାଲିମ, ଆଧୁନିକ ସମ୍ବଳ ଏବଂ ଗୁରୁତ୍ୱପୂର୍ଣ୍ଣ ବଜାର ସଂଯୋଗ ପ୍ରଦାନ କରିଛି।

ଏହି ପଦକ୍ଷେପର ପ୍ରଭାବ ଉପରେ



ପ୍ରତିଫଳିତ କରି, ବେଦାନ୍ତ ଆଲୁମିନିୟମର ଝାରସୁଗୁଡା ୟୁନିଟର ସିଇଓ ସି ଚନ୍ଦ୍ରୁ କହିଛନ୍ତି, "ବେଦସୁତା ଭଳି କାର୍ଯ୍ୟକ୍ରମ ମାଧ୍ୟମରେ, ଆମେ କେବଳ ଏକ ଶତାବ୍ଦୀ ପୁରୁଣା ହସ୍ତଶିଳ୍ପକୁ ସଂରକ୍ଷଣ କରୁନାହୁଁ ବରଂ ମହିଳାମାନଙ୍କ ପାଇଁ ସ୍ଥାୟୀ ଜୀବିକା ସୃଷ୍ଟି କରୁଛୁ ଏବଂ ସେମାନଙ୍କ କଳା ଏବଂ ଦକ୍ଷତାକୁ ସେମାନଙ୍କ ଗ୍ରାମ ବାହାରକୁ ଯାତ୍ରା କରିବାକୁ ସକ୍ଷମ କରୁଛୁ। ସେମାନେ ବୁଣୁଥିବା ପ୍ରତ୍ୟେକ ଶାଢ଼ି ହସ୍ତଶିଳ୍ପରେ ସ୍ଥିରତା ଏବଂ ଗର୍ବର କାହାଣୀ ବହନ କରେ, ପ୍ରାଚୀନ ଐତିହ୍ୟକୁ ଏକ ଆଧୁନିକ ନୂତନ ଦିଗନ୍ତ ସହିତ ସଂଯୋଗ କରେ।

ଝାରସୁଗୁଡାର ରାଗୁନାଥପାଲି ଗାଁର ବାସିନ୍ଦା କଳ୍ପନା ମେହେରଙ୍କ ପାଇଁ, ବୁଣାକାର୍ଯ୍ୟ ଥରେ ତାଙ୍କ ପରିବାର ମଧ୍ୟରେ ସୀମିତ ଥିଲା। ଆଜି, ଏହା ତାଙ୍କର ପରିଚୟ ପାଲଟିଛି।

ସେ କୁହନ୍ତି, "ବେଦସୁତା ପୂର୍ବରୁ, ମୁଁ କେବେ ଭାବି ନଥିଲି ଯେ ମୁଁ ମୋ ପରିବାରକୁ ଆର୍ଥିକ ଭାବରେ ସମର୍ଥନ କରିପାରିବି। ବେଦାନ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ମୁଁ ପାଇଥିବା ତାଲିମ ମୋତେ ମୋର ହସ୍ତଶିଳ୍ପକୁ ସୁଧାରିବା ଏବଂ ଏହାକୁ ବିଶ୍ୱ ସମ୍ମୁଖରେ ପ୍ରଦର୍ଶନ କରିବା ପାଇଁ ଆତ୍ମବିଶ୍ୱାସ ଦେଇଛି। ଏବେ, ଯେତେବେଳେ ମୋର ଶାଢ଼ି ଆମ ଗାଁ ବାହାରକୁ ଯାତ୍ରା କରେ, ମୁଁ ଅନୁଭବ କରେ ଯେ ମୁଁ କେବଳ କପଡ଼ା ବୁଣୁନାହିଁ, ବରଂ ମୋ ପିଲାମାନଙ୍କ ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖୁଛି।

# ୪ ରେଳ ଲାଇନ ସମ୍ପ୍ରସାରଣ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରି

## ୨୪,୬୩୪ କୋଟିର ଆନୁମାନିକ ବ୍ୟୟବରାଦ

## ପ୍ରକଳ୍ପ କାର୍ଯ୍ୟ ୨୦୩୦-୩୧ ସୁଦ୍ଧା ଶେଷ




**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକରେ ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଚାରିଟି ରେଳ ଲାଇନ୍ ସମ୍ପ୍ରସାରଣ ବା ମଲ୍ଟିଟ୍ରାକିଂ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ଏସବୁ ପ୍ରକଳ୍ପ ପାଇଁ ଆନୁମାନିକ ୨୪,୬୩୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।ଏହି ପ୍ରକଳ୍ପଗୁଡିକ ହେଲା:ୱାର୍ଦ୍ଧା-ଭୁସାୱଲ - ତୃତୀୟ ଓ ଚତୁର୍ଥ ଲାଇନ୍ - ୩୧୪ କିଲୋମିଟର (ମହାରାଷ୍ଟ୍ର), ଗୋନ୍ଦିୟା-ଡଙ୍ଗରଗଡ଼ - ଚତୁର୍ଥ ଲାଇନ-୮୪ କିଲୋମିଟର (ମହାରାଷ୍ଟ୍ର ଏବଂ ଛତିଶଗଡ଼),ଭଦୋଦରା-ରତଲାମ- ତୃତୀୟ ଓ ଚତୁର୍ଥ ଲାଇନ୍ - ୨୫୯ କିଲୋମିଟର (ଗୁଜରାଟ ଏବଂ ମଧ୍ୟପ୍ରଦେଶ) ଓ ଇଟାରସୀ-ଭୋପାଳ - ବୀଣା ଚତୁର୍ଥ ଲାଇନ୍- ୨୩୭ (ମଧ୍ୟପ୍ରଦେଶ) ।ମହାରାଷ୍ଟ୍ର, ଗୁଜରାଟ, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ର ୧୮ଟି ଜିଲ୍ଲା ଦେଇ ଅତିକ୍ରମ କରିଥିବା ଏହି ଚାରିଟି ରେଳ ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନର ରେଳ ନେଟୱର୍କରେ ପ୍ରାୟ ୮୯୪ କିଲୋମିଟର ରେଳଲାଇନ ନିର୍ମାଣ କରିବ । ଅନୁମୋଦିତ ମଲ୍ଟିଟ୍ରାକିଂ ପ୍ରକଳ୍ପ ଦ୍ୱାରା ପ୍ରାୟ ୩,୬୩୩ ଗ୍ରାମକୁ ସଡ଼କ ସଂଯୋଗରେ ସୁଧାର ଆସିବ । ଏହାଦ୍ୱାରା ଦୁଇଟି ଆକାଂକ୍ଷୀ ଜିଲ୍ଲା (ବିଦିଶା ଏବଂ ରାଜନନ୍ଦନଗାଁଓ) ସମେତ ପ୍ରାୟ ୮୫.୮୪ ଲକ୍ଷ ଲୋକ ଉପକୃତ ହୋଇପାରିବେ । ବର୍ଦ୍ଧିତ ଲାଇନ କ୍ଷମତା ଯାତାୟାତରେ ଯଥେଷ୍ଟ ସୁଧାର ଆଣିବ, ଯାହା ଫଳରେ ଭାରତୀୟ ରେଳବାଇ ପାଇଁ କାର୍ଯ୍ୟକ୍ଷମ ଦକ୍ଷତା ଏବଂ ସେବାନିର୍ଭରଯୋଗ୍ୟତା ଉନ୍ନତ ହେବ । ଏହି ମଲ୍ଟି-ଟ୍ରାକିଂ ପ୍ରସ୍ତାବଗୁଡ଼ିକ କାର୍ଯ୍ୟକୁ ସୁବ୍ୟବସ୍ଥିତ କରିବା ଏବଂ ଭିଡ଼ ହ୍ରାସ କରିବା ପାଇଁ ପ୍ରସ୍ତୁତ । ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୂତନ ଭାରତର ଦୃଷ୍ଟିକୋଣ ଅନୁରୂପ ଯାହା ନିଯୁକ୍ତି / ସ୍ୱନିଯୁକ୍ତି ସୁଯୋଗ ବୃଦ୍ଧି କରିବା ସହିତ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କୁ ବ୍ୟାପକ କ୍ଷେତ୍ରୀୟ ବିକାଶ ଦ୍ୱାରା "ଆତ୍ମନିର୍ଭର" କରିବ ।

ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ-ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ ଆଧାରରେ ଯୋଜନା କରାଯାଇଛି । ଏହି ମାଷ୍ଟର ପ୍ଲାନ୍ ସମନ୍ୱିତ ଯୋଜନା ଏବଂ ଅଂଶୀଦାରମାନଙ୍କ ବିଚାରବିମର୍ଶ ମାଧ୍ୟମରେ ବହୁମୁଖୀ ସଂଯୋଗ ଏବଂ ଲଜିଷ୍ଟିକ୍ ଦକ୍ଷତା ବୃଦ୍ଧି ଉପରେ ଧ୍ୟାନ ଦେଇଥାଏ ।ଏସବୁ ପ୍ରକଳ୍ପ ଯାତ୍ରୀ, ସାମଗ୍ରୀ ଏବଂ ସେବାର ପରିବହନକୁ ସୁଗମ କରିବ । ସାରା ଦେଶରୁ ବହୁସଂଖ୍ୟାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ସାଞ୍ଚି, ସତପୁରା ବ୍ୟାଘ୍ର ସଂରକ୍ଷଣ, ଭୀମବେଟକାର ପଥର ଆଶ୍ରୟସ୍ଥଳ, ହଜାରା ଜଳପ୍ରପାତ, ନୱେଗାଓଁ ଜାତୀୟ ଉଦ୍ୟାନ ଇତ୍ୟାଦି ପ୍ରମୁଖ ସ୍ଥାନଗୁଡ଼ିକୁ ମଧ୍ୟ ଏସବୁ ପ୍ରକଳ୍ପ ଦ୍ୱାରା ରେଳ ସଂଯୋଗ ସୁଗମ ହୋଇପାରିବ ।

ଏହା କୋଇଲା, କଣ୍ଟେନର, ସିମେଣ୍ଟ, ଫ୍ଲାଏ ଆଶ୍, ଖାଦ୍ୟଶସ୍ୟ, ଇସ୍ପାତ ଇତ୍ୟାଦି ସାମଗ୍ରୀ ପରିବହନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ । କ୍ଷମତା ବୃଦ୍ଧି ଫଳରେ ବାର୍ଷିକ ୭୮ ନିୟୁତ ଟନ୍ ଅତିରିକ୍ତ ମାଲ ପରିବହନ ପାଇଁ ସୁବିଧା ହେବ । ରେଳବାଇ ପରିବେଶ ଅନୁକୂଳ ଏବଂ ପରିବହନର ଶକ୍ତି ସଂରକ୍ଷଣକାରୀ ପଦ୍ଧତି ହୋଇଥିବାରୁ, ଜଳବାୟୁ ଲକ୍ଷ୍ୟ ହାସଲ କରିବାରେ ଏବଂ ଦେଶର ଲଜିଷ୍ଟିକ୍ ଖର୍ଚ୍ଚକୁ ହ୍ରାସ କରିବାରେ, ତୈଳ ଆମଦାନୀ (୨୮ କୋଟି ଲିଟର) କମାଇବାରେ ଏବଂ ଅଙ୍ଗାରକାମ୍ଳ ନିର୍ଗମନ (୧୩୯ କୋଟି କିଲୋଗ୍ରାମ) ହ୍ରାସ କରିବାରେ ସାହାଯ୍ୟ କରିବ ଯାହା ଛଅ କୋଟି ଗଛ ଲଗାଇବା ସହିତ ସମାନ ।

## ଆତଙ୍କୀ ହମଲାରେ ପାକ ସେନାର ୧୧ ଯବାନ ମୃତ



**ଇସଲାମାବାଦ:** ମଙ୍ଗଳବାର ଏବଂ ବୁଧବାର ବିଳମ୍ବିତ ରାତିରେ ପାକିସ୍ତାନୀ ସେନା ଉପରେ ଏକ ବଡ଼ ଆକ୍ରମଣ ହୋଇଥିଲା । ତେହେରିକ୍-ଏ-ତାଲିବାନ୍(ଟିଟିପି) ପାକିସ୍ତାନ ଦ୍ୱାରା ହୋଇଥିବା ଏହି ଆକ୍ରମଣରେ ଏଗାର ଜଣ ପାକିସ୍ତାନୀ ସୈନିକଙ୍କ ମୃତ୍ୟୁ ହୋଇଥିଲା, ଯେତେବେଳେ ଅନେକ ଗୁରୁତର ଆହତ ହୋଇଥିଲେ । ରିପୋର୍ଟ ଅନୁଯାୟୀ, ପାକିସ୍ତାନୀ ସେନା ଆଫଗାନ ସୀମାରେ ଟିଟିପି ବିରୋଧରେ ଏକ ଅପରେସନ୍ ଚଳାଇଥିଲା ଏବଂ ଏହି ସମୟରେ ଗୁଳି ବିନିମୟ ହୋଇଥିଲା ।


ପାକିସ୍ତାନୀ ସେନା ସହିତ ଏନକାଉଣ୍ଟରରେ ୧୯ ଜଣ ଟିଟିପି ଲଢୁଆ ମଧ୍ୟ ନିହତ ହୋଇଥିଲେ । ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯେ ଟିଟିପି ଗତ କିଛି ମାସ ମଧ୍ୟରେ ପାକିସ୍ତାନୀ ସୁରକ୍ଷା ବାହିନୀ ଉପରେ ଆକ୍ରମଣକୁ ଯଥେଷ୍ଟ ତୀବ୍ର କରିଛି । ପ୍ରକୃତରେ, ଟିଟିପି ଲଢୁଆମାନେ ଏକ ଆମ୍ବୁସ୍ କରିଥିଲେ, ପ୍ରଥମେ ଉତ୍ତର-ପଶ୍ଚିମ କୁର୍ମ ଜିଲ୍ଲାରେ ଏକ ରାସ୍ତାପାର୍ଶ୍ୱରେବୋମା ବିସ୍ଫୋରଣ କରିଥିଲେ ଏବଂ ତା'ପରେ ଗୁଳିଚାଳନା ହୋଇଥିଲା । ପାକିସ୍ତାନୀ ସେନା ଏକ ବିବୃତ୍ତିରେ କହିଛି ଯେ ଏହି ଅପରେସନ୍ ସମୟରେ ଆତଙ୍କବାଦୀମାନେ ମଧ୍ୟ ନିହତ ହୋଇଥିଲେ ।

ପାକିସ୍ତାନୀ ତାଲିବାନ ଆକ୍ରମଣରେ ଦୁଇ ଅଧିକାରୀ, ଜଣେ ଲେଫ୍ଟନାଣ୍ଟ କର୍ଣ୍ଣେଲ ଏବଂ ଜଣେ ମେଜର ମଧ୍ୟ ନିହତ ହୋଇଥିଲେ ।ଲେଫ୍ଟନାଣ୍ଟ କର୍ଣ୍ଣେଲ ଜୁନୈଦ ଆରିଫ୍ ଏହି ଅପରେସନର ନେତୃତ୍ୱ ନେଉଥିଲେ ।ତେହରିକ-ଏ-ତାଲିବାନ ପାକିସ୍ତାନ (ଟିଟିପି) ଏହି ଆକ୍ରମଣ ପଛରେ ଦାୟୀ ବୋଲି ଘୋଷଣା କରିଛି । ଏହି ସମୟରେ ପାକିସ୍ତାନ ଦାବି କରିଛି ଯେ ଏହି ଆତଙ୍କବାଦୀମାନେ ଆଫଗାନିସ୍ତାନରେ ତାଲିମ ନିଅନ୍ତି ଏବଂ ପାକିସ୍ତାନରେ ଆକ୍ରମଣ କରନ୍ତି, ଏହି ଦାବିକୁ କାବୁଲ ବାରମ୍ବାର ଅସ୍ୱୀକାର କରୁଛି ।

## ମୋଦୀଙ୍କୁ ଧମକ ଦେଲା ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ

**ନୂଆଦିଲ୍ଲୀ:** ପାକିସ୍ତାନର ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବା ର ଉପମୁଖ୍ୟ ଏବଂ ପହଲଗାମ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ସୈଫୁଲ୍ଲା କସୁରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧମକ ଦେଇ ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରିଛି । ଭାଇରାଲ କ୍ଲିପରେ ସୈଫୁଲ୍ଲା ପାକିସ୍ତାନୀ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିରଙ୍କ ପ୍ରଶଂସା କରିଛି । ଆତଙ୍କବାଦୀ ସୈଫୁଲ୍ଲା କସୁରୀକୁ ସେପ୍ଟେମ୍ବର ୪ ରେ ବରିଷ୍ଠ ପାକିସ୍ତାନୀ ସେନା ଅଧିକାରୀଙ୍କ ସହିତ ମଧ୍ୟ ଦେଖାଯାଇଥିଲା । ଆତଙ୍କବାଦୀ ସୈଫୁଲ୍ଲା କହିଛି, ମୁଁ ଫିଲ୍ଡ ମାର୍ଶାଲ ଅସୀମ ମୁନିରଙ୍କୁ ଅନୁରୋଧ କରୁଛି ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆମେ ମେ ୧୦, ୨୦୨୫ରେ ଯେଉଁ ଶିକ୍ଷା ଦେଇଥିଲୁ, ସେହି ଶିକ୍ଷା ଦିଅନ୍ତୁ । ତଥାପି, ସମଗ୍ର ବିଶ୍ୱ ଜାଣେ ଯେ ମେ ୧୦ ରାତିରେ ଭାରତୀୟ ସେନା ପାକିସ୍ତାନରେ ଏପରି ତାଣ୍ଡବ ରଚିଥିଲା ଯାହାକୁ ପାକିସ୍ତାନ କେବେ ଭୁଲିପାରିବ ନାହିଁ । ପାକିସ୍ତାନ ପ୍ରଧାନମନ୍ତ୍ରୀ ତାଙ୍କ ଲୋକଙ୍କୁ ଖୁସି କରିବା ପାଇଁ ଭାରତ ବିପକ୍ଷରେ ବିଜୟର ମିଥ୍ୟା ଖବର ପ୍ରସାରଣ କରିଥିଲେ । ପାକିସ୍ତାନରେ ଭାରତ ବିରୋଧୀ ବୟାନବାଜିର ଭିଡିଓ ମଧ୍ୟ ବ୍ୟାପକ ଭାବରେ ପ୍ରସାରିତ ହୋଇଥିଲା । ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବାର ପ୍ରତିଷ୍ଠାତା ହାଫିଜ୍ ସଇଦର ଘନିଷ୍ଠ ସହଯୋଗୀ ସୈଫୁଲ୍ଲା ଭାରତ ଉପରେ ଜଳ ଆତଙ୍କବାଦର ଅଭିଯୋଗ ଆଣିଛି । ସେ ଦାବି କରିଛି ଯେ ଭାରତ ଜାଣିଶୁଣି ପାକିସ୍ତାନରେ ବନ୍ୟା ସୃଷ୍ଟି କରିବାକୁ ଷଡ଼ଯନ୍ତ୍ର କରୁଛି । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ସେପ୍ଟେମ୍ବର ୨୬, ୨୦୨୫ରେ ସିନ୍ଧୁ ଜଳ ଚୁକ୍ତିନାମା ପ୍ରସଙ୍ଗ ଉଠାଇ ଭାରତ ଏହାର ବ୍ୟବସ୍ଥା ଉଲ୍ଲଂଘନ କରିବା ଏବଂ ଚୁକ୍ତିନାମାକୁ ସ୍ଥଗିତ ରଖିବାର ଅଭିଯୋଗ ଆଣିଥିଲେ ।

## ଆଇଏମସିର ୯ମ ସଂସ୍କରଣକୁ ଉଦ୍‌ଘାଟନ କଲେ ମୋଦୀ




**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀର ଯଶୋଭୂମିରେ ଏସିଆର ସର୍ବବୃହତ ଟେଲିକମ୍, ମିଡିଆ ଏବଂ ପ୍ରଯୁକ୍ତିବିଦ୍ୟା କାର୍ଯ୍ୟକ୍ରମ ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମସି) ୨୦୨୫ ର ୯ମ ସଂସ୍କରଣକୁ ଉଦଘାଟନ କରିଛନ୍ତି । ଇଣ୍ଡିଆ ମୋବାଇଲ୍ କଂଗ୍ରେସର ସ୍ୱତନ୍ତ୍ର ସଂସ୍କରଣକୁ ସମସ୍ତ ବିଶିଷ୍ଟ ବ୍ୟକ୍ତିଙ୍କୁ ସ୍ୱାଗତ କରି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି ଯେ ଅନେକ ଷ୍ଟାର୍ଟଅପ୍ ଆର୍ଥିକ ଠକେଇ ନିବାରଣ, କ୍ୱାଣ୍ଟମ୍ ଯୋଗାଯୋଗ, ୬ଜି, ଅପ୍ଟିକାଲ୍ ଯୋଗାଯୋଗ ଏବଂ ସେମିକଣ୍ଡକ୍ଟର ସମେତ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ଉପସ୍ଥାପନା କରିଛନ୍ତି । ପ୍ରଧାନମନ୍ତ୍ରୀ ମନ୍ତବ୍ୟ ଦେଇଛନ୍ତି ଯେ ଏହି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଉପସ୍ଥାପନା ଦେଖିବା ଦ୍ୱାରା ଏହି ବିଶ୍ୱାସକୁ ଆହୁରି ଦୃଢ଼ୀଭୂତ ହୁଏ ଯେ ଭାରତର ପ୍ରଯୁକ୍ତିବିଦ୍ୟା ଭବିଷ୍ୟତ ସକ୍ଷମ ହାତରେ ଅଛି । ସେ ଏହି କାର୍ଯ୍ୟକ୍ରମ ଏବଂ ସମସ୍ତ ନୂତନ ପଦକ୍ଷେପ ପାଇଁ ଶୁଭକାମନା ଜଣାଇଛନ୍ତି ।

ଇଣ୍ଡିଆ ମୋବାଇଲ୍ କଂଗ୍ରେସ ମୋବାଇଲ୍ ଏବଂ ଟେଲିକମ୍ ଠାରୁ ବିକଶିତ ହୋଇଛି । କିଛି ବର୍ଷ ମଧ୍ୟରେ ଏସିଆର ସର୍ବବୃହତ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା ମଞ୍ଚ ଭାବରେ ଉଭା ହୋଇଛ । ପ୍ରଧାନମନ୍ତ୍ରୀ ପ୍ରଶ୍ନ କରିଛନ୍ତି ଯେ ଏହି ସଫଳତାର କାହାଣୀ କିପରି ଲେଖାଗଲା ଏବଂ ଏହାକୁ କିଏ ଚଳାଇଲା, ଏବଂ ଦୃଢ଼ କରିଛନ୍ତି ଯେ ଏହା ଭାରତର ପ୍ରଯୁକ୍ତିବିଦ୍ୟା-ସାଭୀକ ମାନସିକତା ଦ୍ୱାରା ଆକୃତି ପାଇଛି, ଯୁବପିଢ଼ିଙ୍କ ନେତୃତ୍ୱରେ ଏବଂ ଦେଶର ପ୍ରତିଭା ଦ୍ୱାରା ପରିଚାଳିତ ।

ପ୍ରଧନମନ୍ତ୍ରୀ କହିଛନ୍ତି ଯେ ଉଭାବକ ଏବଂ ଷ୍ଟାର୍ଟଅପ୍ ଏହି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିଛନ୍ତି, ଯାହା ଦେଶର ସମ୍ଭାବନା ସହିତ ଦୃଢ଼ ଭାବରେ ଠିଆ ହୋଇଥିବା ସରକାରଙ୍କ ଦ୍ୱାରା ସମ୍ଭବ ହୋଇଛି । ସେ ଟେଲିକମ୍ ପ୍ରଯୁକ୍ତି ବିକାଶ ପାଣ୍ଠି ଏବଂ ଡିଜିଟାଲ୍ କମ୍ୟୁନିକେସନ୍ସ ଇନୋଭେସନ୍ସ ସ୍କୋୟାର ଭଳି ପଦକ୍ଷେପଗୁଡ଼ିକର ଉଲ୍ଲେଖ କରିଥିଲେ, ଯାହା ମାଧ୍ୟମରେ ଷ୍ଟାର୍ଟଅପଗୁଡ଼ିକୁ ପାଣ୍ଠି ଯୋଗାଇ ଦିଆଯାଉଛି । ପ୍ରଧାନମନ୍ତ୍ରୀ କହିଥିଲେ ଯେ ସରକାର ଉତ୍ପାଦ ବିକାଶକୁ ସକ୍ଷମ କରିବା ପାଇଁ ୫ଜି, ୬ଜି, ଉନ୍ନତ ଅପ୍ଟିକାଲ୍ ଯୋଗାଯୋଗ ଏବଂ ଟେରା-ହର୍ଟଜ୍ ଭଳି ପ୍ରଯୁକ୍ତିବିଦ୍ୟା ପାଇଁ ପରୀକ୍ଷଣ ବେଡ୍ ପାଇଁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି । ସେ ଗୁରୁତ୍ୱାରୋପ କରିଥିଲେ ଯେ ଷ୍ଟାର୍ଟଅପ୍ ଏବଂ ପ୍ରମୁଖ ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ସହଭାଗୀତାକୁ ସୁବିଧା ଦିଆଯାଉଛି ଏବଂ ସରକାରୀ ସମର୍ଥନ ସହିତ, ଭାରତୀୟ ଶିଳ୍ପ, ଷ୍ଟାର୍ଟଅପ୍ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ ବିଭିନ୍ନ କ୍ଷେତ୍ରରେ ସହଯୋଗ କରୁଛନ୍ତି ।ସେ ଉଲ୍ଲେଖ କରିଛନ୍ତି ଯେ ଭାରତ ପ୍ରତ୍ୟେକ ଦିଗରେ ଅଗ୍ରଗତି କରୁଛି - ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ବିକାଶ ଏବଂ ସ୍କେଲିଂ, ଗବେଷଣା ଏବଂ ବିକାଶ ମାଧ୍ୟମରେ ବୌଦ୍ଧିକ ସମ୍ପତ୍ତି ସୃଷ୍ଟି କରିବା ଏବଂ ବିଶ୍ୱ ମାନଦଣ୍ଡରେ ଯୋଗଦାନ ଦେବା । ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ପ୍ରୟାସଗୁଡ଼ିକ ଭାରତକୁ ବିଶ୍ୱ ସ୍ତରରେ ଏକ ପ୍ରଭାବଶାଳୀ ପ୍ଲାଟଫର୍ମ ଭାବରେ ସ୍ଥାନିତ କରିଛି ।

## କରୁର ଦଳାଚକଟା: ମୃତକଙ୍କ ପରିବାର ସହ କଥା ହେଲେ ବିଜୟ

**ଚେନ୍ନାଇ:** ତାମିଲନାଡୁର କରୁର ଦଳାଚକଟା ଘଟଣାର ଗୋଟିଏ ସପ୍ତାହ ପରେ ଥଲପତି ବିଜୟ ମଙ୍ଗଳବାର ଭିଡିଓ କଲ୍ ମାଧ୍ୟମରେ ପୀଡିତ ପରିବାର ସହିତ ଯୋଗାଯୋଗ କରିଥିବା ଜଣାଯାଇଛି । କୁହାଯାଉଛି ଯେ, କଥା ହେବା ସମୟରେ ସେ ମୃତକଙ୍କ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ ଏବଂ ଆଶ୍ୱାସନା ଦେଇଥିଲେ ଯେ, ସେ ଶୀଘ୍ର କରୁର ଗସ୍ତ କରିବେ ।ସୂଚନା ଥାଉ କି ଭେଲୁସାମ୍ୟପୁରମର କରୁର-ଏରୋଡ୍ ହାଇୱେରେ ଅନୁଷ୍ଠିତ ଏକ ରାଲିରେ ବିଜୟଙ୍କୁ ଦେଖିବା ପାଇଁ ୩୦,୦୦୦ ଲୋକଙ୍କ ଭିଡ଼ ଜମିଥିଲା । ବିଜୟଙ୍କ ଆସିବା ସମୟ ଦିନ ୧୨ଟାରେ ଥିବା ସତ୍ତ୍ୱେ , ସେ ସନ୍ଧ୍ୟା ୭ଟାରେ ପହଞ୍ଚିଥିଲେ । ବିଜୟଙ୍କ ପ୍ରଚାର ବସ୍ ଆସିବା ମାତ୍ରେ ଉତ୍ତେଜିତ ସମର୍ଥକମାନେ ପରସ୍ପରକୁ ଧକ୍କା ମାରି ଗଛ, ଛାତ ଏବଂ ବିଦ୍ୟୁତ ଖୁଣ୍ଟ ଉପରେ ଚଢ଼ି ଯାଇଥିଲେ । ଏହି ସମୟରେ ଦଳଚକଟା ଆରମ୍ଭ ହୋଇଯାଥିଲା । ଏଥିରେ ପ୍ରାୟ ୪୧ ଜଣଙ୍କର ମୃତ୍ୟୁ ଘଟିଥିଲା । ମୃତକମାନଙ୍କ ମଧ୍ୟରୁ ଅଧିକାଂଶ ୧୮-୩୦ ବର୍ଷ ବୟସର ଯୁବକ, ମହିଳା ଏବଂ ପିଲା ଥିଲେ ।

## ସ୍ୱରାଷ୍ଟ୍ର ମନ୍ତ୍ରାଳୟର ସ୍ୱତନ୍ତ୍ର ଅଭିଯାନ ପରିଚାଳନା

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛତାକୁ ସଂସ୍ଥାଗତ କରିବା ଏବଂ ସରକାରୀ କାର୍ଯ୍ୟରେ ଫାଇଲ ବୋଝକୁ କମ କରିବା ଦୃଷ୍ଟିକୋଣରୁ ଅନୁପ୍ରାଣିତ ହୋଇ, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ, ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଏକ ସକ୍ରିୟ ଅଂଶଗ୍ରହଣକାରୀ ଭାବରେ ସ୍ୱତନ୍ତ୍ର ଅଭିଯାନ ପରିଚାଳନା କରୁଛି । ଗୃହ ମନ୍ତ୍ରଣାଳୟ ସକ୍ରିୟ ଭାବରେ ସ୍ଥାୟୀ ଏବଂ ପରିବେଶ ଅନୁକୂଳ କର୍ମକ୍ଷେତ୍ର ଉପରେ ଧ୍ୟାନ ଦେଇ ସ୍ୱତନ୍ତ୍ର ଅଭିଯାନ ଗ୍ରହଣ କରୁଛି । ମନ୍ତ୍ରଣାଳୟର ସର୍ବୋଚ୍ଚ ସ୍ତରରେ ସ୍ୱତନ୍ତ୍ର ଅଭିଯାନ ୫.୦ ଉପରେ ନଜର ରଖାଯାଇଛି । କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ଏବଂ କେନ୍ଦ୍ରୀୟ ପୋଲିସ ସଂଗଠନକୁ ସ୍ୱତନ୍ତ୍ର ଅଭିଯାନରେ ଗୁରୁତ୍ୱ ଦିଆଯାଇଛି ଏବଂ ସେମାନେ ଚିହ୍ନଟ ହୋଇଥିବା ପାରାମିଟର ଅନୁଯାୟୀ ସର୍ବୋତ୍ତମ ହାସଲ କରିବା ପାଇଁ ଅତିରିକ୍ତ ପଦକ୍ଷେପ ନେବାକୁ ପ୍ରସ୍ତୁତ ଅଛନ୍ତି ।


## ୬ ମାସରେ ପେଟ୍ରୋଲ୍ ଗାଡ଼ି ଦାମରେ ମିଳିବ ଇଭି

**ନୂଆଦିଲ୍ଲୀ:** ଆସନ୍ତା ୪-୬ ମାସ ମଧ୍ୟରେ ପେଟ୍ରୋଲ୍ ଗାଡ଼ି ଦାମରେ ଇଲେକ୍ଟ୍ରିକ ଯାନ (ଇଭି) ମିଳିବ ବୋଲି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତୀନ ଗଡ଼କରୀ କହିଛନ୍ତି । ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଗଡ଼କରୀ କହିଥିଲେ ଯେ ଖଣିଜ ଇନ୍ଧନ ଉପରେ ନିର୍ଭରଶୀଳତା ଦେଶକୁ ଅର୍ଥନୈତିକ ସ୍ତରରେ ଦୁର୍ବଳ କରୁଥିବା ବେଳେ ପରିବେଶଜନିତ ସମସ୍ୟା ସୃଷ୍ଟି କରୁଛି । ତେଲ କିଣାରେ ଭାରତ ବର୍ଷକୁ ୨୨ ଲକ୍ଷ କୋଟି ଟଙ୍କା ବ୍ୟୟ କରୁଛି । ସେ କହିଥିଲେ ଯେ ନିକଟରେ ଜିଏସ୍ଟିରେ ହୋଇଥିବା ସଂସ୍କାର ପ୍ରଭାବରେ ବିଭିନ୍ନ ଗାଡ଼ିର ଦାମ୍ କମିଛି । ସବୁ କମ୍ପାନି ସେମାନଙ୍କ ବିଭିନ୍ନ ମଡେଲର ଦାମ୍ କମ୍ କରିଛନ୍ତି । ସେ ସୂଚନା ଦେଇଥିଲେ ଯେ ପରିବହନ ମନ୍ତ୍ରୀ ଭାବେ କାମ କରିବା ଲାଗି ତାଙ୍କୁ ଯେତେବେଳେ ସୁଯୋଗ ମିଳିଥିଲା, ସେହି ସମୟରେ ଦେଶର ଅଟୋମୋବାଇଲ୍ ବଜାର ୧୪ ଲକ୍ଷ କୋଟି ଟଙ୍କା ଥିଲା । ବର୍ତ୍ତମାନ ତାହା ୨୨ ଲକ୍ଷ କୋଟି ଟଙ୍କାକୁ ବଢିଛି । ଇଥାନଲ୍ ସମ୍ପର୍କରେ ଆଲୋଚନା କରି ଗଡ଼କରୀ କହିଛନ୍ତି ଯେ ମକାରୁ ଇଥାନଲ ଉତ୍ପାଦନ କରି ଚାଷୀମାନେ ଅତିରିକ୍ତ ୪୫,୦୦୦ କୋଟି ଟଙ୍କା ଆୟ କରିପାରିଛନ୍ତି । ନିକଟରେ ଇଥାନଲ୍ ମିଶା ପେଟ୍ରୋଲ ବିକ୍ରିକୁ ନେଇ ତାଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା ।ସେହି ପେଟ୍ରୋଲ ଦ୍ୱାରା ଗାଡ଼ିର ଯନ୍ତ୍ରାଂଶ ଖରାପ ହେଉଥିବା ଅଭିଯୋଗ ହୋଇଥିଲା । ସରକାର କିନ୍ତୁ ସେହି ଅଭିଯୋଗକୁ ଦୃଢ ଭାବେ ଖଣ୍ଡନ କରିଛନ୍ତି ।ଏନେଇ କୋର୍ଟରେ ଦାଖଲ ହୋଇଥିବା ଜନସ୍ୱାର୍ଥ ମାମଲା ମଧ୍ୟ ଖାରଜ ହୋଇଯାଇଛି ।

## ଆମେରିକୀୟ ପ୍ରତିନିଧି ଦଳ ସହ ମତବିନିମୟ କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ୱାଲ୍ଟର ରସେଲ୍ ମେଡ୍‌ଙ୍କ ନେତୃତ୍ୱାଧୀନ ଆମେରିକୀୟ ବିଚାରକ ଏବଂ ବ୍ୟବସାୟ ନେତୃବର୍ଗଙ୍କର ଏକ ପ୍ରତିନିଧି ଦଳ ସହ ମତବିନିମୟ କରିଛନ୍ତି ।ଭାରତ-ଆମେରିକା ସମ୍ପର୍କକୁ ସୁଦୃଢ କରିବା ଏବଂ ବିଶ୍ୱ ଶାନ୍ତି, ପ୍ରଗତି ଓ ସମୃଦ୍ଧି ପାଇଁ ଦୁଇ ଦେଶର ଭାଗିଦାରୀକୁ ଆଗେଇ ନେବା ଲାଗି ସେମାନଙ୍କର ଯୋଗଦାନକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି । ପ୍ରଧାନମନ୍ତ୍ରୀ ଏକ୍ସରେ ପୋଷ୍ଟ କରିଛନ୍ତି "ୱାଲ୍ଟର ରସେଲ୍ ମେଡ୍‌ଙ୍କ ନେତୃତ୍ୱାଧୀନ ଆମେରିକୀୟ ବିଚାରକ ଏବଂ ବ୍ୟବସାୟ ନେତୃବର୍ଗଙ୍କର ଏକ ପ୍ରତିନିଧି ଦଳ ସହ ମତବିନିମୟ କରିବା ଖୁସିର ବିଷୟ ।ଭାରତ-ଆମେରିକା ସମ୍ପର୍କକୁ ସୁଦୃଢ଼ କରିବା ଏବଂ ବିଶ୍ୱ ଶାନ୍ତି, ପ୍ରଗତି ଓ ସମୃଦ୍ଧି ପାଇଁ ଦୁଇ ଦେଶର ଭାଗିଦାରୀକୁ ଆଗେଇ ନେବା ଲାଗି ସେମାନଙ୍କର ଯୋଗଦାନ ମୂଲ୍ୟବାନ ।

## ବିକଶିତ ଭାରତ ବିଲ୍ଡଥନ୍ ୨୦୨୫
## ବିଦ୍ୟାଳୟସ୍ତରୀୟ ଉଦ୍ଭାବକଙ୍କ ଲାଗି ଦେଶବ୍ୟାପୀ କାର୍ଯ୍ୟକ୍ରମ




**ନୂଆଦିଲ୍ଲୀ:** ନୀତି ଆୟୋଗର ଅଟଳ ନବୋନ୍ମେଷ ମିଶନର ସହଭାଗିତାରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧୀନ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଦ୍ୱାରା ଦେଶବ୍ୟାପୀ ଏକ ନୂତନ ଉଦ୍ଭାବନ ଅଭିଯାନ ବିକଶିତ ଭାରତ ବିଲ୍ଡାଥନ୍ ୨୦୨୫ ଆୟୋଜନ କରାଯାଉଛି ।ଏହି ସର୍ବବୃହତ ସ୍କୁଲ ହାକାଥନର ଲକ୍ଷ୍ୟ ହେଉଛି, ସ୍କୁଲ ସ୍ତରରେ ନବସୃଜନର ସଂସ୍କୃତିକୁ ସୁଦୃଢ଼ କରିବା, ଛାତ୍ରଛାତ୍ରୀମାନଙ୍କୁ ଚାରୋଟି ବିଷୟବସ୍ତୁ: ଆତ୍ମନିର୍ଭର ଭାରତ, ସ୍ୱଦେଶୀ, ଭୋକାଲ୍ ଫର୍ ଲୋକାଲ ଏବଂ ସମୃଦ୍ଧ ଭାରତ ଉପରେ ନୂଆ ଉପାୟ କିମ୍ବା ପ୍ରୋଟୋଟାଇପ୍ ନିର୍ମାଣ କରିବାକୁ ଉତ୍ସାହିତ କରିବା । ବିଲ୍ଡଥନର ଲକ୍ଷ୍ୟ ହେଉଛି ଆମ ଯୁବପିଢ଼ିଙ୍କ ମଧ୍ୟରେ ନବସୃଜନ, ସୃଜନଶୀଳତା ଏବଂ ସମସ୍ୟା ସମାଧାନକୁ ପ୍ରୋତ୍ସାହିତ କରିବା ଯାହା ଦ୍ୱାରା ସେମାନେ ଏକ ସମୃଦ୍ଧ, ବିକଶିତ ଏବଂ ଆତ୍ମନିର୍ଭରଶୀଳ ଭାରତର ପ୍ରମୁଖ ବାହକ ହୋଇପାରିବେ । ବିଲ୍ଡଥନ୍ ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ ଅନୁଯାୟୀ ବ୍ୟବହାରିକ, ଅଭିଜ୍ଞତାମୂଳକ ଶିକ୍ଷା ପ୍ରଦାନ କରିବଛ ଏହା ଆକାଂକ୍ଷୀ ଜିଲ୍ଲା, ଜନଜାତୀୟ ଏବଂ ଦୂରବର୍ତ୍ତୀ ଅଞ୍ଚଳ ଉପରେ ବିଶେଷ ଧ୍ୟାନ ଦେବା ସହିତ ସମାବେଶୀ ଭାଗିଦାରୀ ସୁନିଶ୍ଚିତ କରିବ । ଏହାର ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ପଞ୍ଜୀକରଣ ଏବଂ ଅନ୍ତିମ ଆବେଦନ (ବିଚାର ଓ ପ୍ରୋଟୋଟାଇପ୍) ଲାଗି ଏକ ସମର୍ପିତ ଜାତୀୟ ପୋର୍ଟାଲ ପ୍ରସ୍ତୁତ କରାଯାଇଛି । ୩ରୁ ୫ ଛାତ୍ରଛାତ୍ରୀଙ୍କ ଏକ ଦଳ ବିଲ୍ଡଥନରେ ଭାଗ ନେବ ଏବଂ ଭିଡିଓ ରୂପରେ ଆବେଦନ (ବିଚାର ଓ ପ୍ରୋଟୋଟାଇପ୍) ଉପସ୍ଥାପନ କରିବେ ।

# ଆଇପିଏସ୍‌ଙ୍କ ସୁଇସାଇଟ୍ ନୋଟ୍‌ରେ ସାଂଘାତିକ ତଥ୍ୟ



**ଚଣ୍ଡିଗଡ଼:** ଘର ଭିତରେ ନିଜକୁ ନିଜେ ଗୁଳି କରି ଜୀବନ ହାରିଥିବା ହରିୟାଣାର ବରିଷ୍ଠ ଆଇପିଏସ ୱାଇ ପୂରନ କୁମାରଙ୍କୁ ନେଇ ବଡ଼ ଖବର ଆସିଛି। ମଙ୍ଗଳବାର ଚଣ୍ଡିଗଡ଼ର ସେକ୍ଟର ୧୧ ସ୍ଥିତ ବାସଭବନରୁ ପୂରନ କୁମାରଙ୍କ ରକ୍ତାକ୍ତ ମୃତଦେହ ମିଳିଥିଲା। ଘଟଣାର ତଦନ୍ତ ଚାଲିଥିବା ବେଳେ ଆତ୍ମହତ୍ୟା ପୂର୍ବରୁ ପୂରନ କୁମାର ଲେଖିଥିବା ୮ ପୃଷ୍ଠାର ଚିଠି ପୁଲିସ୍ ହାତରେ ଲାଗିଛି । ଏଥିରେ ତାଙ୍କୁ କେମିତି ବରିଷ୍ଠ ପୁଲିସ ଅଧିକାରୀମାନେ ମାନସିକ ନିର୍ଯାତନା ଦେଉଥିଲେ, ତା'ର ବିସ୍ତୃତ ତଥ୍ୟ ରହିଛି । ମାନସିକ ନିର୍ଯାତନା ସହି ନ ପାରି ପୂରନ କୁମାର ନିଜ ସର୍ଭିସ ବନ୍ଧୁକରୁ ଗୁଳି ଚଳାଇ ଆତ୍ମହତ୍ୟା କରିଥିଲା । ଘରର ବେସମେଣ୍ଟରୁ କୁମାରଙ୍କ ମୃତଦେହକୁ ପ୍ରଥମେ ତାଙ୍କ ଝିଅ ଠାବ କରିଥିଲେ ।

ପୂରନ କୁମାରଙ୍କ ପତ୍ନୀ ଜଣେ ଆଇଏଏସ୍ । ଘଟଣା ବେଳେ ସେ ସରକାରୀ କାମରେ ଜାପାନରେ ଗସ୍ତରେ ଥିଲେ । ଖବର ପାଇ ଆଜି ସେ ଭାରତ ଫେରିଛନ୍ତି । ଏସବୁ ଭିତରେ ପୁଲିସକୁ ୮ ପୃଷ୍ଠାର ଚିଠି ମିଳିଛି । ଗୋଟିଏ ଲାଞ୍ଚ ମାମଲାରେ ଆଇପିଏସ୍ କୁମାରଙ୍କ ନାଁ ଯୋଡ଼ି ହେବାରୁ ଏହାକୁ ନେଇ ସେ ଚିନ୍ତାରେ ଥିଲେ । ଜଣେ ମଦ କଣ୍ଟ୍ରାକ୍ଟରଙ୍କ ଅଭିଯୋଗ ଆଧାରରେ ତାଙ୍କ ନାଁକୁ ଲାଞ୍ଚ ମାମଲାରେ ଯୋଡ଼ା ଯାଇଥିଲା । ସୋମବାର ରୋହତକ ପୁଲିସ୍ ମଦ କଣ୍ଟ୍ରାକ୍ଟରଙ୍କ ଅଭିଯୋଗ ଆଧାରରେ ଗୋଟିଏ ଏଫଆଇଆର ରୁଜୁ କରିଥିଲା । କଣ୍ଟ୍ରାକ୍ଟର ଜଣଙ୍କ କହିଥିଲେ ଯେ ଆଇପିଏସ୍ ପୂରନ କୁମାରଙ୍କ ସହଯୋଗୀ ସୁଶୀଲ କୁମାର ତାଙ୍କୁ ଅଫିସରଙ୍କ ନାଁରେ ୨.୫ ଲକ୍ଷ ଟଙ୍କାର ଲାଞ୍ଚ ମାଗୁଛନ୍ତି । ମଦ କଣ୍ଟ୍ରାକ୍ଟରଙ୍କ ଅଭିଯୋଗ ପରେ ପୁଲିସ୍ ତୁରନ୍ତ ସୁଶୀଲ କୁମାରଙ୍କୁ ଗିରଫ କରିଥିଲା । ଏଥିସହ ଏଫଆଇଆରରେ ପୂରନ କୁମାରଙ୍କ ନାଁ ଯୋଡ଼ିଥିଲା । ତେବେ ଉକ୍ତ ଏଫଆଇଆର ଏଯାଏ ଅନଲାଇନରେ ଅପଲୋଡ ହୋଇନାହିଁ । ଏବେ ପୁଲିସ୍ ହାତରେ ଲାଗିଥିବା କୁମାରଙ୍କ ୮ ପୃଷ୍ଠାର ଚିଠରେ ତାଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିବା ସେ କହିଛନ୍ତି । ଏହା ପଛରେ ଥିବା ୧୦ ଜଣ କାର୍ଯ୍ୟରତ ଓ ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀଙ୍କ ନାଁ ମଧ୍ୟ ଚିଠିରେ ଉଲ୍ଲେଖ ରହିଛ ।

ଚିଠିରେ ସେ ଦାବି କରିଛନ୍ତି ଯେ ତାଙ୍କୁ ନିୟମିତ ଭାବେ ଅନେକ ବରିଷ୍ଠ ଅଧିକାରୀମାନେ ମାନସିକ ନିର୍ଯାତନା ଦେଇ ଚାଲିଥିଲେ । ସେମାନେ ମିଳିତ ଭାବେ ତାଙ୍କ ପୁଲିସ କ୍ୟାରିୟରକୁ ବରବାଦ କରିବାକୁ ଧମକ ଦେଇଥିଲେ । ବାରମ୍ବାର ସିନିୟରମାନେ ଏପରି କରୁଥିବାରୁ ଏହାକୁ ତାଙ୍କ ପକ୍ଷେ ସହିବା ଆଉ ସମ୍ଭବ ହେଉ ନଥିବା ମଧ୍ୟ ସେ ଚିଠିରେ ଲେଖିଛନ୍ତି । ଆତ୍ମହତ୍ୟା କରିବା ପୂର୍ବରୁ ସେ ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନିଙ୍କୁ ଚିଠି ଲେଖି ଆଇପିଏସ୍ ଅଧିକାରୀଙ୍କୁ ମିଳୁଥିବା ପଦୋନ୍ନତି ଉପରେ ପ୍ରଶ୍ନ ଉଠାଇଥିଲେ । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଜାରି କରିଥିବା ଗାଇଡଲାଇନକୁ ଉଲ୍ଲଙ୍ଘନ କରି ପଦୋନ୍ନତି ଦିଆଯାଉଥିବା ମଧ୍ୟ ସେ କହିଥିଲେ ।ଏହାକୁ ନେଇ କିଛି ଆଇପିଏସ୍‌ଙ୍କ ସହ ତାଙ୍କର ତିକ୍ତତା ଲାଗି ରହିଥିଲା ।

ସମୟ
ପ୍ରତିଷ୍ଠାତା : ବସନ୍ତ କୁମାର ବିଶ୍ୱାଳ
ଊନତ୍ରିଂଶତ୍ତମ ବିଶେଷାଙ୍କ

# ସଞ୍ଜୁଙ୍କ ପ୍ରତି ଅନ୍ୟାୟ ହେଉନି ତ ?



ନୂଆଦିଲ୍ଲୀ,୮।୧୦(ଏଜେନ୍ସି): ଭାରତୀୟ କ୍ରିକେଟର ସଞ୍ଜୁ ସାମସନ ୧୯ ବର୍ଷରୁ କମ ବିଶ୍ୱକପରୁ ଏପର୍ଯ୍ୟନ୍ତ ପ୍ରଦର୍ଶନ ମାଧ୍ୟମରେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ତେବେ ଭାରତୀୟ ଦଳରେ ତାଙ୍କୁ ଉପଯୁକ୍ତ ସୁଯୋଗ ଦିଆଯାଉ ନାହିଁ। ଯାହାକୁ ନେଇ ସଞ୍ଜୁଙ୍କ କ୍ୟାରିୟର ଦୋଛକିରେ।୨୦୧୪ରେ୧୯ ବର୍ଷରୁ କମ ବିଶ୍ୱକପରେ ଭାରତର ପ୍ରଦର୍ଶନ ସନ୍ତୋଷଜନକ ରହିନଥିଲା। ଏହି ବିଶ୍ୱକପ ପରେ ଭାରତକୁ ଶ୍ରେୟାସ ଆୟର, କୁଲଦୀପ ଯାଦବ ଓ ସଞ୍ଜୁଙ୍କ ପରି ଖେଳାଳି ଭାରତକୁ ଖେଳାଳି ମିଳିଥିଲେ। ସଞ୍ଜୁଙ୍କ ବିସ୍ଫୋରକ ବ୍ୟାଟିଂ ସମସ୍ତ ଦୃଷ୍ଟି ଆକର୍ଷଣ କରିଥିଲା। ପୁରଣଙ୍କ ପରେ ସେ ଦ୍ୱିତୀୟ ସର୍ବାଧିକ ୧୩ ଛକା ମାରିଥିଲେ। ୨୦୧୩ରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଆଇପିଏଲ୍ ଖେଳିଥିଲେ। ଦୁଇଟି ସିଜନରେ ୨୪ ମ୍ୟାଚ ଖେଳିଥିଲେ। ଏଥିରେ ୨୨ଟି ଛକା ଓ ୪୪ଟି ଚୌକା ଥିଲା। ୨୦୧୫ରେ ଅନ୍ତର୍ଜାତୀୟ ଟି-୨୦ରେ ପଦାର୍ପଣ କରିଥିଲେ। ଜିମ୍ବାୱେ ଓ ଶ୍ରୀଲଙ୍କା ବିପକ୍ଷରେ ଗୋଟିଏ ଲେଖାଏଁ ମ୍ୟାଚ ଖେଳିଥିଲେ। ପୁଣି ୨୦୨୦ରେ ଆଇପିଏଲରେ ଭଲ ପ୍ରଦର୍ଶନ କରିବା ପରେ ତାଙ୍କୁ ଅନ୍ତର୍ଜାତୀୟ ମ୍ୟାଚ ଖେଳିବା ପାଇଁ ସୁଯୋଗ ମିଳିଥିଲା। ଏହା ସତ୍ତ୍ୱେ ସେ ନିୟମିତ ସଦସ୍ୟ ହୋଇପାରିନଥିଲେ। ମହେନ୍ଦ୍ର ସିଂ ଧୋନିଙ୍କ ପରେ ରିଷଭ ପନ୍ତ ଓ ଲୋକେଶ ରାହୁଲଙ୍କୁ ଯେତିକି ସୁଯୋଗ ଦିଆଯାଇଛି, ସାମସନଙ୍କୁ ସେତିକି ସୁଯୋଗ ମିଳିନାହିଁ। ୨୦୨୪ ଟି-୨୦ ବିଶ୍ୱକପ୍ ରେ ପନ୍ତଙ୍କ ସହ ସଞ୍ଜୁଙ୍କୁ ନିଆଯାଇଥିଲା। ମାତ୍ର ସେ ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ବେଞ୍ଚରେ ବସିଥିଲେ। ଗୌତମ ଗମ୍ଭୀର ଟିମ୍ ଇଣ୍ଡିଆର କୋଚ ହେବା ପରେ ସଞ୍ଜୁଙ୍କୁ ଓପନି ସୁଯୋଗ ମିଳିଛି। ୫ ମାସ ମଧ୍ୟରେ ସେ ୩ଟି ଶତକ ମାରିଥିଲେ।

# ଦିନିକିଆ ଫୁଟବଲ : ବରାହିପୁର ଚାମ୍ପିଅନ

କଣ୍ଟାପଡା,୮।୧୦(ସବ୍ୟୁ): କଣ୍ଟାପଡାବ୍ଲକ ଅନ୍ତର୍ଗତ ପ୍ରାଚୀ ଏକାଡମୀ ଖେଳପଡିଆରେ ଅଡଶପୁର ମିଟୁ ମେଡିସିନଷ୍ଟୋର ତରଫରୁ ଦ୍ୱିତିୟ ବର୍ଷ ଦିନିକିଆ ଫୁଟବଲ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଞ୍ଚଳର ମୋଟ ୮ଗୋଟି ବଛାବଛା ଦଳ ଯଥା ବରାହିପୁର, ବିଳାସୁଣୀ, ମହିନୀପୁର, ସାଇଁସ, ବଜାରସାହି, ଗବସ୍ତ, ଦିଗୀ ଓ ଅଡଶପୁର ଦଳ ଭାଗ ନେଇଥିଲେ ।ସେମିଫାଇନାଲ୍‌ରେ ବରାହିପୁରସାଇଁସକୁ ୧-୦ ଗୋଲରେ ପରାସ୍ତ କରିଥିବା ବେଳେ ଅଡଶପୁର ଗବସ୍ତକୁ ଟ୍ରାଇବେକର ମାଧ୍ୟମରେ ୪-୨ ଗୋଲରେ ହରାଇ ଫାଇନାଲକୁ ଉତ୍ତିର୍ଣ୍ଣ ହୋଇଥିଲା । ଫାଇନାଲରେ ବରାହିପୁର ଓ ଅଡଶପୁର ମଧ୍ୟରେ ଏକ ସଂଘର୍ଷପୂର୍ଣ୍ଣ ପ୍ରତିଯୋଗିତାରେ ବରାହିପୁର ଅଡଶପୁରକୁ ୧-୦ ଗୋଲରେ ହରାଇ ଚଳିତ ବର୍ଷ ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲା ।

## ଆନ୍ତଃଜିଲ୍ଲା ଅସିଚାଳନା ପ୍ରତିଯୋଗିତା

# ବଲାଙ୍ଗୀରକୁ ୧୦, ଭୁବନେଶ୍ୱରକୁ ୩ ପଦକ

## କ୍ରୀଡା ସାମ୍ବାଦିକ ବିମଳ ସମ୍ବର୍ଦ୍ଧିତ



ଭୁବନେଶ୍ୱର,୮।୧୦(ସବ୍ୟୁ): ଓଡ଼ିଶା ଅଶୀଚାଳନା ସଂଘ ଆନୁକୁଲ୍ୟରେ କଟକର ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଚତୁର୍ଥ ଅଶୀଚାଳନା ପ୍ରତିଯାଗିତା ଉଦଘାଟିତ ହୋଇଛି। ଏହି ପ୍ରତିଯୋଗିତା ୩ ଦିନ ଧରି ଚାଲିବ। ମୁଖ୍ୟ ଅତିଥି ଭାବେ ବିଜୟ ଦାସ, ନୟନ ମହାନ୍ତି, ଅଜୟ କୁମାର ବେହେରା, କିଶୋର ବେହେରା, ଅଶୋକ କୁମାର ସାହୁ, ପ୍ରସନ୍ନ ରାଉତ, ସମ୍ପାଦକ ଦେବେନ୍ଦ୍ର ସାହୁ, ଉପସଭାପତି ରମେଶ ମଲ୍ଲିକ, ସାଂଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ପ୍ରମୁଖ ଉପସ୍ଥିତ ରହି ଉଦଘାଟନ କରିଥିଲେ। ପ୍ରତିଯୋଗିତାରେ ୧୦ଟି ଜିଲ୍ଲାରୁ ୩୦୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି।

ବିଜୁ ପଟ୍ଟନାୟକ କ୍ରୀଡା ସାମ୍ବାଦିକ ପୁରସ୍କାରପ୍ରାପ୍ତ ବିମଳ କୁମାର ରାଉଳଙ୍କୁ ଅଶୀଚାଳନା ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସମ୍ପାଦକ ଦେବେନ୍ଦ୍ର ସାହୁଙ୍କୁ ଜାତୀୟ ଅଶୀଚାଳନା ସଂଘ କୋଷାଧ୍ୟକ୍ଷ ମନୋନୀତ କରାଯାଇଥିବାରୁ ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

ଉପକନିଷ୍ଠ ବାଳିକାବର୍ଗରେ ଇଫି ଇଭେଣ୍ଟରେ ବଲାଙ୍ଗୀରର ଅଭିପ୍ସା ରାଣୀ ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଭୁବନେଶ୍ୱରର ହିମାଦ୍ରୀ ସୁନାନୀ ଦ୍ୱିତୀୟ, ସମ୍ବଲପୁରର ହର୍ଷିତା ନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସାବର ଇଭେଣ୍ଟରେ ବରନ୍ୟ ଗୌତମୀ ବରାଳ, ବଲାଙ୍ଗୀର ଆରୋଶୀ ସାହୁ, ପାୟଲ ବାରିକ ତୃତୀୟ ସ୍ଥାନରେ ରହିଛନ୍ତି। ଫଏଲବର୍ଗରେ ଭୁବନେଶ୍ୱର ପ୍ରଜ୍ଞାନ ମହାନ୍ତି ପ୍ରଥମ, ଇସି ପ୍ରଜ୍ଞା ସ୍ୱାଇଁ ଦ୍ୱିତୀୟଓ ସାରିକା ପଟେଲ ତୃତୀୟସ୍ଥାନ ଅଧିକାର କରିଛନ୍ତି। ବାଳକ ବିଭାଗର ସାବର ଇଭେଣ୍ଟରେ ବଲାଙ୍ଗୀର କାହ୍ନା ଗଡତିୟା ପ୍ରଥମ ସ୍ଥାନ, ଆକାଶ ପ୍ରଧାନ ଦ୍ୱିତୀୟ, ସୌମ୍ୟ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଇପି ଇଭେଣ୍ଟରେ ବଲାଙ୍ଗୀରର ବିଭୂତି ଶଙ୍କର ପଟେଲ ପ୍ରଥମ ସ୍ଥାନ ଦିବ୍ୟାଂଶୁ ହାହାଲିଆ ଦ୍ୱିତୀୟ ଏବଂ ରୁଦ୍ରାଂଶ ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମ ଦିନ ବଲାଙ୍ଗୀର ୧୦ଟି ପଦକ ଜିତିଥିବା ବେଳେ ଭୁବନେଶ୍ୱରକୁ ୩ଟି ପଦକ ସଫଳତା ମିଳିଛି।


# ଓଡ଼ିଶା ହ୍ୱିଲଚେୟାର ରଗବୀ ଦଳକୁ ସମ୍ବର୍ଦ୍ଧନା




ଭୁବନେଶ୍ୱର,୮।୧୦(ସବ୍ୟୁ): ଓଡ଼ିଶା ହ୍ୱିଲଚେୟାର ରଗବୀ ଦଳ ସପ୍ତମ ଜାତୀୟ ହ୍ୱିଲଚେୟାର ରଗବୀ ଚାମ୍ପିଅନସିପରେ ଚାମ୍ପିଅନ୍ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଅତୁଳନୀୟ ଉତ୍ସାହ, ଶୃଙ୍ଖଳା ଏବଂ ଦଳଗତ କାର୍ଯ୍ୟ ପାଇଁ ଜାତୀୟସ୍ତରରେ ସୁନାମ ଅର୍ଜନ କରିପାରିଛନ୍ତି। ଏହି ଦଳରେ ଥିବା ୩ ଜଣ ସଦସ୍ୟ ସଡକ ଦୁର୍ଘଟଣା ଯୋଗୁଁ ଦିବ୍ୟାଙ୍ଗ ପାଲଟି ଯାଇଛନ୍ତି। ଏହି ଉଲ୍ଲେଖନୀୟ ସଫଳତାକୁ ସମ୍ମାନ ଜଣାଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଚାମ୍ପିଅନ୍ ଦଳର ସମସ୍ତ ସଦସ୍ୟ କୋଚ୍ ଓ ମେଣ୍ଟରଙ୍କୁ ସମ୍ମାନୀତ କରାଯାଇଛି। ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ, ଆୟୁକ୍ତ ଅମିତାଭ ଠାକୁର, କ୍ରୀଡା ନିର୍ଦ୍ଦେଶକ ୟେଦୁଲ୍ଲା ବିଜୟ ପ୍ରମୁଖ ଅଭିନନ୍ଦନ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ଓଡ଼ିଶା ହ୍ୱିଲଚେୟାର ରଗବୀ ଦଳର ଅଧିନାୟକ ଗୌତମ ସିଂଙ୍କ ସମେତ ବିକ୍ରମାଦିତ ଜେନା, ପ୍ରଶାନ୍ତ ନାୟକ, ସୁଜିତ କୁମାର ନନ୍ଦ, ଆକାଶ ବନଛୋର, ଲିଟନ ସାହୁ, ସୁଧୀର ମଲ୍ଲିକ, ମୁରଲୀ ବେନିଆ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏନ୍ ସମ୍ପାଦକ କମଲାକାନ୍ତ ରଥ ଉପସ୍ଥିତ ଥିଲେ।

# ମହିଳା ବିଶ୍ୱକପ୍ :ପାକିସ୍ତାନର ହ୍ୟାଟ୍ରିକ୍ ପରାଜୟ

କଲମ୍ବୋ,୮।୧୦(ଏଜେନ୍ସି): ଚଳିତ ମହିଳା ଦିନିକିଆ ବିଶ୍ୱକପରେ ପାକିସ୍ତାନର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି। ଲିଗ୍ ପର୍ଯ୍ୟାୟରେ ପାକିସ୍ତାନ ହ୍ୟାଟ୍ରିକ୍ ମ୍ୟାଚ ହାରିଛି। ବୁଧବାର ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚକୁ ପାକିସ୍ତାନ ୧୦୭ ରନ୍ ବ୍ୟବଧାନରେ ହାରିଯିବା ସହ ଏହି ଖରାପ ରେକର୍ଡର ଅଧିକାର ହୋଇଛି। ଏହି ମ୍ୟାଚରେ ଅଷ୍ଟ୍ରେଲିଆ ୫୦ ଓଭରରେ ୯ ୱିକେଟ୍ ହରାଇ ୨୨୧ ରନ୍ କରିଥିଲା। ଜବାବରେ ପାକିସ୍ତାନ ୩୬.୩ ଓଭରରେ ୧୧୪ ରନ୍ କରି ଅଲଆଉଟ୍ ହୋଇଥିଲା। ୧୦୯ ରନର ଶତକୀୟ ଇନିଂସ ଖେଳିଥିବା ବେଥ ମୋନୀଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା। ୩ ମ୍ୟାଚରୁ ୬ ପଏଣ୍ଟ ସହ ଅଷ୍ଟ୍ରେଲିଆ ଟେବୁଲର ଶୀର୍ଷରେ ରହିଛି।




# ୧୪ରୁ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ




ଭୁବନେଶ୍ୱର, ୮।୧୦(ସବ୍ୟୁ): ଭୁବନେଶ୍ୱର ଭେଟେରାନ ଫୁଟବଲ ଖେଳାଳି ସଂଘ ଆନୁକୂଲ୍ୟରେ ଚଳିତ ମାସ ୧୪ ତାରିଖରୁ ୟୁନିଟ୍-୧ ଫୁଟବଲ ଏକାଡେମୀ ଖେଳ ପଡ଼ିଆରେ ୩ୟ ୟୁନିଲାଇଟ୍ କପ୍ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁଯାଉଛି। ୧୪ ତାରିଖରେ ଉଦଘାଟନୀ ଏବଂ ୨୩ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ୯ଟି ଦଳ ଭାଗ ନେବେ। ଦଳ ଗୁଡିକ ହେଲେ ୟୁନିଟ୍-୧ ବାଳକ ବିଦ୍ୟାଳୟ, ୟୁନିଟ୍-୩ ବାଳକ ଉଚ୍ଚବିଦ୍ୟାଳୟ, ୟୁନିଟ୍-୧ ମଦର୍ସ ପବ୍ଲିକ୍ ସ୍କୁଲ, ସାଇ ଇଣ୍ଟରନ୍ୟାସନାଲ ସ୍କୁଲ, ବିକାଶ ରେସିଡେନସିଆଲ ସ୍କୁଲ (କଣ୍ଟାବାଡ), ଓଡିଏମ୍ ପବ୍ଲିକ୍ ସ୍କୁଲ (ଗଣ୍ଡରପୁର) ଏବଂ ଜଟଣୀ ହାଇସ୍କୁଲ। ଟୁର୍ଣ୍ଣାମେଣ୍ଟ ନକଆଉଟ୍ ପର୍ଯ୍ୟାୟରେ ଖେଳାଯିବ। ବିଜୟୀ ଦଳକୁ କପ୍ ସହ ୧୫ ହଜାର ଟଙ୍କା, ରନର୍ସ ଅଫ୍ ଦଳକୁ ଟ୍ରଫି ସହ ୧୦,୦୦୦ ଟଙ୍କା, ତୃତୀୟ ସ୍ଥାନ ଦଳକୁ ୭୦୦୦, ଚତୁର୍ଥ ସ୍ଥାନ ଦଳକୁ ୫୦୦୦ ଅର୍ଥ ରାଶି ଟଙ୍କା ଦିଆଯିବ ବୋଲି ସଂଘ ତରଫରୁ ସୂଚନା ଦିଆଯାଇଛି। ମ୍ୟାନ୍ ଅଫ୍ ଦ ମ୍ୟାଚ, ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯିବ। ବୁଧବାର ସାମ୍ବାଦିକ ସମ୍ମିଳନୀରେ ସଭାପତି ନବରଞ୍ଜନ ପଟ୍ଟନାୟକ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର, ୟୁନିଲାଇଟ୍ କମ୍ପାନୀ ପର୍ଯ୍ୟାବେକ୍ଷକ ଦେବବ୍ରତ ମହାନ୍ତି, ଉପସଭାପତି ପ୍ରଦୀପ କୁମାର ବଳିଆର ସିଂ, ବିରଞ୍ଚି ନାରାୟଣ ମହାନ୍ତି, ଚିନ୍ମୟ କୁମାର ଦାସ, ଶ୍ରୀମନ୍ତ କୁମାର ମହାନ୍ତି, ମଧୁସୂଦନ ଦାସ, ମହେଶ୍ୱର ସିଂ, ପ୍ରଶାନ୍ତ ପ୍ରଧାନ, ପ୍ରଦୀପ କୁମାର ଦାସ, ଶଙ୍କର ପ୍ରତାପ ଦାସ, ବିଳାସ ଚନ୍ଦ୍ର ବେହେରା, ଅଶୋକ ରାଉତରାୟ ଓ ଦେବାଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

# ପାଲଲହଡା କପ: ସେମିରେ ରାଉରକେଲା

ପାଲଲହଡା,୮।୧୦(ସବ୍ୟୁ): ଆଜିଠାରୁ ପାଲଲହଡା ଷ୍ଟାଡିଅମ ପରିସରରେ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ୩୭ତମ ପାଲଲହଡା କପର ଉଦଘାଟନୀ ମ୍ୟାଚ ବହୁ ରୋମାଂଚିତ ଓ ଚିତାକର୍ଷକ ଥିଲା !ଆଜିର ଏହି ଚିତାକର୍ଷକ ଉଦଘାଟନୀ ମ୍ୟାଚର ଖେଳ ଝାରସୁଗୁଡା ଜୟ ଯବାନ ଫୁଟବଲ କ୍ଲବ ଓ ରାଉରକେଲାୟଙ୍ଗ ବଏଜ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ସମ୍ପୂର୍ଣ ମ୍ୟାଚଟି ଉଭୟ ଦଳର ଏକ ଏକ ଗୋଲରେ ଖେଳ ଅମୀମାଂଶିତ ଥିଲା !ଶେଷରେ ଟାଇବ୍ରେକର ଜରିଆରେ ରାଉରକେଲାୟଙ୍ଗ ବଏଜ କ୍ଲବ ଏକାଦଶ ଝାରସୁଗୁଡା ଜୟ ଯବାନ କ୍ଲବ ଏକାଦଶକୁ ଚାରି ଶୂନ ଗୋଲରେ ପରାସ୍ତ କରି ସିଧାସଳଖ ପ୍ରଥମ ସେମିଫାଇନାଲ ଖେଳିବାକୁ ଏକ ମାତ୍ର ଦଳ ଭାବେ ବିବେଚିତ ହୋଇଛି !ଆଜିର ଉଦଘାଟନୀ ମ୍ୟାଚକୁ ରାଜ୍ୟସ୍ତରୀୟ ଖ୍ୟାତନାମା ରେଫରୀ ଦିଲ୍ଲୀପ ରାଉତ ଓ ସୁଜିତ ପାତ୍ର ପରିଚାଳନା କରୁଥିବାବେଳେ ସେମାନଙ୍କୁ ସହାୟତା ପ୍ରଦାନ କରୁଥିଲେ ଅନ୍ୟତମ ରେଫରୀ ଶଶିକାନ୍ତ ଦାସିଆ ଓ ସନ୍ତୋଷ ମାଝୀ !ଆୟୋଜକ ପାଲଲହଡା କପର ଅଧ୍ୟକ୍ଷ ସୁଧାଂଶୁ କପର୍ଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତି, ଦେବଗଡ଼ ଫୁଟବଲ ଆସୋସିଏସନର ସଭାପତି ତଥା ବରିଷ୍ଠ ବିଜେପି ନେତା ଅରୁଣ କୁମାର ସାହୁ ସ୍ୱତନ୍ତ୍ର ଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ଉପଖଣ୍ଡ ଆରକ୍ଷୀ ଅଧିକାରୀ କୈଳାସ ଚନ୍ଦ୍ର ସେଠି, ବରିଷ୍ଠ ବିଜେପି ନେତା ତଥା ବିଧାୟକ ଙ୍କ ପ୍ରତିନିଧି ଆଡ଼ଭୋକେଟ ତନ୍ମୟ କୁମାର ସାହୁ, ସାଂସଦ ଙ୍କ ପ୍ରତିନିଧି ତଥା ବରିଷ୍ଠ ବିଜେପି ନେତା ଲିଙ୍ଗରାଜ ଦାଶ, ପ୍ରାକ୍ତନ ସଭାପତି ରଘୁନନ୍ଦନ ଆଚାର୍ଯ୍ୟ ଙ୍କ ସମେତ କ୍ଲବର ସଭାପତି ନୀଳାମ୍ବର ପ୍ରଧାନ, ସାଧାରଣ ସମ୍ପାଦକ ଆଶିଷ କୁମାର ସାମଲ ପ୍ରମୁଖ ଯୋଗଦେଇ ଖେଳର ଶୁଭ ଉଦଘାଟନ କରି ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ !

VINAYAK VIDYA MANDIR, BHADRAK
TEMPLE OF LEARNING
ESTD - 2017
ବିନାୟକ ବିଦ୍ୟାମନ୍ଦିର
UDISE CODE : 21090207759
ଓଡ଼ିଶା ଶିକ୍ଷା ବିକାଶ ପରିଷଦ ଦ୍ୱାରା ପରିଚାଳିତ
ସମ୍ପୂର୍ଣ୍ଣ ଆବାସିକ ଓଡ଼ିଆ ମାଧ୍ୟମ ବିଦ୍ୟାଳୟ
ସାମରାଇପୁର, ପ୍ରାଚୀନଗର (ଆରଡ଼ି ଛକ), ଭଦ୍ରକ
Contact :
9437420936, 9437727845, 7847802172
7978240030, 8249603416, 7978618054

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି